

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ଗୁରୁବାର ୮ ଅକ୍ଟୋବର ୨୦୨୦ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ THURSDAY 8 OCTOBER 2020
Vol.No. 30 ■ No. 255 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019



SAI SADHANA SCIENCE HIGHER SECONDARY SCHOOL, UDALA
A Fully +2 Science Residential College
Dibyasingpur, Udala,
Dist: Mayurbhanj





2nd Admission is going on
SUMMER COURSE:- 2nd Batch Admission
Starts from: Dt.19.03.2020 and Class Starts
From:- 2nd April (Thursday)
ଏହି SUMMER COURSE FEE କେବଳ ମାତ୍ର
୪୦୦୦ଟଙ୍କା ରେ ଖାଇବା,ରହିବା ଓ ପଢ଼ିବା ର ସୁବ୍ୟବସ୍ଥା ରହିଛି ।
*For better development of students are taught by highly and well experienced faculties.*
Contact No: 9437294587, 9438232419, 9437443950,


# ଗଭର୍ଣ୍ଣର ହାଉସ ନିକଟ ପେଟ୍ରୋଲ ପମ୍ପରେ ଭୟଙ୍କର ବିସ୍ଫୋରଣ ଓ ଅଗ୍ନିକାଣ୍ଡ

## ୯ ଆହତ , ୨ ଗୁରୁତର : ଆହତଙ୍କ ପାଇଁ ମାଗଣା ଚିକିତ୍ସା ଘୋଷଣା କଲେ ମୁଖ୍ୟମନ୍ତ୍ରୀ





ଭୁବନେଶ୍ୱର,୭।୧୦ (ନି.ପ୍ର): ଭୁବନେଶ୍ୱରସ୍ଥିତ ଗଭର୍ଣ୍ଣର ହାଉସ ନିକଟ ପେଟ୍ରୋଲ ପମ୍ପରେ ବୁଧବାର ଭୟଙ୍କର ବିସ୍ଫୋରଣ ଘଟିଛି । ବିସ୍ଫୋରଣ ପରେ ସେଠାରେ ଅଗ୍ନିକାଣ୍ଡ ଘଟିଥିଲା । ଅଗ୍ନିଶମ ବାହିନୀ ଘଟଣା ସ୍ଥଳରେ ପହଂଚି ନିଆଁକୁ ଆୟତ କରିଛନ୍ତି । ଘଟଣାରେ ପ୍ରାୟ ୯ ଜଣ ଆହତ ହୋଇଥିବା ବେଳେ ୨ ଜଣ ଗୁରୁତର ହୋଇଛନ୍ତି । ସମସ୍ତ ଆହତଙ୍କୁ କ୍ୟାପିଟାଲ ହସ୍ପିଟାଲରେ ଭର୍ତି କରାଯାଇଥିଲା । ତେବେ ୨ ଗୁରୁତରଙ୍କୁ କଟକ ଏସସିବିକୁ ସ୍ଥାନାନ୍ତର କରାଯାଇଛି । ଅପରପକ୍ଷରେ କୌଣସି ଅଘଟଣ ଆଶଙ୍କାରେ ରାଜ ଭବନ ଛକରୁ ଏଜି ଛକ, ରାଜଭବନଛକରୁ ଗୋପବନ୍ଧୁ ଛକ ଏବଂ ପାୱାର ହାଉସ୍ ଛକଠାରୁ ରାଜଭବନ ଛକ ପର୍ଯ୍ୟନ୍ତ ରାସ୍ତାକୁ ସିଲ୍ କରାଯାଇଛି । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସମସ୍ତ ଆହତଙ୍କ ପାଇଁ ମାଗଣା ଚିକିତ୍ସା ଘୋଷଣା କରିବା ସହ ସେମାନଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି । ପ୍ରତ୍ୟକ୍ଷଦର୍ଶୀଙ୍କ ସୂଚନା ଅନୁସାରେ ବୁଧବାର ଅପରାହ୍ନରେ ରାଜଭବନ ନିକଟରେ ଥିବା ପେଟ୍ରୋଲ ପମ୍ପରେ ଲୋକମାନେ ପେଟ୍ରୋଲ ପକାଇବାକୁ ଛିଡାହୋଇଥିଲେ । ଏହି ସମୟରେ ହଠାତ୍ ଏକ ଭୟଙ୍କର ଶବ୍ଦ ହୋଇ ନିଆଁ ଲଗିଯାଇଥିଲା । କିଛି ସମୟ ପାଇଁ ଚାରିଆଡେ ଅନ୍ଧାର ହୋଇଯାଇଥିଲା । ପେଟ୍ରୋଲ ଭରିବାକୁ ଯାଇଥିବା ଲୋକ ଜୀବନ ବିକଳରେ ଗାଡି ଛାଡି ଛିନଛତ୍ର ହୋଇ ଯେ ଯୁଆଡେ ପାଇଥିଲେ ଦୌଡିଥିଲେ । ଦୁର୍ଘଟଣାଟି ଏତେ ଭୟଙ୍କର ଥିଲା ଯେ ଘଟଣାସ୍ଥଳରୁ ବହୁ ଦୂର ପର୍ଯ୍ୟନ୍ତ ପ୍ରଚଣ୍ଡ ଶବ୍ଦ ଶୁଣାଯାଇଥିଲା । ଆଖପାଖରେ ରହୁଥିବା ଲୋକମାନଙ୍କ ଘର ଦୋହିବାରେ ଲାଗିଥିଲା । ଭୂମିକମ୍ପ ଆଶଙ୍କାରେ ଲୋକମାନେ ଘରୁ ବାହାରକୁ ଚାଲି ଆସିଥିଲେ । ଘଟଣା ସମ୍ପର୍କରେ ସୂଚନା ପାଇ ତୁରନ୍ତ ୪ଟି ଅଗ୍ନିଶମ ଗାଡ଼ି ପହଂଚି ନିଆଁକୁ ଆୟତ କରିବାକୁ ଉଦ୍ୟମ କରିଥିଲେ । ଓଡ୍ରାଫ୍ ଟିମ୍ ମଧ୍ୟ ସେଠାରେ ପହଂଚି ଆହତମାନଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ କ୍ୟାପିଟାଲ ହସ୍ପିଟାଲକୁ ପଠାଇଥିଲା । ସେହିପରି ପୋଲିସ୍ କମିଶନର , ଭୁବନେଶ୍ୱର ଡିସିପି ଓ ଟ୍ରାଫିକ୍ ଡିସିପି ମଧ୍ୟ ଘଟଣା ସ୍ଥଳରେ ପହଂଚିଥିଲେ । ନିଆଁ ଆୟତ ହେବା ପରେ ସେଠାକାର ଦୃଶ୍ୟ ବିଭତ୍ସ ଥିଲା । ପେଟ୍ରୋଲ ପମ୍ପଟି ଧ୍ୱଂଶବିଧ୍ୱସ୍ତ ହୋଇପଡିଥିଲା । ଫିଲିଂ ଷ୍ଟେସନ୍ ର ଅଂଶ ଗୁଡିକ ଇତଃସ୍ତତ ହୋଇ ପଡିଥିଲା । ସେଠାରେ ଏକ ବଡ ଗର୍ତ ସୃଷ୍ଟି ହୋଇଥିଲା । ପେଟ୍ରୋଲ ପକାଇବାକୁ ଆସିଥିବା ଲୋକଙ୍କ ଗାଡି ଏପଟ ସେପଟ ହୋଇ ପଡିରହିଥିଲା । ପାଖରେ ଥିବା ପାଚେରୀ ମଧ୍ୟ ଭାଙ୍ଗି ଯାଇଥିଲା । କିଛି ସ୍ଥାନରେ ରକ୍ତ ଛିଟା ଓ ମାଂସ ପିଣ୍ଡୁଳା ପଡିରହିଥିଲା । ଆଖପାଖରେ ଛିଣ୍ଡା କାନ , ଗୋଡ ଓ ହାତ ଖଣ୍ଡ ଦେଖିବାକୁ ମିଳିଥିଲା । ତେବେ ସରକାରଙ୍କ ପକ୍ଷରୁ ମୃତକଙ୍କ ସମ୍ପର୍କରେ କୌଣସି ସୂଚନା ଦିଆଯାଇନାହିଁ ।

## ଗୋଟିଏ ଦିନରେ ୨୯୯୫ କରୋନା ଆକ୍ରାନ୍ତ ଚିହ୍ନଟ

### ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୨୪୦୯୯୮



ଭୁବନେଶ୍ୱର,୭।୧୦ (ନି.ପ୍ର): ରାଜ୍ୟରେ ଗୋଟିଏ ଦିନରେ ୨୯୯୫ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୨୪୦୯୯୮ କୁ ବୃଦ୍ଧି ପାଇଛି । ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି । ରାଜ୍ୟରେ ବର୍ତମାନ ସୁଦ୍ଧା ୨୧୦୨୧୭ ରୋଗୀ ସୁସ୍ଥ ହୋଇ ସାରିଥିବା ବେଳେ ସକ୍ରିୟ ମାମଲା ୨୯୭୭୦ ରହିଛି । ଆଜି ଚିହ୍ନଟ ହୋଇଥିବା ୨୬୭୩ ଜଣଙ୍କ ମଧ୍ୟରୁ ୧୭୩୭ ଜଣ ସଂଗରୋଧରୁ ହୋଇଥିବା ବେଳେ ୧୨୫୮ ଜଣ ସ୍ଥାନୀୟ ଲୋକ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । କରୋନା ପଜିଟିଭ ମାମଲା ସାମନାକୁ ଆସିବା ପରେ ଏହି ବାବଦରେ କଂଟାକ୍ଟ ଟ୍ରେସିଂ ଓ ଅନ୍ୟ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରା ଯାଉଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରକାଶ କରା ଯାଇଛି । ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୩୦ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଖୋର୍ଦ୍ଧା ଜିଲ୍ଲାରେ ୫୬୮ କରୋନା ସଂକ୍ରମିତ ହୋଇଥିବା ଜଣା ପଡିଛି । ଅନୁଗୁଳ ଜିଲ୍ଲାରେ ୧୪୨ , ବାଲେଶ୍ୱର ଜିଲ୍ଲାରେ ୧୨୧ ଜଣ, ବରଗଡ ଜିଲ୍ଲାରେ ୯୩ , ଭଦ୍ରକ ଜିଲ୍ଲାରେ ୨୮ , ବଲାଙ୍ଗିର ଜିଲ୍ଲାରେ ୯୪, ବୌଦ୍ଧ ଜିଲ୍ଲାରେ ୩୧ ,କଟକ ଜିଲ୍ଲାରେ ୧୬୬ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ▶▶ପୃଷ୍ଠା ୭

## ୧୨ ରୁ ଭୁବନେଶ୍ୱର - ବାଙ୍ଗାଲୋର ସ୍ୱତନ୍ତ୍ର ଟ୍ରେନ୍ ସେବା

ଭୁବନେଶ୍ୱର,୭।୧୦ (ନି.ପ୍ର): ରେଳ ମନ୍ତ୍ରଣାଳୟ ପକ୍ଷରୁ ଆସନ୍ତା ୧୨ ତାରିଖ ଠାରୁ ଭୁବନେଶ୍ୱର ରୁ ଏବଂ ୧୩ ତାରିଖ ଠାରୁ ବାଙ୍ଗାଲୋରରୁ ଏକ ସ୍ୱତନ୍ତ୍ର ଟ୍ରେନ ଭୁବନେଶ୍ୱର-ବାଙ୍ଗାଲୋର-ଭୁବନେଶ୍ୱର ମଧ୍ୟରେ ଚଳାଚଳ ପାଇଁ ନିଷ୍ପତି ନିଆଯାଇଛି । ୦୮୪୬୩ ଭୁବନେଶ୍ୱର-ବାଙ୍ଗାଲୋରର ସ୍ୱତନ୍ତ୍ର ଟ୍ରେନ୍ ଭୁବନେଶ୍ୱର ରୁ ଅକ୍ଟୋବର୧୨ ତାରିଖ ଠାରୁ ପ୍ରତ୍ୟହ ସକାଳ ୫ଟା୩୦ମି.ରେ ଛାଡି ତା ପରଦିନ ମଧାହ୍ନ ୧୨ଘ.୦୫ମି.ରେ ବାଙ୍ଗାଲୋର ଠାରେ ପହଂଚିବ । ଫେରିବା ମାର୍ଗରେ, ୦୮୪୬୪ ବାଙ୍ଗାଲୋର-ଭୁବନେଶ୍ୱର ସ୍ୱତନ୍ତ୍ର ଟ୍ରେନ୍ ବାଙ୍ଗାଲୋରରୁ ଅକ୍ଟୋବର ୧୩ ତାରିଖ ଠାରୁ ପ୍ରତ୍ୟହ ଅପରାହ୍ନ ୧ଟା୪୦ମି.ରେ ଛାଡି ଭୁବନେଶ୍ୱରରେ ତା ପରଦିନ ରାତି ୯ଟା୦୫ମି.ରେ ପହଂଚିବ । ଏହି ଟ୍ରେନରେ ଗୋଟିଏ ଏସି-୨ ଟାୟାର, ୪ଟି ଏସି -୩ ଟାୟାର, ୧୧ ଟି ଦ୍ୱିତୀୟ ଶ୍ରେଣୀ ସ୍ଲିପର, ୪ ଟି ସାଧାରଣ ସିଟିଙ୍ଗ ଏବଂ ୨ଟି ଗାର୍ଡ ତଥା ଲଗେଜ୍ ଭ୍ୟାନ୍ ଉପଲବ୍ଧ ଅଛି ।

## ସହୀଦ୍ କୋଭିଡ ଯୋଦ୍ଧାଙ୍କ ପରିବାରକୁ ଅନୁକମ୍ପା ସହାୟତା ଯୋଗାଇ ଦେବେ ରାଜ୍ୟ ସରକାର : ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର,୭।୧୦ (ନି.ପ୍ର): ସହିଦ୍ କୋଭିଡ ଯୋଦ୍ଧାଙ୍କ ପରିବାରକୁ ରାଜ୍ୟ ସରକାରଙ୍କ ତରଫରୁ ଅନୁକମ୍ପା ସହାୟତା ଯୋଗାଇ ଦିଆଯିବ ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ଘୋଷଣା କରିଛନ୍ତି । ବୁଧବରାର ଦିନ ଭିଡିଓ କନ୍ଫରେନ୍ସିଂ ଜରିଆରେ କୋଭିଡ ପରିଚାଳନା ସଂପର୍କରେ ସମୀକ୍ଷା କରି ମୁଖ୍ୟମନ୍ତ୍ରୀ ଏହି ଘୋଷଣା କରିଥିଲେ ଏବଂ କୋଭିଡ ଯୋଦ୍ଧା ମାନଙ୍କ ନିଷ୍ଠାର ଉଚ୍ଚପ୍ରଶଂସା କରିଥିଲେ । ସୂଚନାଯୋଗ୍ୟ ଯେ ସହିଦ ଯୋଦ୍ଧାଙ୍କ ପରିବାରକୁ ୫୦ ଲକ୍ଷ ଟଙ୍କା ଅନୁକମ୍ପା ସହାୟତା ଯୋଗାଇ ଦେବା ପାଇଁ କେନ୍ଦ୍ର ସରକାର ଘୋଷଣା କରିଥିଲେ । ତଦ୍ ନୁଯାୟୀ ରାଜ୍ୟ ସରକାର କୋଭିଡ ନିୟନ୍ତ୍ରଣ କାର୍ଯ୍ୟ କରୁଥିବା ସମୟରେ ସହିଦ୍ ହୋଇଥିବା ୬୦ ଜଣ ଯୋଦ୍ଧାଙ୍କର ନାମ ତାଲିକା ଭାରତ ସରକାରଙ୍କ ନିକଟକୁ ପଠାଇଥିଲେ । କିନ୍ତୁ ଭାରତ ସରକାର ମାତ୍ର ଜଣେ ସହିଦ୍ ଙ୍କୁ ସହାୟତା ଦେବା ପାଇଁ ସମ୍ମତି ପ୍ରକାଶ କରିଛନ୍ତି । ଏ ସଂପର୍କରେ ରାଜ୍ୟ ସରକାର ପୁଣିଥରେ କେନ୍ଦ୍ର ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବେ ବୋଲି ମୁଖ୍ୟମନ୍ତ୍ରୀ ସୂଚନା ଦେଇଥିଲେ । ମୁଖ୍ୟମନ୍ତ୍ରୀ କହିଥିଲେ ଯେ ବର୍ତମାନ କୋଭିଡ ପ୍ରୋଟୋକଲ୍ କୁ ଅଧିକ ଷ୍ଟାଣ୍ଡାଟାଇଜ୍ କରାଯାଇଛି । ତେଣୁ କୋଭିଡରୁ ସୁସ୍ଥ ହେଉଥିବା ଲୋକଙ୍କର ସ୍ୱାସ୍ଥ୍ୟର ଗୁଣାତ୍ମକ ଉନ୍ନତି ଉପରେ ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ଆରୋପ କରିଥିଲେ । ଏହାସହିତ ରାଜ୍ୟରେ ବର୍ତମାନ ୭୮ ପ୍ରତିଶତ ଲୋକ ଗୃହ ସଂଗରୋଧରେ ଅଛନ୍ତି । ତେଣୁ ଗୃହ ସଂଗରୋଧରେ ଥିବା ରୋଗୀ ଏବଂ କୋଭିଡ ହସ୍ପିଟାଲରେ ରହିଥିବା ରୋଗୀ ମାନଙ୍କ ସହିତ ବରିଷ୍ଠ ଅଧିକାରୀମାନେ ସିଧାସଳଖ ଯୋଗାଯୋଗ କରି ସେମାନଙ୍କ ଭଲମନ୍ଦ ପଚାରି ବୁଝିବା ପାଇଁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ । ▶▶ପୃଷ୍ଠା ୭

## କେନ୍ଦ୍ର କ୍ୟାବିନେଟ୍ ନିଷ୍ପତ୍ତି ଉପରେ କେନ୍ଦ୍ରମନ୍ତ୍ରୀଙ୍କ ସାମ୍ବାଦିକ ସମ୍ମିଳନୀ

## ପ୍ରାକୃତିକ ଗ୍ୟାସ ମାର୍କେଟିଂ ସଂସ୍କାରକୁ କେନ୍ଦ୍ର କ୍ୟାବିନେଟର ମଞ୍ଜୁରୀ : ଧର୍ମେନ୍ଦ୍ର ପ୍ରଧାନ



ନୂଆଦିଲ୍ଲୀ/ ଭୁବନେଶ୍ୱର,୭।୧୦ (ନି.ପ୍ର): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧକ୍ଷତାରେ ବୁଧବାର ବସିଥିବା କ୍ୟାବିନେଟ୍ ବୈଠକରେ ପ୍ରାକୃତିକ ଗ୍ୟାସ ମାର୍କେଟିଂ ସଂସ୍କାରକୁ ମଞ୍ଜୁରି ଦିଆଯାଇଥିବା ବେଳେ ଏହା ଭାରତକୁ ଗ୍ୟାସ ଆଧାରିତ ଅର୍ଥନୀତି କରିବା ଦିଗରେ ବଡ଼ ପଦକ୍ଷେପ ବୋଲି କେନ୍ଦ୍ର କ୍ୟାବିନେଟ୍ ନିଷ୍ପତି ଉପରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଏହି ନୀତିଗତ ସଂସ୍କାରକୁ ମଞ୍ଜୁରି ଦେଇଥିବାରୁ ଶ୍ରୀ ପ୍ରଧାନ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଧନ୍ୟବାଦ ଜଣାଇଛନ୍ତି । ସେ କହିଛନ୍ତି ଦେଶର ଲୋକମାନଙ୍କ ପାଖରେ ସ୍ୱଚ୍ଛ ଉର୍ଜା ପହଁଚାଇବା ଭାରତ ସରକାରଙ୍କ ଲକ୍ଷ୍ୟ । ଏହି ଆଧାରରେ ଏହି ସଂସ୍କାର ଅଣାଯାଇଛି । ସ୍ୱଚ୍ଛ ଏବଂ ପ୍ରତିଯୋଗିତାମୂଳକ ପ୍ରକ୍ରିୟା, ନିର୍ଦ୍ଦିଷ୍ଟ ଫିଲଡ୍ ଡେଭଲପମେଂଟ୍ ପ୍ଲାନ (ଏଫଡ଼ିପି)ର ମାର୍କେଟିଂର ସ୍ୱାଧୀନତା, ବିଡ଼ିଂ ପ୍ରକ୍ରିୟାରେ ଜଡ଼ିତ ଗ୍ୟାସ ଉତ୍ପାଦନକାରୀ ସଂସ୍ଥାକୁ ଗ୍ୟାସ ବିକ୍ରି କରିବାକୁ ଅନୁମତି ଦେବା ଏବଂ ଉତ୍ପାଦନ ବଂଟନ ଚୁକ୍ତିରେ ମୂଲ୍ୟ ସ୍ଥିର କରିବାର ସ୍ୱାଧୀନତା ପ୍ରଦାନ କରିବାକୁ ଏହି ନୀତିର ଉଦ୍ଦେଶ୍ୟ ରହିଛି । ଭାରତ ସରକାର ଗ୍ୟାସ ବ୍ୟବହାରକୁ ବଢ଼ାଇବା ଏବଂ ସ୍ୱଚ୍ଛ ଇନ୍ଧନ ଯୋଗାଇ ଦେବା ପାଇଁ ଗ୍ୟାସ ଭିତିଭୂମିକୁ ମଜବୁତ୍ କରିବା ପାଇଁ ୪ ଲକ୍ଷ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ପୁଞ୍ଜିନିବେଶ କରାଯାଉଛି । ଏହି ମର୍ମରେ ଆଜି ଷ୍ଟାଣ୍ଡାଡାଇଜଡ୍ ଇ-ବିଡ଼ିଂ ପ୍ରକ୍ରିୟାକୁ କ୍ୟାବେନଟ୍ ମଞ୍ଜୁରି ଦେଇଛି । ▶▶ପୃଷ୍ଠା ୭

## ରାଜ୍ୟରେ ଗତ ୨୪ ଘଂଟାରେ ୪୫,୩୫୮ . କରୋନା ନମୁନା ପରୀକ୍ଷଣ

ଭୁବନେଶ୍ୱର,୭।୧୦ (ନି.ପ୍ର): ରାଜ୍ୟରେ ୨୪ ଘଂଟାରେ ମୋଟ୍ ୪୫ ହଜାର ୩୫୮ କରୋନା ନମୁନା ପରୀକ୍ଷା କରାଯାଇଥିବା ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଏଥିମଧ୍ୟରୁ ଆଂଟିଜେନ୍ ରେ ୩୫,୫୫୦ ଆରଟିପିସିଆରରେ ୭,୮୪୫ ଓ ଟ୍ରୁନଟ୍ ରେ ୧୩୩ ଟି କରୋନା ନମୁନା ପରୀକ୍ଷା କରାଯାଇଛି । ବର୍ତମାନ ସୁଦ୍ଧା ରାଜ୍ୟରେ ମୋଟ ୩୫୬୨୯୬୦୦ ନମୁନାର ପରୀକ୍ଷା କରା ଯାଇଛି ।

## କଟକରେ ଗତ ୨୪ ଘଂଟା ମଧ୍ୟରେ ମାସ୍କ ନ ପିନ୍ଧିଥିବାରୁ ୧୬୬ ଜଣଙ୍କ ଠାରୁ ଜୋରିମାନା

ଭୁବନେଶ୍ୱର,୭।୧୦ (ନି.ପ୍ର): କମିଶନରେଟ ପୋଲିସ ଗତ ୨୪ ଘଂଟା ମଧ୍ୟରେ ମାସ୍କ ପିନ୍ଧି ନ ଥିବା ଅଭିଯୋଗରେ କଟକରେ ୧୬୬ ଜଣଙ୍କ ଠାରୁ ଜୋରିମାନା ଆଦାୟ କରିଛି । ସେହିପରି ସାମାଜିକ ଦୂରତ୍ୱ ନିୟମ ପାଳନ କରି ନ ଥିବା ଅଭିଯୋଗରେ ୭୯୩ ଜଣଙ୍କ ଠାରୁ ଜୋରିମାନା ଆଦାୟ କରା ଯାଇଛି । ମୋଟର ଯାନ ଆଇନ୍ ଓ ଓଡିଶା ସହରାଂଚଳ ପୋଲିସ ଆଇନ୍ ଉଲ୍ଲଂଘନ କରିଥିବା ୪୧୨ ଜଣଙ୍କ ଠାରୁ ଜୋରିମାନା ଆଦାୟ କରା ଯାଇଛି । କଟକ ଡିସିପି ଟ୍ୱିଟ କରି ଏହି ସୂଚନା ଦେଇଛନ୍ତି।

## ପଦ୍ମ ଧରିଲେ ସଦର ବ୍ଲକ ଅଧ୍ୟକ୍ଷ ନାରାୟଣ ପ୍ରଧାନ

### ଗୋଷ୍ଠୀ କନ୍ଦଳରେ ମୋହରା ନହେବାକୁ ବିଜେଡି ଛାଡ଼ିଲେ




ବାଲେଶ୍ୱର,୭।୧୦ (ନି.ପ୍ର): ଆସନ୍ନ ଉପ-ନିର୍ବାଚନ ସମୟରେ ପ୍ରମୁଖ ରାଜନୈତିକ ଦଳର ନେତା ଓ ଛାମୁଆଙ୍କ ଦଳଡିଆଁ ତୀବ୍ର ହେବାରେ ଲାଗିଛି । ଗୋଟିଏ ଦିନରେ ଆଜି ବିଜେଡି ଛକା ମାରିଥିବା ବେଳେ ବିଜେପି ମଧ୍ୟ ଚଉକା ଗୋଟାଇବାରେ ସକ୍ଷମ ହୋଇଥିବା ଲକ୍ଷ୍ୟ କରାଯାଇଛି । ବିଜେଡିର ଅନ୍ୟତମ ଟାଣୁଆ ନେତା ତଥା ସଦର ବ୍ଲକ ଅଧ୍ୟକ୍ଷ ନାରାୟଣ ଚନ୍ଦ୍ର ପ୍ରଧାନଙ୍କର ବିଜେପିରେ ଯୋଗଦାନ 'କାହା ପାଇଁ ପୁଷମାସ ତ କାହା ପାଇଁ ସର୍ବନାସ' ଭଳି ସ୍ଥିତି ସୃଷ୍ଟି କରିଛି । ଶ୍ରୀ ପ୍ରଧାନ ବିଜେଡି ପରିତ୍ୟାଗ ସହ ବିଧିବଦ୍ଧ ଭାବେ ଆଜି ବିଜେପିରେ ଯୋଗଦାନ କରଛନ୍ତି । ବିଜେପି ପକ୍ଷରୁ ସହରର ରୟାଲ କୁଇନ୍ କଲ୍ୟାଣ ମଣ୍ଡପରେ ▶▶ପୃଷ୍ଠା ୭

## ବିଜେଡ଼ିର ମହାମିଶ୍ରଣ ପର୍ବ : ହେଭିଓ୍ୱେଟ୍ ରାଜ୍ୟନେତାଙ୍କ ଯୋଗଦାନ



ବାଲେଶ୍ୱର,୭।୧୦ (ନି.ପ୍ର): ବାଲେଶ୍ୱର ସଦର ଉପ-ନିର୍ବାଚନକୁ ନେଇ ଜିଲ୍ଲା ବିଜେଡି ସଭାପତିଙ୍କ ସଫଳ ଗୋଟି ଚାଳାନା କ୍ରମଶଃ ସଫଳତା ଅଭିମୁଖେ ଯାଉଥିବା ବେଳେ ଦଳର ରାଜ୍ୟସ୍ତରୀୟ ହେଭିଓ୍ୱେଟ୍ ନେତାଙ୍କ ଉପସ୍ଥିତିରେ ଏକ ମହାମିଶ୍ରଣ ପର୍ବ ଆଜି ଅନୁଷ୍ଠିତ ହୋଇଯାଇଛି । ଏଥିରେ ବାଲେଶ୍ୱର ରାଜନୀତି ପିତାମହ ଭୀଷ୍ମ କୁହାଯାଉଥିବା ପ୍ରବୀଣ ତଥା ବରିଷ୍ଠ ରାଜନୀତିଜ୍ଞ ଅରୁଣ ଦେ ଓ ତାଙ୍କ ସମର୍ଥକଙ୍କୁ ପୁଣିଥରେ ବିଜେଡିରେ ସାମିଲ କରାଯାଇଛି । ବାଲେଶ୍ୱର ରାଜନୀତିରେ ଦ୍ୱିତୀୟ ବିରୋଧୀ ଗୋଷ୍ଠୀ ସୃଷ୍ଟି ହେବାକୁ ନଦେବା ଉଦ୍ଦେଶ୍ୟରେ ବିଜେଡି ପକ୍ଷରୁ ଏହି ମହାମିଶ୍ର ପର୍ବ ଆୟୋଜିତ ହୋଇଥିବା କୁହାଯାଉଛି । ଶ୍ରୀ ଦେଙ୍କ ସମେତ କଂଗ୍ରେସର ଅନ୍ୟତମ ଛାମୁଆ ନେତା ବାବୁ ପାତ୍ର, ରଂଜନ ବାଗ ପ୍ରମୁଖଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ ସହ ବିଜେଡିର ଓଢ଼ରୀୟ ପିନ୍ଧାଇ ବିଜେଡି ରାଜ୍ୟସ୍ତରୀୟ ନେତାମାନେ ଦଳକୁ ସ୍ୱାଗତ କରିଥିଲେ । ଜିଲ୍ଲା ସଭାପତି ପୂର୍ବତନ ସାଂସଦ ରବୀନ୍ଦ୍ର କୁମାର ଜେନା ଏହି ମିଶ୍ରଣ ପର୍ବରେ ସଭାପତିତ୍ୱ କରିବା ସହିତ ଅଭିଜ୍ଞତା ସମ୍ପନ୍ନ ବିଶିଷ୍ଟ ରାଜନେତା ଅରୁଣ ଦେଙ୍କ ଆଗମନରେ କେବଳ ସଦର ▶▶ପୃଷ୍ଠା ୭

## ଫାଭିପିରାଭିର୍ ଥେରାପିର ସମୀକ୍ଷା କଲେ ମୁଖ୍ୟ ସଚିବ

ଭୁବନେଶ୍ୱର,୭।୧୦ (ନି.ପ୍ର): ମୁଖ୍ୟ ଶାସନ ସଚିବ ଶ୍ରୀ ଅସିତ ତ୍ରିପାଠୀ ଭୁବନେଶ୍ୱର, କଟକ ଓ ପୁରୀ ମହାନଗର ନିଗମ ଅଂଚଳଗୁଡ଼ିକରେ ଗୃହ ସଙ୍ଗରୋଧରେ ଥିବା କୋଭିଡ୍ ପଜିଟିଭ୍ ରୋଗୀମାନଙ୍କ ଚିକିତ୍ସା ନିମନ୍ତେ ଫାଭିପିରାଭିର୍ ଥେରାପି ପ୍ରୟୋଗରେ ଉନ୍ନତି ବାବଦରେ ସମୀକ୍ଷା କରିଛନ୍ତି । ଶ୍ରୀ ତ୍ରିପାଠୀ ନିଗମ ତଥା ଜିଲ୍ଲାସ୍ତରୀୟ ସ୍ୱାସ୍ଥ୍ୟ ଅଧିକାରୀମାନଙ୍କୁ ସଙ୍ଗରୋଧରେ ଥିବା ପଜିଟିଭ୍ ଲୋକମାନଙ୍କ ସଂପର୍କିତ ସଦ୍ୟତନ ତଥ୍ୟ ରଖିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ରୋଗୀମାନଙ୍କ ଘରେ ଔଷଧ ପହଂଚାଇ ଦେବା ପ୍ରଣାଳୀକୁ ସରଳ କରିବା ପାଇଁ ସେ ମଧ ନିର୍ଦ୍ଦେଶ ଦେଇଛନ୍ତି । ମୁଖ୍ୟ ଶାସନ ସଚିବ ରୋଗୀମାନଙ୍କ ସହିତ ସଂପୃକ୍ତ ଚିକିତ୍ସକ ରାପିଡ୍ ରେସ୍ପନ୍ସ ଟିମ୍ ର ସଦସ୍ୟବୃନ୍ଦ ଓ ସମନ୍ୱିତ ରୋଗ ନିରୀକ୍ଷଣ କାର୍ଯ୍ୟକ୍ରମ ପ୍ରକୋଷ୍ଠର ପ୍ରତ୍ୟକ୍ଷ ସଂପର୍କ ରକ୍ଷା କରିବାକୁ ଗୁରୁତ୍ୱାରୋପ କରିଛନ୍ତି । ସେ ମଧ୍ୟ ଡାକ୍ତର ଓ ରାପିଡ୍ ରେସ୍ପନ୍ସ ଟିମ୍ ର ସଦସ୍ୟମାନଙ୍କ ମଧ୍ୟରେ ସଚେତନତା ▶▶ପୃଷ୍ଠା ୭

# ରାଜ୍ୟର ଜନଜାତି ଅଧ୍ୟୁଷିତ ଜିଲ୍ଲା ଗୁଡ଼ିକରେ ମାତୃଭାଷାଭିତ୍ତିକ ପ୍ରାକ୍ ଶିକ୍ଷା ଓ ପିତାମାତାଯୁକ୍ତ କାର୍ଯ୍ୟକ୍ରମର ମୂଲ୍ୟାୟନ

## ପ୍ରାକ୍-ଶୈଶବ ଶିକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ ଅଭିବୃଦ୍ଧି ପରିଲକ୍ଷିତ

ଭୁବନେଶ୍ୱର,୦୭।୧୦ (ନି.ପ୍ର): ମହିଳା ଓ ଶିଶୁ ବିକାଶ ଏବଂ ମିଶନ ଶକ୍ତି ବିଭାଗ ପକ୍ଷରୁ ରାଜ୍ୟରେ ମାତୃଭାଷାଭିତିକ ପ୍ରାକ୍ ଶିକ୍ଷା ଏବଂ ପିତାମାତାଯୁକ୍ତ କାର୍ଯ୍ୟକ୍ରମ ଜରିଆରେ ଶିଶୁମାନଙ୍କ ପ୍ରାକ୍-ଶୈଶବ ଶିକ୍ଷା ଓ ଯତ୍ନ କାର୍ଯ୍ୟକ୍ରମର ସଫଳ ରୂପାୟନ ପାଇଁ ୨୦୧୬ ମସିହାରେ ବର୍ଣ୍ଣାଡ୍ ଭାନ୍ ଲିର ଫାଉଣ୍ଡେସନ ସହ ଏକ ଚୁକ୍ତିନାମା ସ୍ୱାକ୍ଷରିତ ହୋଇଥିଲା । ରାଜ୍ୟର ୧୦ଟି ଜନଜାତି ଅଧ୍ୟୁଷିତ ଜିଲଲାର ଅପହଂଚ ଓ ଦୁର୍ଗମ ଅଂଚଳରେ ଅବସ୍ଥିତ ୭୨୦୨ଟି ଅଙ୍ଗନବାଡ଼ି କେନ୍ଦ୍ରରେ ମାତୃଭାଷାରେ ପ୍ରାକ୍ ଶିକ୍ଷା ପ୍ରଦାନ ଫଳପ୍ରଦ ହେଉଛି କି ନାହିଁ ତାହା ଜାଣିବା ନିମନ୍ତେ ଏକ ମୂଲ୍ୟାୟନ କରାଯାଇଥିଲା । ବିଭିଏଲ୍ଏଫ ଦ୍ୱାରା ନିରପେକ୍ଷ ଆକଳନ ନିମନ୍ତେ ଜାମିଆ ମିଲିଆ ଇସ୍‌ଲାମିଆ ବିଶ୍ୱବିଦ୍ୟାଳୟ, ନୂଆଦିଲ୍ଲୀର ପ୍ରାକ୍ ଶୈଶବ ବିକାଶ ଏବଂ ଗବେଷଣା କେନ୍ଦ୍ର ଦ୍ୱାରା ଏହି ମୂଲ୍ୟାୟନ କରାଯାଇଥିଲା । ବିଭିଏଲ୍‌ଏଫ୍ ଦ୍ୱାରା ନିରପେକ୍ଷ ଆକଳନ ନିମନ୍ତେ ଜାମିଆ ମିଲିଆ ଇସ୍‌ଲାମିଆ ବିଶ୍ୱ ବିଦ୍ୟାଳୟ, ନୂଆଦିଲ୍ଲୀର ପ୍ରାକ୍ ଶୈଶବ ବିକାଶ ଏବଂ ଗବେଷଣା କେନ୍ଦ୍ର ଦ୍ୱାରା ଏହି ମୂଲ୍ୟାୟନ କରାଯାଇଥିଲା । ଭର୍ଚୁଆଲ ମାଧ୍ୟମରେ ଅନୁଷ୍ଠିତ ଏକ ବୈଠକରେ ମହିଳା ଓ ଶିଶୁ ବିକାଶ ଏବଂ ମିଶନ ଶକ୍ତି ବିଭାଗର ପ୍ରମୁଖ ଶାସନ ସଚିବ ଶ୍ରୀମତୀ ଅନୁ ଗର୍ଗଙ୍କ ନିକଟରେ ବିଶ୍ୱ ବିଦ୍ୟାଳୟ ତରଫରୁ ମୂଲ୍ୟାୟନ ରିପୋର୍ଟ ଉପସ୍ଥାପନ କରାଯାଇଛି । ବିଭିଏଲ୍‌ଏଫର କଂଟ୍ରି ମ୍ୟାନେଜର ରୁସ୍‌ଦା ମାଜିଦ୍, ଜାମିଆ ମିଲିଆ ବିଶ୍ୱ ବିଦ୍ୟାଳୟର ପ୍ରାକ୍ ଶୈଶବ ବକାଶ ଓ ଗବେଷଣା କେନ୍ଦ୍ରର ଅନରାରୀ ନିର୍ଦ୍ଦେଶକ ପ୍ରଫେସର ଜୁବେର ମିନାଲ୍, ଚେୟାର ପ୍ରଫେସର ଡ. ଅନୁଭା ରାଜେଶ ଏବଂ ମହିଳା ଓ ଶିଶୁ ବିକାଶ ଏବଂ ମିଶନ ଶକ୍ତି ବିଭାଗର ତଥା ବିଶ୍ୱ ବିଦ୍ୟାଳୟର ବରିଷ୍ଠ ଅଧିକାରୀମାନେ ବୈଠକରେ ଉପସ୍ଥିତ ଥିଲେ । ବିଶ୍ୱ ବିଦ୍ୟାଳୟର ଗବେଷଣା କେନ୍ଦ୍ର ଦ୍ୱାରା ୨୦୧୯ ମସିହାରେ ଏହି ମୂଲ୍ୟାୟନ ଆରମ୍ଭ ହୋଇ ୨୦୨୦ ମସିହାରେ ଶେଷ ହୋଇଥିଲା । ଏମ୍‌ଟିଇଏଲପିପ୍ଲସ୍ ପଦ୍ଧତିରେ ଅଙ୍ଗନବାଡ଼ି କେନ୍ଦ୍ର ଗୁଡ଼ିକରେ ପ୍ରାକ୍ ଶୈଶବ ଯତ୍ନ ଓ ଶିକ୍ଷା କାର୍ଯ୍ୟକ୍ରମରେ ଉଲ୍ଲେଖନୀୟ ଅଭିବୃଦ୍ଧି ପରିଲକ୍ଷିତ ହୋଇଛି । ଅଙ୍ଗନବାଡ଼ି କେନ୍ଦ୍ର ଗୁଡ଼ିକରେ ଶିକ୍ଷଣୀୟ ଉପରକରଣର ବ୍ୟବହାର, ବିଭିନ୍ନ ଶିକ୍ଷାଭିତିକ କାର୍ଯ୍ୟକଳାପ ପାଇଁ ସ୍ୱତନ୍ତ୍ର ସ୍ଥାନ ନିର୍ଦ୍ଧାରଣ, ସମୟସାରଣୀର ଉପଲବ୍ଧତା ଏବଂ ବ୍ୟବହାର, ପିଲାମାନେ ଦେଖିପାରିବା ଭଳି ଦୂରତାରେ ବିଭିନ୍ନ ଶିକ୍ଷା ଉପକରଣର ପ୍ରଦର୍ଶନ, ଶିକ୍ଷାଦାନ ସମୟରେ ଏହି ସବୁ ଉପକରଣର ବ୍ୟବହାର, ସ୍ଥାନୀୟ ପ୍ରାସଙ୍ଗିକ ଉପକରଣ ଉପଲବ୍ଧ ହେବା ସହ ପିଲାମାନଙ୍କ ଦ୍ୱାରା କରାଯାଉଥିବା ବିଭିନ୍ନ କାର୍ଯ୍ୟକଳାପର ପ୍ରଦର୍ଶନ ଦ୍ୱାରା ପ୍ରାକ୍ ଶିକ୍ଷା କାର୍ଯ୍ୟକ୍ରମରେ ଯଥେଷ୍ଟ ଗୁଣାତ୍ମକ ଅଭିବୃଦ୍ଧି ଘଟିଛି । ଅଙ୍ଗନବାଡ଼ି କର୍ମୀମାନେ ନିୟମିତ ଶିକ୍ଷକ-ଅଭିଭାବକ ବୈଠକ ମାଧମରେ ସମ୍ପର୍କ ସ୍ଥାପନ, ଶିଶୁମାନଙ୍କ ଘରକୁ ଅଙ୍ଗନବାଡ଼ି କର୍ମୀମାନଙ୍କ ନିୟମିତ ପରିଦର୍ଶନ, ପିତାମାତାଙ୍କର ମଧ ସନ୍ତାନମାନଙ୍କ ପ୍ରାକ୍ ଶୈଶବ ଯତ୍ନ ଓ ବିକାଶ କାର୍ଯ୍ୟକ୍ରମରେ ସହଭାଗିତା ଶିଶୁମାନଙ୍କ ଉନ୍ନତ ପ୍ରଦର୍ଶନରେ ବିଶେଷ ସହାୟକ ହୋଇଛି । ଘରେ ମଧ ପିତାମାତାମାନେ ପିଲାମାନଙ୍କ ସହିତ ଗୀତା ଗାଇବା, କବିତା ଆବୃତି, ଗପ କହିବା, ପିଲାଙ୍କୁ ବୁଲାଇ ନେବା, ସେମାନଙ୍କ ସହିତ ଖେଳିବା ଦ୍ୱାରା ସେମାନଙ୍କ ସହ ଆହୁରି ଅନ୍ତରଙ୍ଗ ସମ୍ପର୍କ ସ୍ଥାପନ କରିପାରିଛନ୍ତି । ରିପୋର୍ଟରେ ଦର୍ଶାଯାଇଥିବା ତଥ୍ୟ ଅନୁସାରେ ରାଜ୍ୟ ସରକାରଙ୍କ ଦୃଢ଼ ପ୍ରତିବଦ୍ଧତା ଏବଂ ବର୍ତମାନର ପ୍ରଚଳିତ ବ୍ୟବସ୍ଥାରେ ସଶକ୍ତିକରଣ ଦ୍ୱାରା ରାଜ୍ୟରେ ପ୍ରାକ୍ ଶୈଶବ ଶିକ୍ଷା ବ୍ୟବସ୍ଥାରେ ଆଖିଦୃଶିଆ ଉନ୍ନତି ପରିଲକ୍ଷିତ ହେବା ସହ ପିତାମାତା ଏବଂ ଆଇସିଡିଏସ୍ କାର୍ଯ୍ୟକର୍ତାମାନଙ୍କ ମଧ୍ୟରେ ସମ୍ପର୍କ ଆହୁରି ଦୃଢ଼ୀଭୂତ ହୋଇପାରିଛି । ଏହି କାର୍ଯ୍ୟକ୍ରମ ପିଲାମାନଙ୍କ ମଧରେ କଳ୍ପନା ଶକ୍ତିର ବିକାଶ, ସାମାଜିକ ଦକ୍ଷତାରେ ଉନ୍ନତି, ଚାରିପଟରେ ଉପଲବ୍ଧ ସାମଗ୍ରୀରୁ ସ୍ୱଳ୍ପ ମୂଲ୍ୟର ଶିକ୍ଷଣୀୟ ଉପକରଣ ପ୍ରସ୍ତୁତି, ପାରମ୍ପରିକ ଖେଳନା ତିଆରି ଏବଂ ବ୍ୟବହାରରେ ବିଶେଷ ଉପଯୋଗୀ ସାବ୍ୟସ୍ତ ହୋଇପାରିଛି ।

# ପୂର୍ବତନ ସାଂସଦ ଡ. କାର୍ତିକେଶ୍ୱର ପାତ୍ରଙ୍କ ବିୟୋଗରେ କଂଗ୍ରେସ ପକ୍ଷରୁ ଶୋକ ସଭା

ଭୁବନେଶ୍ୱର,୦୭।୧୦ (ନି.ପ୍ର): ପୂର୍ବତନ ସାଂସଦ, ପୂର୍ବତନ ବିଧାୟକ ତଥା ବରିଷ୍ଠ କଂଗ୍ରେସ ଜନନେତା ଡ. କାର୍ତିକେଶ୍ୱର ପାତ୍ରଙ୍କ ବିୟୋଗରେ ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ ଗଭୀର ଶୋକ ପ୍ରକାଶ କରାଯାଇଛି । ଏହି ଉପଲକ୍ଷେ ଆଜି ଅପରାହ୍ନରେ ଏକ ଶୋକସଭା ପ୍ରଦେଶ କଂଗ୍ରେସ କମିଟି ସଭାପତି ଶ୍ରୀ ନିରଞ୍ଜନ ପଟ୍ଟନାୟକଙ୍କ ଅଧକ୍ଷତାରେ କଂଗ୍ରେସ ଭବନ ଠାରେ ଅନୁଷ୍ଠିତ ହୋଇଥିଲା । ସ୍ୱର୍ଗତ ପାତ୍ରଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ପ୍ରଦାନ ପୂର୍ବକ ଶ୍ରଦ୍ଧାଞ୍ଜଳି ଅର୍ପଣ ପରେ ସ୍ୱର୍ଗତ ଆତ୍ମାର ସଦ୍‌ଗତି ନିମନ୍ତେ ଉପସ୍ଥିତ ନେତୃବୃନ୍ଦ ଦୁଇ ମିନିଟ୍ ନୀରବ ପ୍ରାର୍ଥନା କରିଥିଲେ । ନିଜ ବକ୍ତବ୍ୟରେ ପିସିସି ସଭାପତି ଶ୍ରୀ ପଟ୍ଟନାୟକ କହିଥିଲେ ଯେ ସ୍ୱର୍ଗତ କାର୍ତିକେଶ୍ୱର ପାତ୍ର କଂଗ୍ରେସର ଜଣେ ଦୃଢ଼ ସଂଗଠକ ଓ ଅତ୍ୟନ୍ତ ଭଦ୍ର ସ୍ୱଭାବର ବ୍ୟକ୍ତିଥିଲେ । ସାହିତ୍ୟ ଓ ସଂସ୍କୃତି କ୍ଷେତ୍ରରେ ତାଙ୍କର ଯେତିକି ପାରଦର୍ଶିତା ଥିଲା, ସୁବକ୍ତା ଓ ଲେଖକ ଭାବରେ ମଧ ତାଙ୍କର ସେତିକି ଖ୍ୟାତି ଥିଲା । ତାଙ୍କ ବିୟୋଗ କଂଗ୍ରେସ ଦଳ ପାଇଁ ଏକ ଅପୂରଣୀୟ କ୍ଷତି ବୋଲି ଶ୍ରୀ ପଟ୍ଟନାୟକ କହିଥିଲେ । ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ପିସିସି ପକ୍ଷରୁ ଗଭୀର ସମବେଦନା ଜ୍ଞାପନ କରାଯାଇଥିଲା । ଏହି ଶୋକ ସଭାରେ ଅନ୍ୟମାନଙ୍କ ମଧ୍ୟରେ କଂଗ୍ରେସ ନେତୃବୃନ୍ଦ ସର୍ବଶ୍ରୀ ପ୍ରସାଦ ହରିଚନ୍ଦନ, ଗଣେଶ୍ୱର ବେହେରା, ଯୁଧିଷ୍ଠିର ଜେନା, ଶିବାନନ୍ଦ ରାୟ, ଦେବାଶିଷ ପଟ୍ଟନାୟକ, ଲଲାଟେନ୍ଦୁ ମହାପାତ୍ର, ହଳଧର ସେଠୀ, ରଜନୀ ମହାନ୍ତି, ପଦ୍ମାକର ଗୁରୁ ପ୍ରମୁଖ ଉପସ୍ଥିତ ରହି ସ୍ୱର୍ଗତ ପାତ୍ରଙ୍କ ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ ।

# ପକ୍ଷାଘାତରେ ଶଯ୍ୟାଶାୟୀ ବାପ-ପୁଅ, ଚିକିତ୍ସାରେ ଅର୍ଥ ସାଜିଛି ବାଧକ

ନୂଆପଡା,୦୭।୧୦ (ନି.ପ୍ର): ନୂଆପଡା ଜିଲ୍ଲା ସିନାପାଲି ବ୍ଲକ ଟିମନପୁର ପଚାଂୟତର ଗୋବିନ୍ଦପୁର ଗ୍ରାମରେ ଗୋଟିଏ ପରିବାରର ବାପ-ପୁଅ ପକ୍ଷାଘାତ ରୋଗରେ ପୀଡିତ ହୋଇ ଶଯ୍ୟାଶାୟୀ ହୋଇଥିବା ବେଳେ ଚିକିତ୍ସାରେ ଅର୍ଥ ବାଧକ ସାଜିଛି । ବର୍ତମାନ ପରିବାରର ବୋଝ ତାଙ୍କ ପୁଅ ଏବଂ ଝିଅ ଉପରେ ପଡିଛି । କୁଲିମଜୁରୀ କାମ କରି ଉପାର୍ଜିତ ଅର୍ଥ ପେଟ ପୋଷିବା ସକାଶେ ବାଧକ ସାଜିଥିବା ବେଳେ ସେମାନଙ୍କ ଚିକିତ୍ସା ଓ ଔଷଧ ପାଇଁ ଅର୍ଥ କାହିଁ ବୋଲି ତାଙ୍କ ଝିଅ ପ୍ରକାଶ କରିଛନ୍ତି । ବାପ ବୁଢ଼ୁ ଜଗତ ଏବଂ ପୁଅ ବଳମତ ଜଗତ ଉଭୟ ପକ୍ଷାଘାତ ରୋଗରେ ଆକ୍ରାନ୍ତ ହୋଇଥିବା ବେଳେ ବଳମତଙ୍କ ପୁଅ ସୁରେନ୍ଦ୍ର ଏବଂ ଅହଲ୍ୟା ହାତରେ ଚାରିପ୍ରାଣୀଙ୍କ ଭରଣପୋଷଣ ଭାର ପଡିଛି । ବାପା ଓ ଜେଜେବାପାଙ୍କ ଚିକିତ୍ସା କରି ପାରୁନଥିବା ବେଳେ ମା ଏବଂ ଜେଜେମା ମୃତ୍ୟୁବରଣ କରି ସାରିଛନ୍ତି । ଉଭୟଙ୍କୁ ସରକାରୀ ସହାୟତା ବର୍ତମାନ ଏକ ମାତ୍ର ସାହାଭରଷା । ଏହାସହ ତାଙ୍କର ଭଙ୍ଗାଦଦରା ଘର ଭାଙ୍ଗିବା ଅବସ୍ଥାରେ ରହିଅଛି । ଜିଲ୍ଲା ପ୍ରଶାସନ ତୁରନ୍ତ ଦୃଷ୍ଟି ଦେଇ ଅସହାୟ ପକ୍ଷାଘାତରେ ପୀଡିତ ବାପ-ପୁଅଙ୍କ ଚିକିତ୍ସା ବ୍ୟବସ୍ଥା କରିବା ସହ ପରିବାରଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜାନରେ ସାମିଲ୍ କରି ପକ୍କାଘର ଖଣ୍ଡିଏ ଯୋଗାଇ ଦେବାକୁ ଗ୍ରାମବାସୀ ଦାବୀ ଜଣାଇଛନ୍ତି ।

# ଜ୍ୱର ପୀଡ଼ିତଙ୍କୁ ମିଳୁନି ଚିକିତ୍ସା ସୁବିଧା : କେବେ ଆରମ୍ଭ ହେବ ଫିଭର କ୍ଲିନିକ୍ !

ଭଦ୍ରକ, ୭/୧୦ (ହି.ସ.) - କରୋନା ସଂକ୍ରମଣ କ୍ରମେ ଭୟାବହ ପରିସ୍ଥିତି ସୃଷ୍ଟି କଲାଣି । ସମସ୍ତେ ଏବେ ଏକ ଅନିଶ୍ଚିତତାର ବାତାବରଣ ମଧରେ ଗତି କରୁଛନ୍ତି । ବିଶେଷକରି କରୋନା ସଂକ୍ରମଣ ବଢ଼ି ଚାଲିଥିବାବେଳେ, ପରିବର୍ତିତ ଜଳବାୟୁ ପରିବର୍ତନ ଯୋଗୁଁ ଅଧିକାଂଶ ଲୋକ ଏବେ ଭାଇରାଲ ଜ୍ୱରରେ ଆକ୍ରାନ୍ତ ହୋଇ ପଡୁଛନ୍ତି । କିନ୍ତୁ ଏହି ଜ୍ୱର ପିଡ଼ିତଙ୍କୁ ଚିକିତ୍ସା କରିବାକୁ ଡାକ୍ତରମାନେ ପଛଘୁଂଚା ଦେଉଛନ୍ତି । ଜ୍ୱର ନାମ ଶୁଣିବା ମାତ୍ରେ ଘରୋଇ ଏପରିକି ସରକାରୀ ଡାକ୍ତରଖାନାରେ ଡାକ୍ତରମାନେ କୌଣସି ରିସ୍କ ନେବାକୁ ଚାହୁଁ ନାହାନ୍ତି । ତୁରନ୍ତ କୋଭିଡ ପରୀକ୍ଷା କରାଇ ନେବାକୁ ପରାମର୍ଶ ଦେଉଛନ୍ତି । ଫଳରେ ରୋଗ ପରାମର୍ଶ ପାଇଁ ଆସୁଥିବା ରୋଗୀ ଦ୍ୱିତୀୟ ଭଗବାନ ବୋଲି କୁହାଯାଉଥବବା ଡାକ୍ତରଙ୍କ ଠାରୁ ଆଶ୍ୱାସନା ପାଇବା ପରିବର୍ତେ ମାନସିକ ଯନ୍ତ୍ରଣା ପାଇ ଘରକୁ ଫେରିବାକୁ ବାଧ ହେଉଛି । ତେଣୁ ଅନ୍ୟ କେତେକ ଜିଲ୍ଲା ପରି ଭଦ୍ରକରେ କେବେ ଫିଭର ବା ଜ୍ୱର କ୍ଲିନିକ ଆରମ୍ଭ ହେବ ତାକୁ ଉଦଗ୍ରୀବର ସହ ଅପେକ୍ଷା କରିଛନ୍ତି ସାଧାରଣ ଜ୍ୱର ରୋଗୀ । ବର୍ତମାନ ସମୟରେ ପାଗ ପରିବର୍ତନକୁ ନେଇ ଅଧିକାଂଶ ଲୋକ ଭାଇରାଲ ଜ୍ୱରରେ ଆକ୍ରାନ୍ତ ହେଉଛନ୍ତି । କିନ୍ତୁ ଏହି ଜ୍ୱର ପିଡ଼ିତଙ୍କୁ ମିଳୁନି ଉପଯୁକ୍ତ ଚିକିତ୍ସା କିମ୍ବା ପରାମର୍ଶ । ଡାକ୍ତରମାନେ ନିଜ ସୁରକ୍ଷାଗତ କାରଣରୁ ରୋଗୀଙ୍କୁ କୋଭିଡ ପରୀକ୍ଷା ପାଇଁ ପଠାଇ ନିଜ କାମ ସାରି ଦେଉଛନ୍ତି । ଯଦି କୌଣସି ରୋଗୀ ନେଗେଟିଭ ରିପୋର୍ଟ ଧରି ଆସିଲା, ତେବେ ଡାକ୍ତର ୬/୮ଫୁଟ ଦୂରରେ ରହି ରୋଗୀଙ୍କ ଔଷଧ ଚିଠା ଲେଖୁଛନ୍ତି । ଅପରପକ୍ଷେ କୋଭିଡ ସଂକ୍ରମଣ ଆରମ୍ଭ ହେବା ଦିନ ଠାରୁ ଜ୍ୱର କଥା ଦୂରରେ ଥାଉ ଅନ୍ୟ ରୋଗୀଙ୍କୁ ମଧ ଉପଯୁକ୍ତ ଚିକିତ୍ସା ମିଳି ପାରୁନି । ଆଉ କେତେକ ଡାକ୍ତର ଲେଫୋନ କଲ ଓ ଭିଡିଓ କନଫରେନ୍ସିଂରେ ରୋଗୀ ଦେଖୁଛନ୍ତି । ଉଭୟ ସରକାରୀ ଡାକ୍ତରଖାନା ଓ ଘରୋଇ କ୍ଲିନିକରେ ଡାକ୍ତରମାନଙ୍କ ଏପରି ମାନସିକତା ଯୋଗୁଁ ରୋଗୀ ମାନସିକ ଯନ୍ତ୍ରଣାର ଶୀକାର ହେଉଥିବାବେଳେ, ନିଜର ଦ୍ୱିତୀୟ ଭଗବାନଙ୍କ ଉପରୁ ବିଶ୍ୱାସ ଓ ଭରସା ତୁଟାଇ ବସୁଛି । ତେଣୁ ସେମାନେ ଘରୋଇ କ୍ଲିନିକ କିମ୍ବା ସରକାରୀ ଡାକ୍ତରଖାନାକୁ ଯିବାକୁ ଆଗ୍ରହ ପ୍ରକାଶ କରୁ ନାହାନ୍ତି । ବିଶେଷକରି ଜ୍ୱର ପିଡ଼ିତମାନେ ବିଭିନ୍ନ ମେଡିସିନ ଷ୍ଟୋରରେ ପଚାରି ଔଷଧ ସେବନ କରୁତବବା ଦେଖିବାକୁ ମିଳୁଛି । ତେଣୁ ମୋଟାମୋଟି ଭାବରେ ସ୍ୱାସ୍ଥ୍ୟ ସେବା ବିଗିଡ଼ିବାରେ ଲାଗିଛି । ତେବେ ସରକାର ଡାକ୍ତର, ସ୍ୱାସ୍ଥ୍ୟକର୍ମୀଙ୍କୁ କୋଭିଡ ଯୋଦ୍ଧାର ଆଖ୍ୟା ଦେଇଛନ୍ତି । ସେମାନଙ୍କ ସାମଜିକ ସୁରକ୍ଷା ସମ୍ମାନ ବଢ଼ାଇବା ଦିଗରେ ବହୁ ପଦକ୍ଷେପ ନେଇଛନ୍ତି । ସ୍ୱତନ୍ତ୍ର ଇନସେନଟିଭ ମଧ ପ୍ରଦାନ କରାଯାଉଛି । ଏପରିସ୍ଥଳରେ ଡାକ୍ତରମାନଙ୍କ ଏପରି ମାନସିକତା ରୋଗୀଙ୍କୁ ନିରାଶ କରିଛି । ଏହି କାରଣରୁ ସରକାରୀ ଡାକ୍ତରଖାନାରେ ରୋଗୀଙ୍କ ସଂଖ୍ୟା ୮୦ ପ୍ରତିଶତ ହ୍ରାସ ପାଇଛି । ତେବେ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, କର୍ତବ୍ୟରତ କେତେକ ସରକାରୀ ଡାକ୍ତର ନିଜର ଡିଉଟି ସମୟ ପରେ ଘରୋଇ କ୍ଲିନିକରେ ବସି ରୋଗୀ ଦେଖୁଥିବାବେଳେ, ସରକାରୀ ଡାକ୍ତରଖାନାରେ ରୋଗୀ ନଦେଖିବା ସମସ୍ତଙ୍କୁ ଆଶ୍ଚର୍ଯ୍ୟାନ୍ୱିତ କରିଛି । କାରଣ ପ୍ରାୟ ପ୍ରତ୍ୟେକ ଘରୋଇ କ୍ଲିନିକରେ ବହୁ ସଂଖ୍ୟକ ରୋଗୀଙ୍କ ଭିଡ ପରିଲକ୍ଷିତ ହେଉଛି । ତେଣୁ ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ଭାବେ ଫିଭର କ୍ଲିନିକ୍ ପ୍ରତିଷ୍ଠା ପାଇଁ ଦାବି ହୋଇଛି ।

## ଓମ୍ ସାଇ ପବ୍ଲିକ ସ୍କୁଲ ଟ୍ରଷ୍ଟି ସଭାପତିଙ୍କ ମୃତ୍ୟୁ

ନୂଆପଡା,୦୭।୧୦ (ନି.ପ୍ର): ନୂଆପଡା ଜିଲ୍ଲା ଖଡିଆଳ ବ୍ଲକ ଭୂଲିଆସିକୁଆଁ ଗ୍ରାମ ନିବାସୀ ରବିନ୍ଦ୍ରନାଥ ମେହେରଙ୍କର ମଙ୍ଗଳବାର ସକାଳ ସମୟରେ ମୃତ୍ୟୁ ହୋଇଯାଇଛି । ମୃତ୍ୟୁବେଳକୁ ତାଙ୍କୁ ୭୦ ବର୍ଷ ବୟସ ହୋଇଥିଲା । ସେ ସରକାରୀ ବସ୍ ସେବାରେ କଣ୍ଡକ୍ଟର ଚାକିରୀରୁ ଅବସର ଗ୍ରହଣ ପରେ ଓମ ସାଇ ପବ୍ଲିକ ସ୍କୁଲର ଟ୍ରଷ୍ଟି ସଭାପତି ଦାୟିତ୍ୱ ତୁଲାଉଥିଲେ । ଅଂଚଳରେ ଶିକ୍ଷାର ବିକାଶ ଦିଗରେ ତାଙ୍କର ମହତ୍ୱପୂର୍ଣ୍ଣ ଅବଦାନ ରହିଅଛି । ତାଙ୍କର ୨ ପୁଅ ଅନିଲ ମେହେର ଏବଂ ସୁନିଲ ମେହେର ଅଛନ୍ତି । ତାଙ୍କ ମୃତ୍ୟୁରେ ଚିହ୍ନା ମହଲରେ ଶୋକ ପ୍ରକାଶ ପାଇଛି ।

# ସ୍ୱାଧୀନତା ସଂଗ୍ରାମୀଙ୍କ ପରଲୋକ

ଭଦ୍ରକ, ୭/୧୦(ହି.ସ.) - ଭଦ୍ରକ ବ୍ଲକ ଅନ୍ତର୍ଗତ ସାବରଂଗ ଫଂଚାୟତର ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ପ୍ରହ୍ଲାଦ ଚନ୍ଦ୍ର ମହାପାତ୍ରଙ୍କର ୯୮ ବର୍ଷ ବୟସରେ ଆଜି ପରଲୋକ ଘଟିଛି । ମହାତ୍ମାଗାନ୍ଧୀଙ୍କ ଆଦର୍ଶରେ ଅନୁପ୍ରାଣୀତ ଶ୍ରୀ ମହାପାତ୍ର ଅସହଯୋଗ ଆନ୍ଦୋଳନ ବେଳେ ଘରୁ ଲୁଚି ପଳାଇଯାଇ ସ୍ୱାଧୀନତା ସଂଗ୍ରାମରେ ଯୋଗ ଦେଇଥିେ । ସ୍ୱାଧୀନତା ସଂଗ୍ରାମୀ ତଥା ପୂର୍ବତନ ସାଂସଦ ସ୍ୱର୍ଗତ ଧରଣୀଧର ଜେନାଙ୍କ ନେତୃତ୍ୱରେ ସେ ଭଦ୍ରକରେ ଇଂରେଜ ମାନଙ୍କ ବିରୁଦ୍ଧରେ ଲଢେଇ କରିଥିଲେ । ତାଙ୍କ ମୃତ୍ୟୁରେ ଭଦ୍ରକ ଜିଲ୍ଲାପାଳଙ୍କ ତରଫରୁ ଭଦ୍ରକ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଗୋଲକ ଚନ୍ଦ୍ର ବେହେରା,ଜିଲ୍ଲା ପରିଷଦ ସଦସ୍ୟା ସୁକାନ୍ତି ନାୟକ, ସାବରଂଗ ସରପଂଚ ରଞ୍ଜିତା ନାୟକ, ସମିତି ସଭ୍ୟା ରଶ୍ମିତା ମଲ୍ଲିକ, ଯୁବ ସମାଜସେବୀ ତଥା ସାବରଂହ ସମବାୟ ସମିତିର ପୂର୍ବତନ ସଭାପତି ଭ୍ରମରବର ନାୟକ ତଥା ବହୁ ମାନ୍ୟଗଣ୍ୟ ବ୍ୟକ୍ତି ସାବରଂଗସ୍ଥ ତାଙ୍କ ବାସଭବନରେ ପହଂଚି ଶେଷ ଦର୍ଶନ କରିଥିଲେ । ଅପରାହ୍ନରେ ଗ୍ରାମ ପରିକ୍ରମା ପରେ ନିଜ ବାଡିରେ ଅନ୍ତିମ ସଂସ୍କାର କରାଯାଇଥିବା ବେଳେ ବଡ ପୁଅ ରବିନ୍ଦ୍ର ମୁଖାଗ୍ନି ଦେଇଥିଲେ ।

# ଲୋୟର ଇନ୍ଦ୍ର ବିସ୍ଥାପିତ ସହାୟତା ସମିତିର ଜରୁରୀ ବୈଠକ

ନୂଆପଡା,୦୭।୧୦ (ନି.ପ୍ର): ନୂଆପଡା ଜିଲ୍ଲା ଖଡିଆଳ ଲୋୟର ଇନ୍ଦ୍ର ବିସ୍ଥାପିତ ସହାୟତା ସମିତିର ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ସମିତିର ସଭାପତି ନିତ୍ୟାନନ୍ଦ ପ୍ରଧାନ ସଭାପତିତ୍ୱ କରିଥିବା ବେଳେ ମୁଖ୍ୟ ଉପଦେଷ୍ଟା ଯଦୁମଣୀ ପାଣିଗ୍ରାହୀଙ୍କ ମାର୍ଗଦର୍ଶନରେ ବୈଠକ ଅନୁଷ୍ଠିତ ହୋଇଥିଲା । ବିଭିନ୍ନ ଗ୍ରାମରୁ ଆସିଥିବା ଗ୍ରାମ୍ୟ କମିଟିର ନେତୃମଣ୍ଡଳୀ ନିଜ ନିଜ ଗାଁରେ ବିସ୍ଥାପିତ ମାନେ ଭୋଗ କରୁଥିବା ଦୁଃଖଦୁର୍ଦ୍ଦଶା କଥା ବୈଠକରେ ଉପସ୍ଥାପନ କରିଥିଲେ । କରୋନା ମହାମରୀ କଟକଣା ନାମରେ ଅଫିସର କୌଣସି ତଥ୍ୟ ଦେଉନାହାନ୍ତି ଏବଂ ଆମର କୌଣସି କଥାକୁ ଶୁଣୁନାହାନ୍ତି ବୋଲି ଅନେକ ବିସ୍ଥାପିତ ଅଭିଯୋଗ କରିଥିଲେ । ବର୍ତମାନ ପ୍ରକଳ୍ପ ସରିବା ଉପରେ କିନ୍ତୁ ବିସ୍ଥାପିତଙ୍କ ସମସ୍ୟାର ସମାଧାନ ପାଇଁ ପ୍ରଶାସନିକ ଅଧିକାରୀ ଓ ଡ୍ୟାମ କର୍ତୃପକ୍ଷଙ୍କ ଉଦାସିନତା, ନିଷ୍କ୍ରିୟତା ଓ ଖାମଖିଆଲି ମନୋଭାବ ଓ ବ୍ୟାପକ ଦୁର୍ନିତି ବିରୁଦ୍ଧରେ ସମସ୍ତେ ବିଷୋଦଗାର କରିବା ସହିତ ନିନ୍ଦା କରିଥିଲେ । ଅନେକ ଲୋକଙ୍କ ଥଇଥାନ ଜମି କ୍ଷତିପୂରଣ ରାଶି ଅତିଶିଘ୍ର ପ୍ରଦାନ କରିବାକୁ ଦାବୀ କରିଥିଲେ । ନଚେତ ଆଗାମୀ ଦିନରେ ଲୋୟର ଇନ୍ଦ୍ର ବିସ୍ଥାପିତ ସହାୟତା ସମିତି ଜୋରଦାର ଆନ୍ଦୋଳନ କରିବ ବୋଲି ନିଷ୍ପତି ନିଆଯାଇଥିଲା । ଏହି ବୈଠକରେ ଉପଦେଷ୍ଟା କରୁଣାକର ହୋତା, ଧ୍ରୁବ ଦଳ, ଜୟରାମ ମାଝୀ, ସମ୍ପାଦକ ଗୋପିନାଥ ରାଉତ, କୋଷାଧକ୍ଷ ପର୍ଶୁରାମ ପଟେଲ, ହୃଷିକେଶ ବେହେରା, ରାମ, ବେହେରା, ଟିକେରାମ ମାଝୀ, ଭାବସିଂ ମାଝୀ ସମେତ ଗ୍ରାମ୍ୟ କମିଟିର ପ୍ରମୁଖ ବ୍ୟକ୍ତିବିଶେଷ ଯୋଗଦାନ କରିଥିଲେ ।

## ପୂର୍ବତନ ସାଂସଦ କାର୍ତିକେଶ୍ୱର ପାତ୍ରଙ୍କ ପରଲୋକରେ କେନ୍ଦ୍ର ମନ୍ତ୍ରୀ ପ୍ରତାପ ଷଡଙ୍ଗୀଙ୍କ ଶୋକ

ଭୁବନେଶ୍ୱର,୦୭।୧୦ (ନି.ପ୍ର): ବାଲେଶ୍ୱରର ପୂର୍ବତନ ସାଂସଦ ତଥା ପୂର୍ବତନ ଭୋଗରାଇ ବିଧାୟକ କାର୍ତିକେଶ୍ୱର ପାତ୍ରଙ୍କ ବିୟୋଗରେ କେନ୍ଦ୍ର ମନ୍ତ୍ରୀ ପ୍ରତାପ ଷଡଙ୍ଗୀ ଶୋକ ପ୍ରକାଶ କରିଛନ୍ତି । ସେ ଟ୍ୱିଟ କରି କହିଛନ୍ତି ଯେ - ବାଲେଶ୍ୱରର ପୂର୍ବତନ ସାଂସଦ, ଭୋଗରାଇର ପୂର୍ବତନ ବିଧାୟକ ତଥା ଜଣେ ସୁଲେଖକ ଡ. କାର୍ତିକେଶ୍ୱର ପାତ୍ରଙ୍କ ଦେହାନ୍ତର ଖବର ପାଇ ମୁଁ ଅତ୍ୟନ୍ତ ଦୁଃଖିତ ଏବଂ ମର୍ମାହତ । ଡ. କାର୍ତିକେଶ୍ୱର ପାତ୍ର କେବଳ ଜଣେ ରାଜନେତା ଭାବରେ ନୁହେଁ, ଜଣେ ସାହିତ୍ୟିକ ଭାବେ ସେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବାରେ ସକ୍ଷମ ହୋଇଥିଲେ । ଏଭଳି ଏକ ଘଡିସନ୍ଧି ମୁହୂର୍ତରେ ପ୍ରଭୁ ଜଗନ୍ନାଥଙ୍କ ପାଖେ ଅମର ଆତ୍ମାର ସଦଗତି କାମନା କରିବା ସହ ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଉଛି ଏବଂ ବନ୍ଧୁ , ବାନ୍ଧବ ଓ ଶୁଭେଚ୍ଛୁ ଏବଂ ସମର୍ଥକ ମାନଙ୍କୁ ଏହି ଦୁଃଖକୁ ସହନ କରିବା ନିମନ୍ତେ ଧୈର୍ଯ୍ୟ ପ୍ରଦାନ କରିବା ପାଇଁ ପ୍ରାର୍ଥନା କରୁଛି ।

# ପୋଖରୀରେ ବୁଡି ନାବାଳିକା ମୃତ

ମାଲକାନଗିରି,୦୭।୧୦ (ନି.ପ୍ର): ମାଲକାନଗିରି ଜିଲ୍ଲାର କାଲିମେଳା ଥାନା ଅନ୍ତର୍ଗତ ଚିତ୍ରାଙ୍ଗପାଲି ଗାଁରେ ଗତକାଲି ସନ୍ଧ୍ୟାରେ ଏକ ଦୁଃଖଦ ଘଟଣା ଘଟିଥିବା ଦେଖିବାକୁ ମିଳିଛି । ମୃତ ନାବାଳିକା ଜଣକ ହେଉଛନ୍ତି ଚିତ୍ରାଙ୍ଗପାଲି ଗାଁ ର ଉରା ମାଡ଼କାମୀ ଙ୍କ ସାତ ବର୍ଷର ଝିଅ ତୁଳସୀ ମାଡ଼କାମୀ । ସେ ଗତକାଲି ସନ୍ଧ୍ୟା ପ୍ରାୟ ଚାରିଟା ସମୟରେ ନିଜ ମାଆ ଙ୍କ ସହିତ ଗାଈ ଚରାଇବାକୁ ଗ୍ରାମ ନିକଟରେ ଥିବା ଏକ ଜମିକୁ ଯାଇଥିଲେ ।କୌଣସି କାରଣରୁ ସେ ଉକ୍ତ ଗ୍ରାମର ସ୍କୁଲ ପଛପଟରେ ଥିବା ଏକ ପୋଖରୀରେ ବୁଡି ଯାଇଥିଲେ ।ଏ ସମ୍ପର୍କରେ ସୂଚନା ପାଇ ଗ୍ରାମବାସୀ ଘଟଣା ସ୍ଥଳରେ ପହଂଚି ନାବାଳିକାଙ୍କୁ ପାଣିରୁ ଉଦ୍ଧାର କରି ପ୍ରଥମେ ଚିକସା ପାଇଁ ଏ ମ ଭି ୫୫ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇ ଭର୍ତି କରିଥିଲେ । ସେଠାରେ ମେଡିକାଲ କର୍ତୃପକ୍ଷ ତାଙ୍କୁ ଜିଲ୍ଲା ମୁଖ୍ୟ ସ୍ୱାସ୍ଥ୍ୟକେନ୍ଦ୍ରକୁ ରେଫର କରିଥିଲେ । ମାଲକାନଗିରି ମେଡିକାଲରେ ଡାକ୍ତର ତାଙ୍କର ମୃତ୍ୟୁ ହୋଇଥିବା ଘୋଷଣା କରିଥିଲେ ।ଏ ନେଇ ମୃତକଙ୍କ ପରିବାର ପକ୍ଷରୁ କାଲିମେଳା ଥାନା ରେ ଏତଲା ଦେଇଛନ୍ତି । ଥାନା ଅଧିକାରୀ ସୁରଜ କୁମାର ଝା ଙ୍କରଙ୍କ ନିର୍ଦ୍ଦେଶ କ୍ରମେ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି । ଏସ ଆଇ ମନୋହର ସାହୁ ଓ ଅନ୍ୟ ପୋଲିସ କର୍ମଚାରୀ ଜିଲ୍ଲା ସ୍ୱାସ୍ଥ୍ୟକେନ୍ଦ୍ରରେ ପହଂଚି ଆଜି ନାବାଳିକାଙ୍କ ମୃତ ଦେହକୁ ଜବତ କରି ଶବ ବ୍ୟବଚ୍ଛେଦ ହେବା ପରେ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି । ଏହି ଘଟଣାର ତଦନ୍ତ ଚାଲିଥିବା ଥାନା ଅଧିକାରୀ ଶ୍ରୀ ଝାଙ୍କର କହିଛନ୍ତି । ତେବେ ମୃତ ନାବାଳିକାଙ୍କୁ ପରିବାରକୁ ପ୍ରଶାସନ ପକ୍ଷରୁ ସରକାରୀ ସହାୟତା ଯୋଗାଇଦେବାକୁ ଗ୍ରାମବାସୀ ଦାବୀ କରିଛନ୍ତି ।

# ପଥର ଖଣି ଲିଜକୁ ଗ୍ରାମବାସୀଙ୍କ ବିରୋଧ

ମାଲକାନଗିରି,୦୭।୧୦ (ନି.ପ୍ର): ମାଲକାନଗିରି ଜିଲ୍ଲା ଖଇରପୁଟ ବ୍ଲକ ଆମାକୁଣ୍ଡ ନିକଟରେ ରହିଥିବା ପ୍ରାୟ ୬ ଶହ ଏକର ପାହାଡ଼ରୁ ପଥର ଖନନ କରାଯିବା ନେଇ ଲିଜ୍ ପାଇଁ ଷଡ଼ଯନ୍ତ୍ର ଚାଲିଥିବାରୁ ଖଇରପୁଟ,କଦମଗୁଡ଼ା, କୁଡୁମୁଲୁଗୁମ୍ମା, ପଡ଼ାଘାଟ ଓ ରାବେଡ଼ା ପଂଚାୟତର ଅଧିବାସୀ ମାନେ ଏହାକୁ ବିରୋଧ କରୁଥିବା ଦେଖିବାକୁ ମିଳିଛି । ଏନେଇ ଆଜି ଖଇରପୁଟ ତହସିଲଦାର ଙ୍କୁ ଭେଟି ଏକ ଦାବିପତ୍ର ପ୍ରଦାନ କରାଯାଇଛି । କିଛି ଦଲାଲ ଆନ୍ଧ୍ର କମ୍ପାନି ସହ ମିଶି ଏହି ପାହାଡ଼ର ଲିଜ୍ କରାଇଦେବା ନାଁରେ ଲକ୍ଷ ଲକ୍ଷ ଟଙ୍କା ହଡ଼ପ କରିଥିବା ନେଇ ଅଭିଯୋଗ କରିଛନ୍ତି ଅଂଚଳବାସୀ । ଲଗାତାର ପାହାଡ଼ ଅଂଚଳର ଲୋକଙ୍କୁ ଏକତ୍ରିତ କରି ପଲ୍ଲୀସଭା କରିବା ପାଇଁ ଯୋଜନା ପ୍ରସ୍ତୁତ କରୁଥିବା ଦେଖିବାକୁ ମିଳିଛି । ଏହି ପାହାଡ଼ରେ ଆମାକୁଣ୍ଡ ଶୈବପୀଠ ଓ ଦାମଲଦେଇ ଶକ୍ତିପୀଠ ମଧ ରହିଛି । ପଥର ଖନନ ହେଲେ ଏହି ସବୁ ପୀଠ ନଷ୍ଟ ହୋଇଯିବ । ତା ସହିତ ଏଠିକା ପ୍ରାକୃତିକ ସବୁଜ ବନାନୀ ଉଜୁଡ଼ିଯିବ ବୋଲି ଲୋକେ କହିଛନ୍ତି । ଏହି ଅଂଚଳରେ ୫ଟି ଚିରସ୍ରୋତା ନଦୀ ରହିଛି । ଯାହା ଦ୍ୱାରା ଲୋକେ ଚାଷ କରିପାରୁଛନ୍ତି । ଯଦି ପଥର ଖନନ ହୁଏ ତାହାହେଲେ ନଦୀ ଗୁଡ଼ିକ ଉପରେ ଏହାର କୁପ୍ରଭାବ ପଡ଼ିବା ଆଶଙ୍କା ରହିଛି । ପାହାଡ଼ ଉପରେ ଆଦିମ ଜନଜାତି ବଣ୍ଡା, ଦିଦାଇ ଓ ଗଣ୍ଡ ଜାତିର ଲୋକେ ବସବାସ କରୁଛନ୍ତି । ସେମାନଙ୍କ ପାଇଁ ଜଙ୍ଗଲ ହେଉଛି ଦେବତା । ତେଣୁଯଦି ଏଠାରେ କୌଣସି ପ୍ରକାର ଖନନ କରାଯାଏ ତାହାହେଲେ ଆଗାମୀ ଦିନରେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବାକୁ ବାଧ ହେବୁ ବୋଲି ଅଂଚଳବାସୀ ଗ୍ରହଣ କରିବାକୁ ବାଧ ହେବୁ ବୋଲି ଚେତାବନୀ ଦେଇଛନ୍ତି !

# ଜଳ ଯୋଗାଣ ବ୍ୟବସ୍ଥାରେ କାର୍ଯ୍ୟରତ କର୍ମଚାରୀଙ୍କ କାର୍ଯ୍ୟବନ୍ଦ ଚେତାବନୀ

ଭଦ୍ରକ, ୭/୧୦ (ହି.ସ.) - ସହରା ଳ ଓ ଗ୍ରାମାଂଚଳରେ ଜଳ ଯୋଗାଣ ବ୍ୟବସ୍ଥାରେ କାର୍ଯ୍ୟରତ ପ୍ରାୟ ୧୦ ହଜାରରୁ ଉର୍ଦ୍ଧ୍ୱ କର୍ମଚାରୀ କାର୍ଯ୍ୟବନ୍ଦ ଆନ୍ଦୋଳନ କରିବେ ବୋଲି ସରକାରଙ୍କୁ ଚେତାବନୀ ଦେଇଛନ୍ତି । ଓଡ଼ିଶା ପାଇପ ଜଳ ଯୋଗାଣ କର୍ମଚାରୀ ସଂଘ ପକ୍ଷରୁ ସରକାରଙ୍କୁ ଏହି ଚେତାବନୀ ଦିଆଯିବା ସହିତ କୁହାଯାଇଛି ଯେ ଏହି ବ୍ୟବସ୍ଥାରେ ଅସ୍ଥାୟୀ କର୍ମଚାରୀମାନଙ୍କୁ ସ୍ଥାୟୀ ନିଯୁକ୍ତି, ସ୍ଥାୟୀ ନିଯୁକ୍ତି ପର୍ଯ୍ୟନ୍ତ ପୂର୍ବ ନିଷ୍ପତି ପ୍ରକାରେ ୧୦୦ ଟଙ୍କା ପ୍ରୋତ୍ସାହନ ଭତା ପ୍ରଦାନ, ୱାର୍କଚାର୍ଜ କର୍ମଚାରୀମାନଙ୍କୁ ରେଗୁଲାର କର୍ମଚାରୀର ମାନ୍ୟତା ସହ ସ୍ୱିରିକୃତ ପେନ୍‌ସନ ପ୍ରଦାନ, ଠିକା ଓ ଏସ୍‌ଇଏମ୍ କର୍ମଚାରୀମାନଙ୍କୁ ସର୍ବନିମ୍ନ ମଜୁରୀ ପ୍ରଦାନ ସହ ଇ ମାଷ୍ଟର ରୋଲ ମାଧମରେ ବେତନ ପ୍ରଦାନ, କୋଭିଡ଼ ୧୯ ମହାମାରୀରେ ମୃତ୍ୟୁ ବରଣ କରିଥିବା କର୍ମଚାରୀଙ୍କୁ ୫୦ ଲକ୍ଷ ଟଙ୍କା କ୍ଷତିପୂରଣ ପ୍ରଦାନ, କ୍ୟାଡର ରୁଲ ସଂଶୋଧନ କରାଯାଇ ଅବସରପ୍ରାପ୍ତ କର୍ମଚାରୀମାନଙ୍କୁ ପେନ୍‌ସନ ପ୍ରଦାନ, ଆଉଟସୋର୍ସି କର୍ମଚାରୀମାନଙ୍କ ସର୍ବନିମ୍ନ ଉଚ୍ଚ କୁଶଳୀ ମଜୁରୀ ସହ ଇପିଏଫ୍ ଓ ଇଏସ୍‌ଆଇ ବ୍ୟବସ୍ଥା ପ୍ରଦାନ, ୱାଟ୍‌କୋ ସଂସ୍ଥାରେ କାର୍ଯ୍ୟ କରାଯାଇ ଜନସ୍ୱାସ୍ଥ୍ୟ ବିଭାଗରୁ ବେତନ ପରିବର୍ତେ ୱାଟ୍‌କୋ ସଂସ୍ଥାରୁ ବେତନ ପ୍ରଦାନ ଆଦି ଦାବୀ ପୂରଣ ପାଇଁ ଅନୁରୋଧ କରାଯାଇଛି । ରାଜ୍ୟ ଗୃହ ଓ ନଗର ଉନ୍ନୟନ ବିଭାଗ ଉପରୋକ୍ତ ଦାବୀ ସମ୍ପର୍କରେ ଦୀର୍ଘ ବର୍ଷ ଧରି ଅବଗତ ଥିଲେ ମଧ ଦାବୀ ପୂରଣ କ୍ଷେତ୍ରରେ କୌଣସି ପଦକ୍ଷେପ ନେଉନାହିଁ । କୋଭିଡ଼ ମହାମାରୀ ଭୂତାଣୁର ଭୟାବହତାକୁ ଦୃଷ୍ଟିରେ ରଖି ରାଜ୍ୟ ସଂଘ ଗତ ମାର୍ଚ୍ଚ ମାସ ଠାରୁ ନିରବଚ୍ଛିନ୍ନ ଭାବରେ ସହରାଂଚଳ ଓ ଗ୍ରାମା ଳରେ ଥିବା କ୍ୱାରେନଟାଇନ ସେ ର ଗୁଡିକୁ ଜଳଯୋଗାଣ କରିବା ସହିତ ବିଭିନ୍ନ ଚିକିତ୍ସାଳୟକୁ ମଧ ନିରବଚ୍ଛିନ୍ନ ଜଳ ଯୋଗାଣ ବ୍ୟବସ୍ଥାକୁ ସୁଚାରୁ ରୂପେ ସମ୍ପନ୍ନ କରାଯାଉଛି । ସରକାର ଜଳ ଯୋଗାଣ ବ୍ୟବସ୍ଥାକୁ ଅତ୍ୟାବଶ୍ୟକ କାର୍ଯ୍ୟ ଭାବେ ବିଚାର କରୁଥିବା ବେଳେ ଏହି ବ୍ୟବସ୍ଥାରେ କାର୍ଯ୍ୟ କରୁଥିବା କର୍ମଚାରୀଙ୍କ ଦାବୀ ପ୍ରତି କର୍ଣ୍ଣପାତ କରୁ ନାହାନ୍ତି । ଫଳରେ ଏହି ବ୍ୟବସ୍ଥାରେ କାର୍ଯ୍ୟ କରୁଥିବା ୧୦ ହଜାରରୁ ଉର୍ଦ୍ଧ୍ୱ କର୍ମଚାରୀ ଆଗାମୀ ଦିନରେ କାର୍ଯ୍ୟବନ୍ଦ ଆନ୍ଦୋଳନ କରିବେ ବୋଲି ସଂଘର ଭଦ୍ରକ ଶାଖା ସମ୍ପାଦକ ସନ୍ତୋଷ କୁମାର ପଣ୍ଡା ଏଠାରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି । ଆସନ୍ତା ୧୬ ତାରିଖରେ ରାଜ୍ୟ ସର୍ବୋଚ୍ଚ ଯନ୍ତ୍ରୀ ଜନସ୍ୱାସ୍ଥ୍ୟ ବିଭାଗଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣା ଏବଂ ୨୦ ତାରିଖ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଗଣଧାରଣା ସହ ସ୍ମାରକପତ୍ର ପ୍ରଦାନ କରାଯିବ । ପରେ ୨୩ ତାରିଖରୁ ୨୬ ତାରିଖ ପୂଜା ଛୁଟିରେ ସମସ୍ତ କର୍ମଚାରୀ କାର୍ଯ୍ୟବନ୍ଦ ଆନ୍ଦୋଳନ କରିବେ ବୋଲି ସାଧାରଣ ସମ୍ପାଦକ ମନୋଜ କୁମାର ମହାନ୍ତି, ଉପଦେଷ୍ଟା ନାରାୟଣ ଚନ୍ଦ୍ର ସାମଲ,ମନୋଜ କୁମାର ରାଉତ, ବିଷ୍ଣୁ ଜେନା, ଅମର ସିଂ, ଶରତ କୁମାର ଜେନା, ସନ୍ଦିପ ବିନ୍ଧାଣୀ, ରାଜେନ୍ଦ୍ର କୁମାର ସାମଲ ପ୍ରମୁଖ କାର୍ଯ୍ୟକର୍ତା ସରକାରଙ୍କୁ ଚେତାବନୀ ଦେଇଛନ୍ତି ।

## ପଥରପଦା ସରପଂଚ କରୋନା ଆକ୍ରାନ୍ତ

କୋରେଇ,୦୭।୧୦ (ନି.ପ୍ର): କୋରାଇ ବ୍ଲକ ଅନ୍ତର୍ଗତ ପଥରପଦା ପଂଚାୟତର ସରପଂଚ କରୋନା ଯୋଦ୍ଧା ପ୍ରକାଶ ଚନ୍ଦ୍ର ମଲ୍ଲିକ କରୋନା ଆକ୍ରାନ୍ତ ହୋଇଛନ୍ତି । ଆଜି ପଥରପଦା ପଂଚାୟତ କାର୍ଯ୍ୟାଳୟ ପରିସରରେ କୋଭିଡ ପରୀକ୍ଷା କରାଯାଉଥିଲା । ମୋଟ ୬୨ ଜଣ କରୋନା ଟେଷ୍ଟ କରିଥିବା ବେଳେ ୯ ଜଣଙ୍କର ପଜେଟିଭ ଚିହ୍ନଟ ହୋଇଥିଲା । ସେମାନଙ୍କ ମଧ୍ୟରୁ ସରପଂଚ ମଧ୍ୟ ଚିହ୍ନଟ ହୋଇଥିଲେ । ତାଙ୍କୁ ଯାଜପୁର କୋଭିଡ ହସପିଟାଲକୁ ଚିକିତ୍ସା ନିମନ୍ତେ ପଠାଯାଇଛି । ପଥରପଦାବାସୀଙ୍କ ପକ୍ଷରୁ ସରପଂଚଙ୍କ ଆଶୁ ଆରୋଗ୍ୟ କାମନା କରାଯାଇଛି ।

ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର ୪

୦୮ ଅକ୍ଟୋବର ୨୦୨୦, ଗୁରୁବାର

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

# ଯଥାର୍ଥ ପଦକ୍ଷେପ...

ସୀମା ବିବାଦକୁ ନେଇ ଚୀନ୍ ଓ ଭାରତ ମଧ୍ୟରେ ଗତ ପ୍ରାୟ ଚାରି ମାସ ଧରି ଉତ୍ତେଜନା ଲାଗିରହିଛି । ଭାରତ ପକ୍ଷରୁ ଶାନ୍ତି ପାଇଁ ଯେତେ ପ୍ରୟାସ କରାଗଲେ ସୁଦ୍ଧା କୌଣସି ନା କୌଣସି ଆଳ ଦେଖାଇ ଚୀନ ବିବାଦକୁ ଆହୁରି ଜଟିଳ କରିଚାଲିଛି । ଆଶା କରାଯାଉଥିଲା ଯେ, ମସ୍କୋଠାରେ ଗତ ଦୁଇ ସପ୍ତାହ ତଳେ ଉଭୟ ଦେଶର ପ୍ରତିରକ୍ଷା ଓ ପରେ ପରେ ବୈଦେଶିକ ବ୍ୟାପାର ମନ୍ତ୍ରୀଙ୍କ ମଧ୍ୟରେ ଆଲୋଚନା ଓ ପାଞ୍ଚସୂତ୍ରୀ ସହମତି ପରେ ସବୁକିଛି ପୁଣି ସ୍ୱାଭାବିକ ଅବସ୍ଥାକୁ ଫେରିଆସିବ । କିନ୍ତୁ ମୁହଁରେ ପ୍ରତିଶ୍ରୁତି ଦେଇ ଚୀନ ତା'ର ପୂର୍ବ ଖୋଇ ଦେଖାଇବାକୁ ଛାଡ଼ିଲା ନାହିଁ । ୧୯୯୫ ମସିହାରେ ଏକତରଫା ଭାବେ ବାସ୍ତବ ନିୟନ୍ତ୍ରଣ ରେଖା (ଏଲଏସି)କୁ ବଦଳାଇବା ସକାଶେ ପୂର୍ବରୁ ଯେଉଁ ଦାବି କରିଆସିଥିଲା, ତାକୁ ପୁଣି ଥରେ ଦୋହରାଇଛି । ଫଳରେ ମସ୍କୋ ଆଲୋଚନା ଓ ସହମତି ଫସର ଫାଟିଯାଇଛି । ତେବେ ୧୯୫୯ ମସିହାର ଚୀନର ଏକତରଫା ଏଲଏସି ପରିବର୍ତ୍ତନ ଦାବିକୁ ଭାରତ ଯେଭଳି ଭାବେ ଖଣ୍ଡନ କରିଛି ତାହା ବାସ୍ତବିକ ପ୍ରଶଂସନୀୟ । ଚୀନ ଏପରି କରି ବିବାଦକୁ ତେଜାଇ ରଖିବାକୁ ଚାହେଁ । ତେଣୁ ଚୀନର ସୁପରିକଳ୍ପିତ ଯୋଜନାର ଏହା ଅଂଶବିଶେଷ ବୋଲି ବୁଝିବାକୁ ହେବ ଏବଂ ବେଜିଂର ଯେକୌଣସି ଭବିଷ୍ୟତ ପ୍ରତିଶ୍ରୁତି ଅବା ଘୋଷଣାକୁ ଭାରତ କଦାପି ବିଶ୍ୱାସ ଏବଂ ଗ୍ରହଣ କରିବା ଅନୁଚିତ । ଲଦାଖ ଅରୁଣାଚଳ ପ୍ରଦେଶ ସୀମାକୁ ଯେକୌଣସି ପ୍ରକାରେ ବିବାଦାସ୍ପଦ ରଖିଲେ ଭାରତ ସହ ସମ୍ପର୍କରେ ଉତ୍‌ଥାନ-ପତନ ଜାରି ରହିବ । ଏହା ଚୀନର ଅସଲ ଉଦ୍ଦେଶ୍ୟ । ଏହା ଭାରତ ଉପରେ ଚାପ ବୋଲି ଚୀନ ବିବେଚନା କରେ । ଅନ୍ୟଥା, ଜୁନ ମାସର ଗଲୱାନ ବିବାଦ ପରେ କୋର୍ କମାଣ୍ଡରସ୍ତରୀୟ ବିବିଧ ଆଲୋଚନା ଓ ଉଭୟ ଦେଶର ବରିଷ୍ଠ ନେତୃବର୍ଗଙ୍କ ମଧ୍ୟରେ ପ୍ରତ୍ୟକ୍ଷ କଥାବାର୍ତ୍ତା ସତ୍ତ୍ୱେ ସେ ଅଡୁଆ ତୁଟୁନାହିଁ । ତୁଟିବ ମଧ ନାହିଁ । କାରଣର, ଚୀନ ଇତିମଧ୍ୟରେ ସୀମାନ୍ତରେ ନିଜର ଘାଟିକୁ ସଜାଡ଼ିବାରେ ବ୍ୟସ୍ତ । ଏହା ମଧ ଲକ୍ଷ୍ୟ କରିବା କଥା ଯେ, ଚୀନକୁ ଠିକଣା ଜବାବ ଦେବା ଅଭିପ୍ରାୟରେ ଭାରତ ମଧ ଲଦାଖଠାରୁ ଅରୁଣାଚଳ ପ୍ରଦେଶ ପର୍ଯ୍ୟନ୍ତ ସୀମାରେ ପ୍ରସ୍ତୁତ ହୋଇ ରହିଛନ୍ତି । ଏତେ କମ୍ ସମୟ ମଧ୍ୟରେ ଭାରତର ଏଭଳି ସାମରିକ ପ୍ରତିକ୍ରିୟାରେ ଚୀନ ମଧ ବିସ୍ମିତ ହୋଇଛି । କିନ୍ତୁ ଚିରାଚରିତ ଭାବେ ସେ ଦେଶ ରାଷ୍ଟ୍ରମୁଖ୍ୟଙ୍କ ତୁଣ୍ଡିରୁ ପଦଟିଏ ପ୍ରତିକ୍ରିୟା ପ୍ରକାଶ ପାଉନାହିଁ । ଏହା ସୂଚିତ କରେ ଯେ, ୧୯୫୦ ଦଶକରେ ଭାରତ ପ୍ରତି ଚୀନର ଆଭିମୁଖ୍ୟ ଯାହା ଥିଲା ଏବେ ମଧ ସେଇଆ ରହିଛି । ଏହାର କାରଣ, ଚୀନର ବୈଦେଶିକ ନୀତିର ପରିଭାଷା ହେଉଛି- ପ୍ରତିବେଶୀ ରାଷ୍ଟ୍ରଙ୍କ ସହ ଶତ୍ରୁତା ଆଚରଣ ଓ ବିସ୍ତାରବାଦ । ଯଦି ଚୀନ ଲଦାଖ ଓ ଅରୁଣାଚଳକୁ ନେଇ ଏତେ ଜଟିଳ ଏବଂ ପୂର୍ବରୁ ଦୁଇ ଦେଶ ମଧ୍ୟରେ ସ୍ୱାକ୍ଷରିତ ସବୁ ରାଜିନାମାକୁ ଭୁଲିଯିବାକୁ ଆଗ୍ରହୀ, ତେବେ ତିବ୍ବତକୁ ନେଇ ଦୁଇ ଦେଶ ମଧ୍ୟରେ ସ୍ୱାକ୍ଷରିତ ରାଜିନାମାକୁ ଭାରତ ଚାହିଁଲେ ଅସ୍ୱୀକାର କରିପାରିବ । ଏହା ଚୀନକୁ ଅଡୁଆ ପରିସ୍ଥିତିରେ ପକାଇବା ଅସମ୍ଭବ ନୁହେଁ । ଏକବିଂଶ ଶତାବ୍ଦୀରେ ବିଶ୍ୱରୁ ମହାଶକ୍ତିମାନେ ଯୁଦ୍ଧ କଥା ସଂପୂର୍ଣ୍ଣ ରୂପେ ଭୁଲିବାକୁ ବସିଲେଣି । ଏହାର କାରଣ ଅସ୍ତ୍ର ପ୍ରତିଯୋଗିତା, ଯୁଦ୍ଧ ଘୋଷଣା, ରାଷ୍ଟ୍ର ଜୟ ଭଳି ଭାବନା ଅତୀତ ହୋଇସାରିଛି । ଏବେ ମଣିଷ ବଞ୍ଚିବା ପାଇଁ ପ୍ରକୃତି ସହ ଯୁଝୁଛି । ଜଳବାୟୁ ପରିବର୍ତ୍ତନକୁ ରୋକି ପରିବେଶର ସୁରକ୍ଷା କରୁଛି । କିନ୍ତୁ ଚୀନ ନିଜ ପ୍ରତିବେଶୀ ରାଷ୍ଟ୍ରଙ୍କ ସୀମା ଲଂଘିବାକୁ ପଶ୍ଚାତ୍‌ପଦ ହେଉନାହିଁ କିମ୍ବା ମାନବ ସମାଜକୁ କରୋନା ଭୂତାଣୁ ଉପହାର ଦେଇ ଲଜ୍ଜା ଅନୁଭବ କରୁନାହିଁ । ଏହା ସେ ଦେଶର ବୈଶିଷ୍ଟ୍ୟ । ସେଇଥିପାଇଁ ବିଶ୍ୱ ସମକ୍ଷରେ ଚୀନ ଦିନକୁ ଦିନ ଏକ ଘୃଣ୍ୟ ଓ ସନ୍ଦେହଜନକ ରାଷ୍ଟ୍ରରେ ପରିଣତ ହୋଇ ଚାଲିଛି । ଚୀନ ସହ ସ୍ୱାଭାବିକ ସଂପର୍କ ତୁଟାଇ ଚାଲିଛନ୍ତି ଅନେକ ରାଷ୍ଟ୍ର । କିନ୍ତୁ ଚୀନ, ଉତ୍ତର କୋରିଆ ଓ ପାକିସ୍ତାନ ଭଳି ରାଷ୍ଟ୍ରଙ୍କୁ ବନ୍ଧୁଭାବେ ପାଇ ବେଶ୍ ସନ୍ତୁଷ୍ଟ । ଭାରତର ପ୍ରଧାନମନ୍ତ୍ରୀଙ୍କ ଆତିଥ୍ୟର ଉଷ୍ମତା ସେ ଦେଶର ସର୍ବମୟ କର୍ତ୍ତାଙ୍କ ପାଇଁ ସହଜବୋଧ ନୁହେଁ । ମୁହଁରେ ହସ ଓ ହୃଦୟରେ ବିଷ ଧାରଣ କରିଥିବା ଚୀନ୍‌ର ଅସଲ ସ୍ୱରୂପ ଏବେ କେବଳ ଭାରତ ସମ୍ମୁଖରେ ନୁହେଁ, ସମଗ୍ର ବିଶ୍ୱ ସମ୍ମୁଖରେ ଉନ୍ମୋଚିତ ହୋଇସାରିଛି । ଏହାକୁ ସ୍ମରଣ ରଖି ଭାରତ ତା'ର ଭବିଷ୍ୟତର ରଣନୀତି ଓ କାର୍ଯ୍ୟପନ୍ଥା ଗ୍ରହଣ କରିବା ଉଚିତ୍ । ସେଥିରେ ହିଁ ଦେଶର ସାର୍ବଭୌମତ୍ୱ ଏବଂ ଅଖଣ୍ଡତା ସୁରକ୍ଷିତ ।

କବିତ କୋଣାର୍କ

## ଖୋଜୁଥିଲି ଜହ୍ନରାତି...

ବିନୟ କୁମାର ଦାସ



ଖୋଜୁଥିଲି ଜହ୍ନରାତି ତାରାଙ୍କ ମିଳିତ ଗୀତି
ହସିଦେଲା ଆକାଶଟା ମୁରୁକି ମୁରୁକି
ଜୋଛନା ହେଲା ମୋ ସ୍ୱପ୍ନ ଅନ୍ଧକାରେ ହେଲି ମଗ୍ନ
ଓଦା ହେଲା ତନୁମନ ଶିଶିର ଝରିକି ॥୦॥

କେବେ ତୁମେ ନୀଳ ଜହ୍ନ ଦିଶ ଭାରି ଛନଛନ
କେବେ ବନି ଯାଅ ଏକ ଶରମି ଲତିକା
ତୁମକୁ ପଢିବା ପାଇଁ ହୁଏ କେତେ ହାଇଁପାଇଁ
ତୁମେ ତ କେବେ ବି ଥରେ ହୁଅନି ଗୀତିକା
ନା ଲେଖେଇ ଦିଅ ମୋତେ ନା ପାଖେଇ ନିଅ ମୋତେ
ଭଲ ପାଅ ନାହିଁ ବୋଲି କୁହ ବି ଠାରିକି
ଜହ୍ନ ହସୁଥାଏ ଖାଲି ମୁରୁକି ମୁରୁକି ॥ ୧ ॥

ଆଶାର ସଉଧ ମୋର ଭାଙ୍ଗି ଆଜି ଚୁରମାର
ତୁମେ କିନ୍ତୁ ନିର୍ବିକାର ତୁମ ମୁଲକରେ
ଦିଗ୍ ବଳୟ ସେ ପାଖରେ ମୋତେ ରଖି ଅନ୍ଧକାରେ
ରହିଅଛ ତୁମେ ଏବେ ଶୁଭ୍ର ଆଲୋକରେ
ସ୍ମୃତିର ସାଗରେ ବୁଡ଼ି ବିକଳେ ଛାଡ଼ୁଛି ରଡ଼ି
ମନ ବି ତ ଚାହୁଁ ନାହିଁ ଯାଏ ମୁଁ ଫେରିକି
ବରଂ ଜହ୍ନ ହସୁଥାଉ ମୁରୁକି ମୁରୁକି ॥୨॥
॥୦॥

+ ଅଂଗାରଗଡିଆ, ବାଲେଶ୍ୱର-୧
ମୋ- ୭୯୭୮୮୬୦୩୬୩

# ସେବାରେ ଭାରତୀୟ ବାୟୁ ସେନା

## ଅକ୍ଟୋବର ୮ ନିମନ୍ତେ

ବିପିନ ବିହାରୀ ମହାନ୍ତି

ଭାରତର ସୁରକ୍ଷା ନିମନ୍ତେ ସାମରିକ ବିଭାଗରେ ମୁଖ୍ୟତଃ ତିନି ପ୍ରକାରର ସେନାବାହିନୀ ସଂପୃକ୍ତ ଅଛନ୍ତି । ସେମାନେ ହେଲେ ଆକାଶବାହିନୀ ବା ବାୟୁସେନା, ପଦାତିକ ବା ସ୍ଥଳସେନା ଏବଂ ଜଳବାହିନୀ ବା ନୌସେନା । ଏହି ତିନିବାହିନୀର ସୈନିକମାନଙ୍କର ସେବା ଓ ବଳିଦାନ ନିମନ୍ତେ ତଥା ଜାତିର ସେବା ଓ ନିରାପତ୍ତା କାରଣକୁ ଆମେ ପ୍ରତିବର୍ଷ ସେମାନଙ୍କ ଉଦ୍ଦେଶ୍ୟରେ ୩ ଦିନ ସମ୍ମାନ ପ୍ରଦର୍ଶନ କରିଥାଉଁ ତଥା ସେବା ସମୟରେ ନିଜର ବଳିଦାନ କାରଣରୁ ସମ୍ମାନ ଓ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥାଉ । ଏହି ତିନୋଟି ଦିନ ଯଥାକ୍ରମେ ହେଲେ ବାୟୁସେନାଙ୍କ ପାଇଁ ୮ ଅକ୍ଟୋବର, ସ୍ଥଳସେନା ବା ପଦାତିକ ସୈନ୍ୟଙ୍କ ପାଇଁ ୧୫ ଜାନୁୟାରୀ ଏବଂ ନୌସେନାଙ୍କ ପାଇଁ ୪ ଡିସେମ୍ବର ।

୧୯୩୨ ମସିହା ୮ ଅକ୍ଟୋବରରେ ପ୍ରତିଷ୍ଠିତ ହୋଇଥିଲା ଭାରତୀୟ ବାୟୁସେନା । ସେତେବେଳେ ଭାରତରେ ବ୍ରିଟିଶରାଜ ଥିଲା ଏବଂ ଏହା ଥିଲା ବ୍ରିଟିଶ ରୟାଲ ଏୟାରଫୋର୍ସର ଏକ ସହାୟକ ଶାଖା । ଏପ୍ରିଲ ପହିଲା ୧୯୩୩ରେ ଏହାର ପ୍ରଥମେ ସ୍କ୍ୱାର୍ଡନ ନଂ ଏକ (୧) ଯାହା ଚାରୋଟି ୱେଷ୍ଟଲ୍ୟାଣ୍ଡ ୱାପିର୍ଟି ବାଇପ୍ଲେନ୍‌ସ ଏବଂ ପାଞ୍ଚ ଜଣ ଭାରତୀୟ ବିମାନଚାଳକ (ପାଇଲଟ୍‌ସ) ଧରି କାର୍ଯ୍ୟ କରିଥିଲା । ଏମାନେ ବ୍ରିଟିଶ ରୟାଲ ଫୋର୍ସ କମାଣ୍ଡିଂ ଅଫିସର ଫ୍ଲାଇଟ୍ ଲେଫ୍‌ଟନାଣ୍ଟ ଏୟାର ଭାଇସ୍ ମାର୍ଶାଲ ସେସିଲ ବାଉଚରଙ୍କ ନେତୃତ୍ୱରେ ବା ଅଧିନରେ କାର୍ଯ୍ୟ କରୁଥିଲେ । ଏହି ପାଇଲଟମାନଙ୍କ ସଂଖ୍ୟା ଯଥାକ୍ରମେ ଦ୍ୱିତୀୟ ବିଶ୍ୱଯୁଦ୍ଧର ୧୯୪୩ ମସିହାକୁ ୭କୁ, ୧୯୪୫ ମସିହାକୁ ୯କୁ ଏବଂ ଦେଶ ବିଭାଜନ ବେଳକୁ ୧୦ରେ ପହଂଚିଥିଲା ।

ଦ୍ୱିତୀୟ ବିଶ୍ୱଯୁଦ୍ଧରେ ଭାରତୀୟ ବାୟୁସେନାର କାର୍ଯ୍ୟକୁଶଳତା ବା ସଫଳତାକୁ ଦେଖି ୧୯୪୫ ମସିହାରେ ବ୍ରିଟିଶରାଜା ୬ଷ୍ଠ ଜର୍ଜ ଭାରତୀୟ ବାୟୁସେନାକୁ ରୟାଲ ଇଣ୍ଡିଆନ୍ (ଭାରତୀୟ) ବାୟୁସେନା ନାମରେ ନାମିତ କରିଥିଲେ ଏବଂ ଏହି ନାମଟି ଭାରତ ବିଭାଜନ ୧୯୪୭ ଏବଂ ଏହାପରେ ୧୯୫୦ ଜାନୁଆରୀ ୨୬ରେ ଭାରତର ସାର୍ବଭୌମତ୍ୱ ଏବଂ ଗଣତନ୍ତ୍ରପ୍ରାପ୍ତି ଯାଏ ମୁଖ୍ୟତଃ ଥିଲା । ୧୯୫୦ରେ ଗଣତନ୍ତ୍ର ପ୍ରାପ୍ତି ପରେ ଏ ନାମକରଣରୁ 'ରୟାଲ' ଶବ୍ଦଟିକୁ କାଟି ଦେଇ କେବଳ 'ଭାରତୀୟ ବାୟୁସେନା' ରଖାଗଲା । ଭାରତ ବିଭାଜନ ବେଳେ ଯେଉଁ ୧୦ଟି ସ୍କ୍ୱାର୍ଡନ ଥିଲେ ସେଥିରୁ ପାକିସ୍ତାନରେ ରହିଗଲେ ୩ ସ୍କ୍ୱାର୍ଡନ । ସ୍ୱାଧୀନତା ପରେ ୧୯୫୪ ଏପ୍ରିଲ ୧ରେ ନିର୍ମାଣ ସଦସ୍ୟ ସୁବ୍ରତ ମୁଖାର୍ଜୀ ଥିଲେ କମାଣ୍ଡି ଅଫିସର ଏବଂ ଏୟାର ମାର୍ଶାଲ ଥିଲେ ଅର୍ଜନ ସିଂହ ଡିଏଫ୍‌ସି ବାୟୁସେନାର ଫ୍ଲାଇଟ୍ ଲେଫ୍‌ଟନାଣ୍ଟ ଯିଏକି ପରବର୍ତ୍ତୀ ସମୟରେ ପାଲଟିଗଲେ ମାର୍ଶାଲ ଅଫ୍ ଏୟାରଫୋର୍ସ । ତାଙ୍କରି ନେତୃତ୍ୱରେ ଦ୍ୱିତୀୟ ବିଶ୍ୱଯୁଦ୍ଧ ବେଳେ ଜାପାନ ବାହିନୀକୁ ବର୍ମାରେ ମାଓ-ହଙ୍ଗ-ସନ ଚିଆଙ୍ଗମାଇ ଏବଂ ଉତ୍ତର ଥାଇଲାଣ୍ଡରେ ସାମ୍ନା କରାଯାଇଥିଲା । ଭାରତର ସ୍ୱାଧୀନତା ପରେ ୧୯୬୪ରୁ ୧୯୬୯ ଯାଏଁ ଅର୍ଜୁନ ସିଂହ ଭାରତରୁ ବାୟୁସେନାର ମୁଖ୍ୟ ଥିଲେ । ସେ ହେଉଛନ୍ତି ପ୍ରଥମ ଆଇଏଏଫ୍ ଅଫିସର ଯିଏ କି ଏୟାର ଚିଫ୍ ମାର୍ଶାଲ ପଦକୁ ଉନ୍ନୀତ ହୋଇଥିଲେ । ସେ ୧୯୬୫ ମସିହାର ଭାରତ-ପାକ୍ ଯୁଦ୍ଧରେ ବାୟୁସେନାରେ ଥିଲେ । ମୁଖ୍ୟ କମାଣ୍ଡିଂ ଅଫିସର ଏବଂ ତାଙ୍କର ଏହି ଯୁଦ୍ଧରେ କୃତିତ୍ୱ ପାଇଁ ସେ ପଦ୍ମବିଭୂଷଣ ପଦବୀରେ ୧୯୬୬ରେ ଉପାଧିପ୍ରାପ୍ତ ହୋଇଥିଲେ । ସେ ଭାରତର ଏୟାରଫୋର୍ସର ଏକମାତ୍ର ଅଫିସର ଯିଏ କି ଏଯାବତ୍ 'ପାଂଚଟି ଷ୍ଟାର' ପ୍ରାପ୍ତ ମାର୍ଶାଲ ଅଫ୍ ଇଣ୍ଡିଆନ୍ ଏୟାର ଫୋର୍ସ । ୨୬ ଜାନୁଆରୀ ୨୦୦୨ରେ ରାଷ୍ଟ୍ରପତି ତାଙ୍କୁ "ମାର୍ଶାଲ ଅଫ୍ ଦି ଏୟାରଫୋର୍ସ" ରୂପେ ଉପାଧିଯୁକ୍ତ କରିଥିଲେ ।

ବିଶ୍ୱରେ ବାୟୁସେନା ସାମର୍ଥ୍ୟରେ ଭାରତ ବର୍ତ୍ତମାନ ଚତୁର୍ଥ ମହାଶକ୍ତି ଯିଏକି ଆକାଶପଥରେ ଯେ କୌଣସି ପରିସ୍ଥିତିକୁ ସାମ୍ନା କରିବାକୁ ପ୍ରସ୍ତୁତ । ଭାରତ ବିଭାଜନ ପରଠୁ ଆକାଶବାହିନୀ ପାଂଚଥର ଯୁଦ୍ଧକୁ ସାମ୍ନା କରିଛି । ପ୍ରଥମଥର ୧୯୪୮ରେ ଯେତେବେଳେ କାଶ୍ମୀରକୁ ନେଇ ପାକ୍-ଭାରତ ଯୁଦ୍ଧ ହୋଇଥିଲା । ଅବଶ୍ୟ ଆକାଶପଥରେ ଯୁଦ୍ଧକୁ ସାମ୍ନା ହୋଇନଥିଲେ ମଧ୍ୟ ଯୁଦ୍ଧ ସାମଗ୍ରୀ ଓ ସେନା ପରିବହନ ଇତ୍ୟାଦିରେ ଏହା ଯଥେଷ୍ଟ ସାହାଯ୍ୟ କରିଥିଲା । ଏହାପରେ ସେହି ଭାରତ-ପାକ୍ ଯୁଦ୍ଧ ୧୯୬୫, ୧୯୭୧ (ବିଜୟ ଯୁଦ୍ଧ) ଏବଂ ୧୯୯୯ର କାର୍ଗିଲ ଯୁଦ୍ଧରେ ବାୟୁସେନା ତାର ଯୁଦ୍ଧ ନୈପୁଣ୍ୟତା ପ୍ରମାଣ କରିସାରିଛି । ୧୯୬୨ରେ ଚୀନ୍ ଓ ଭାରତ ଯୁଦ୍ଧରେ ବାୟୁସେନାର ଭୂମିକା ମଧ୍ୟ କମ୍ ନଥିଲା । ଗତ ୨୮-୨୯ ସେପ୍ଟେମ୍ବର ୨୦୧୬ ରାତିରେ ପାକିସ୍ତାନ ମାଟିରେ ଆତଙ୍କବାଦୀଙ୍କ ପ୍ରତି ସର୍ଜିକାଲ ଆକ୍ରମଣ ଭାରତୀୟ ବାୟୁସେନାର ଏକ ଚମକପ୍ରଦ ପଦକ୍ଷେପକୁ ସାରା ବିଶ୍ୱ ଭୂରି ଭୂର ପ୍ରଶଂସା କରିଛି । ଜାତିସଂଘର ଶାନ୍ତିସେନା ପରିପ୍ରେକ୍ଷୀରେ ଭାରତୀୟ ବାୟୁସେନାର ଅବଦାନ ବିଶେଷ ଭାବରେ ବେଶ୍ ଆଦୃତ । ସ୍ଥଳସେନା ଓ ନୌସେନାକୁ ଯୁଦ୍ଧ ସମୟରେ ଅଥବା ଆପଦକାଳରେ ପରିପୂରକ ସାହାଚର୍ଯ୍ୟ ଦେବାରେ ବାୟୁସେନାର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ମଧ୍ୟ ରହିଛି ।

ବାୟୁସେନାର ପାରମ୍ପରିକ ଯାନ ଏବଂ ଅସ୍ତ୍ର ସହ ବର୍ତ୍ତମାନ ତା ସହିତ ଯୋଡ଼ି ହୋଇଛନ୍ତି ଫ୍ରାନ୍ସ ନିର୍ମିତ ରାଫେଲ୍ ବିମାନ ଏବଂ ଆମେରିକା ନିର୍ମିତ ଚିନୁକ୍ ଓ ଆପାଚେ ହେଲିକପ୍ଟର ଏବଂ ସ୍ୱଦେଶୀ ନିର୍ମିତ ଅନେକ ଅସ୍ତ୍ରଶସ୍ତ୍ର । ବର୍ତ୍ତମାନ ଉତ୍ତର-ପୂର୍ବ ସୀମା ଲାଦାଖର ଏଲ୍‌ଏସି ପେରିପ୍ରେକ୍ଷୀରେ ଚୀନ୍‌କୁ ସାମ୍ନା କରିବାରେ ଆମେ ପୁରା ପ୍ରସ୍ତୁତ ଏବଂ ଯେ କୌଣସି ପରିସ୍ଥିତିକୁ ପ୍ରତିହତ କରିବାରେ ଭାରତୀୟ ବାୟୁସେନା ଦୃଢ଼ ପଦକ୍ଷେପ ନେଇପାରେ ବୋଲି କହିଛନ୍ତି ବର୍ତ୍ତମାନର ବାୟୁସେନା ମୁଖ୍ୟ ଆର୍.କେ.ଏସ୍. ଭଦୋରିଆ ।

ଆକାଶମାର୍ଗରେ ଭାରତର ସୀମା ସୁରକ୍ଷା ଓ ନିରାପତ୍ତା ଯଦିଓ ବାୟୁସେନାର ମୁଖ୍ୟ କାର୍ଯ୍ୟ, ଏହା ଆପତ୍ତି ବା ବିପତ୍ତିକାଳୀନ ସହାୟତା ଦେବାରେ ଏବଂ ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଯୋଗାଉଥିବା ସାହାଯ୍ୟକୁ ଅସ୍ୱୀକାର କରାଯାଇନପାରେ । ବନ୍ୟା, ବାତ୍ୟା, ଭୂମିକମ୍ପ ପରେ ସୁନାମି ଏବଂ ଏମିତି କିଛି ପ୍ରାକୃତିକ ଉତ୍ପାତ ବେଳେ ଆକାଶବାହିନୀ ଆମ ସେବା ଏବଂ ଉଦ୍ଧାର ପାଇଁ ସଦାକାଳେ ପାଖେ ପାଖେ ଛିଡ଼ା ହୋଇଥାଏ । ଗୁଜୁରାଟର ମହାବାତ୍ୟା ୧୯୯୮, ଓଡ଼ିଶାର ମହାବାତ୍ୟା ୧୯୯୯, ଭାରତରେ ସୁନାମୀ ୨୦୦୪, ଉତ୍ତରଭାରତ ବନ୍ୟା ୨୦୧୩, ନେପାଳ ଭୂକମ୍ପ, ପାକିସ୍ତାନ ବନ୍ୟା ୨୦୧୪ ଏବଂ ଶ୍ରୀଲଙ୍କାରେ 'ରେନ୍‌ବୋ ଅପରେସନ୍' ଯୋଗେ ବାୟୁସେନା ଯେଉଁ ଉଦ୍ଧାର ଏବଂ 'ରିଲିଫ' କାର୍ଯ୍ୟ ତୁଲାଇଛି ତାର ପଟ୍ଟାନ୍ତର ନାହିଁ । ଭାରତୀୟ ବାୟୁସେନା ହେଉଛି ଏକମାତ୍ର ସାମରିକ ବିଭାଗ ଯିଏ କି ତୁରନ୍ତ ସାହାଯ୍ୟ ଓ ସାମ୍ନା ପାଇଁ ଜଳ,ସ୍ଥଳ,ଆକାଶ ପଥରେ ସାହାଯ୍ୟକୁ ସଦାପ୍ରସ୍ତୁତ । ହଜିଲାକୁ ଖୋଜିଲା ପାଇଁ ଏହା ହେଉଛି ତୁରନ୍ତ ମାଧ୍ୟମ । ସତ କହିଲେ ସାମରିକ ଓ ବେସାମରିକ ସେବା ପାଇଁ ଭାରତୀୟ ବାୟୁସେନା ଆମ ପାଇଁ ଏକ ସର୍ବୋତ୍ତମ ବଳିଷ୍ଠ ମାଧ୍ୟମ । ଯୁଦ୍ଧରେ ସାମରିକ କର୍ତ୍ତବ୍ୟ ଏବଂ ଆପତ୍‌କାଳୀନ ମାନବୀୟ ସହାୟତା ଦେବା ସହ ଏହା ମଧ୍ୟ ଦେଶବାସୀଙ୍କ ମନୋରଂଜନଧର୍ମୀ କାର୍ଯ୍ୟକ୍ରମ ଦେଖାଇଥାଏ । ସ୍ୱାଧୀନତା ଏବଂ ସାଧାରଣତନ୍ତ୍ର ଦିବସ ଅବସରରେ ରାଜଧାନୀ ଦିଲ୍ଲୀରେ ପତାକା ଉତ୍ତୋଳନ ସମୟରେ ଯେଉଁ କଳାକୌଶଳ ଆକାଶବାହିନୀ ଦେଖାଏ ତାହା ନିଶ୍ଚିତ ଭାବେ ଉଲ୍ଲେଖନୀୟ । ସେହିପରି ବିଭିନ୍ନ ସମୟରେ ସର୍ବସାଧାରଣଙ୍କ ମନୋରଂଜନ ପାଇଁ ଦେଶର ବିଭିନ୍ନ ଯାଗାରେ ଏହି ଯୁଦ୍ଧ ବିମାନମାନେ କ୍ରୀଡ଼ା ନୈପୁଣ୍ୟ ଆକାଶମାର୍ଗରେ ଦେଖାଇଥାନ୍ତି । ଓଡ଼ିଶାର କାଠଯୋଡ଼ି ପଠାର ଉର୍ଦ୍ଧ୍ୱରେ ରହି ଆକାଶବାହିନୀ ଦେଖାଇଥିବା ମନୋରଂଜନଧର୍ମୀ କ୍ରୀଡ଼ା ଏହାର ଏକ ଜ୍ୱଳନ୍ତ ଉଦାହରଣ ।

ଭାରତୀୟ ବାୟୁସେନାର ଉଚ୍ଚତମ ପଦବୀ ହେଉଛନ୍ତି ଭାରତର ରାଷ୍ଟ୍ରପତି । ସୁପ୍ରିମ କମାଣ୍ଡର ଅଫ୍ ଦ ଆଇ.ଏ.ଏଫ୍ । ଏୟାର ଚିଫ୍ ମାର୍ଶାଲ ହେଉଛନ୍ତି ଏହାର ମୁଖ୍ୟ ଯିଏକି ଜଣେ ଚାରିତାରକାଧାରୀ ସାମରିକ ପଦସ୍ଥ ଅଫିସର । ଏହି ବିଭାଗରେ କେବଳ ଜଣେ ମାତ୍ର ଚିଫ୍ ମାର୍ଶାଲ ଥାନ୍ତି । ବାୟୁସେନାର ସମସ୍ତ କାର୍ଯ୍ୟକୁଶଳତା ବା ବିଫଳତା ପାଇଁ ସେ ଦାୟୀ । ଏହି ସୈନିକମାନେ ଦେଶ ପାଇଁ ପ୍ରାଣ ଦେବାକୁ ଧନ୍ୟ, ପୁଣ୍ୟ ଓ ପବିତ୍ର ମନେକରନ୍ତି । ତାଙ୍କ ପାଇଁ ଆମେ ନିରାପଦ, ନିଶ୍ଚିନ୍ତ ଓ ସୁଖସ୍ୱପ୍ନ ଦେଖିଥାଉ । ତାଙ୍କ ବଳିଦାନ ଏ ଦେଶ ପାଇଁ ମହାନ୍ ଅର୍ଘ୍ୟ । ସେମାନେ ଆମଠାରୁ ଶ୍ରଦ୍ଧା ଓ ସମ୍ମାନ ପାଇବାକୁ ଯୋଗ୍ୟ ।

+ ଅଧ୍ୟକ୍ଷ
ଓଡ଼ିଶା ଭାଷା ସଂରକ୍ଷଣ ଏବଂ ଗବେଷଣା ପ୍ରତିଷ୍ଠାନ,
ବିପିନ ବିହାରୀ ପାଠାଗାର,ଜଟଣୀ
ଦୂରଭାଷ : ୯୯୩୮୩୪୧୩୮

# କରୋନାର ଆତ୍ମକଥା !

ଡଂ ଶୁଭାଶିଷ ସୌଭାଗ୍ୟ ଶେଖର ସ୍ୱାଇଁ



ମୋ ବିଷୟରେ ଆପଣ ବହୁତ କଥା ଶୁଣିଛନ୍ତି ଓ ପଢିଛନ୍ତି । ଯେପରି କରୋନା ଚୀନର ଉହାନ ସହରର ପଶୁ ବଜାରରୁ ସୃଷ୍ଟି ହୋଇ ଆଜି ୨୧୦ଟି ଦେଶର କୋଣ ଅନୁକୋଣରେ ପହଞ୍ଚି ପାରିଛି । ଏହା ମୋର ପୁଞ୍ଜି ଓ ବଳିଷ୍ଠତାର ପ୍ରମାଣ କି ? ମୋ ଯୋଗୁ ତାଲାବନ୍ଦୀ, କ୍ୱାରାଣ୍ଟାଇନ, ସଟଡାଉନ, ଲକଡାଉନ, ଅନଲକ, ରେଡ-ଗ୍ରିନ-ଅରେଞ୍ଜ ଜୋନ ଆଦି କେତେ କଣ କଟକଣା କରି ଏକ ଘରକିଆ କରିବାର ପ୍ରୟାସ । ଆଜି ପରିବେଶ, ବାୟୁମଣ୍ଡଳ, ନଦୀ, ନାଳ, ପର୍ବତର ସ୍ୱଚ୍ଛତାର ଶିରୋପା ମୋର ମୁଣ୍ଡରେ ଦିଆଯାଏ । କେତେକ ମୃତ୍ୟୁର ସୌଦାଗର ବୋଲି ମୋତେ କୁହନ୍ତି; କିନ୍ତୁ ଏଠି କିଏ ଅମର କି ? ମନୁଷ୍ୟ ନିଜେ କହେ, ଏଠି ଯିଏ ଜନ୍ମ ହୋଇଛି ତାର ମୃତ୍ୟୁ ନିଶ୍ଚିତ । ତେଣୁ ମୋର ମୃତ୍ୟୁର ନିଦାନ ଖୋଜିବାକୁ ଏତେ ବ୍ୟାକୁଳତା ତ ବୁଝି ହେଉଛି; କିନ୍ତୁ ସର୍ବଶକ୍ତିମାନ ବୋଲାଉଥିବା ମନୁଷ୍ୟର ଅସହାୟତା ଦେଖିଲା ପରି । କେତେ ବଡ ବଡ ପରମାଣୁ ବୋମା ରଖିଥିବା ଦେଶ ଆଜି ମୋ ପରି ଭୂତାଣୁ ପାଖରେ ହାବୁଡେଇ ପଡିଛନ୍ତି । ଦୟା-କ୍ଷମା ମୋ ପାଖରେ ବି ଅଛି । ସେଥିପାଇଁ ଗୋଟିଏ ଯାଗାରେ ହିଁ ରହୁଥିଲି । ନିଜେ ଚାଲି ଯାଇ କାହାର କ୍ଷତି କରେ ନାହିଁ । ମୋତେ ସେହି ମନୁଷ୍ୟ ମାନେ ହିଁ ଗୋଟିଏ ଦେଶରୁ ଅନ୍ୟ ଦେଶକୁ ବୋହି ନେଇ ଗାଁ ଗଣ୍ଡାରେ ପହଞ୍ଚାଇ ଦେଲେ । ମୋତେ ଅଦୃଶ୍ୟ ଦାନବ କହୁଛନ୍ତି, କିନ୍ତୁ ମାନବ ଆଜି ମାନବଠାରୁ ଦୂରେଇ ରହୁଛନ୍ତି । ଏ ଅପବାଦ ବି ମୋ ଉପରେ ଲଦା ଯାଉଛି । ତୁମେ କୁହ: ଜାତି-ଧର୍ମ, ଧନୀ-ଗରିବ, ନେତା-ଜନତା, ଭାଇ-ଭଗାରି ମଧ୍ୟରେ କଣ ମୁଁ ପାଚେରୀ ଠିଆ କରି ପୃଥକ କରିଥିଲି ?

ପୁନଶ୍ଚ ଜନ୍ମ ସ୍ଥାନକୁ ନେଇ କଣ ବାଛବିଚାର କରାଯାଏ । ଯେପରି କିଏ ଗରିବ ଘରେ ଜନ୍ମ ହୋଇଛି ତ କିଏ କେଉଁ ଜାତି ଓ ଧର୍ମରେ । ତେଣୁ ଏତେ ପାତର ଅନ୍ତର, ହିଂସା, ପ୍ରତିଶୋଧ, ମିଥ୍ୟା ଓ ଅହଙ୍କାର କାହିଁକି ? ସତ କହିବାକୁ ଗଲେ ଆମର କରୋନା କରୋନା ଭିତରେ ଏଠି ବାଛବିଚାର ନାହିଁ । ଯିଏ ଯେଉଁଠି ଥିଲେ ବି ଗୋଟିଏ ପରିଚୟ । ଯାହାକୁ ଦୁନିଆ କୋଭିଡ-୧୯ କୁହେ । ପଶୁ ଓ ପକ୍ଷୀଙ୍କ ଠାରୁ ମୋର ସୃଷ୍ଟି କହି ଆକ୍ଷେପ କରାଯାଏ । କୁହନ୍ତୁ ତ ଦେଖି- ମୁଁ ନା ପାଠ ପଢିଛି ନା ମୋର ଏତେ ବିଚାରଶକ୍ତି ଅଛି ଯେ ଜାଣିବି କିପରି କିଏ ମନୁଷ୍ୟ ଓ ପଶୁ ? ଏମାନଙ୍କ ଭିତରେ ଫରକ ଜାଣିବା ମୋ ପରି ଛାର ଭୂତାଣୁ କ୍ଷେତ୍ରରେ କିପରି ସମ୍ଭବ ହେବ । ପୁଣି ଏବେ ପଶୁଡାକ୍ତରଙ୍କୁ ତାଲିମ ଦିଆଯାଉଛି କରୋନା ରୋଗୀଙ୍କୁ ଚିକିତ୍ସା କରିବାକୁ । ମାନବିକତା, ଉଦାରତା, ସହନଶୀଳତା ଆଜି ମନୁଷ୍ୟ ପାଖରେ ଦେଖିବାକୁ ନ ମିଳି ନୃଶଂସତାର ସୀମା ଡେଉଁଛି । ପଶୁ ତ ନିଜ ସୀମା ଓ ସଂଜମରେ ରହୁଛି । ତାର ବି ଅଧିକାର ଓ ସ୍ୱାଧିନତା ଅଛି । ଏ କଥା ମୁଁ କଣ ବେଶୀ ମନୁଷ୍ୟଙ୍କୁ ବୁଝାଇବି ? ଲୋକେ କୁହନ୍ତି ମୁଁ ବାଦୁଡିରୁ ଭୂତାଣୁ ରୂପେ ଆସିଥିଲେ ବି ବାଦୁଡିର କିଛି କ୍ଷତି କରେ ନାହିଁ । ସମସ୍ତ ଜୀବମଣ୍ଡଳ ନିଜକୁ ସୁହାଇଲା ପରି ଜଗତରେ ରୁହନ୍ତି । ସେଥିରେ ବିଚ୍ୟୁତ ହେଲେ ବିଶୃଙ୍ଖଳା ହେବା ଥୟ । ତା ପରେ ଜୀବଜଗତରେ ପରିସଂଖ୍ୟାନ ବିଗିଡିଯାଏ ତ କେତେକେ ଲୋପ ପାଆନ୍ତି ଓ କିଏ ଜୀବନ ବଞ୍ଚିବାକୁ ସଂଘର୍ଷ କରେ । ଆମେ ଜାଣନ୍ତି ବାଘକୁ ଜଙ୍ଗଲରୁ ଆଣି ଲୋକ ଗହଳିରେ ନା ରଖିପାରିବା ନା ମନୁଷ୍ୟ ଯାଇ ଘଞ୍ଚଜଙ୍ଗଲରେ ଚଳିପାରିବ । ଠିକ ସେପରି ପଶୁପକ୍ଷୀଙ୍କ ଶରୀରରେ ଥିବା ଭୂତାଣୁ ମନୁଷ୍ୟ ଶରୀରକୁ ଆସିଲେ ଅବସ୍ଥା ଯାହା । କିନ୍ତୁ ଏହାର ବିପରୀତ ହେଉ ନାହିଁ ? ତେଣୁ ସନ୍ତୁଳନ ପ୍ରତ୍ୟେକ କ୍ଷେତ୍ରରେ ନିତ୍ୟାନ୍ତ ଜରୁରୀ ।

ମୁଁ ଜାଣେ ମୋ ଠାରୁ ଦୂରରେ ରହିବାକୁ ମୁହଁରେ ମାସ୍କ ପିନ୍ଧି ଓ ହାତ, ଗୋଡକୁ ବାରମ୍ବାର ସାବୁନରେ ଧୋଉଛନ୍ତି । ଆଉ ଏକଥା ବି ଜାଣେ ଯେ ମନୁଷ୍ୟ ଶରୀରର ଭିତରକୁ ପରିଷ୍କାର-ପରିଚ୍ଛନ୍ନ ରଖିବାକୁ ସାବୁନ, ସର୍ଫ ନା ପିଇପାରିବ ନା ଖାଇପାରିବ ! ମନୁଷ୍ୟ ଭିତରେ ଜମାଟ ବାନ୍ଧିଥିବା ମଇଳା ଏଥିରେ ସଫା ହେବ ନାହିଁ । ତାହା ଦୂର ହେବ ଷଡରୀପୁକୁ ଜୟ କଲେ । ଯଥା- କାମ, କ୍ରୋଧ, ଲୋଭ, ମୋହ, ମାୟା, ମାତ୍ସର୍ଯ୍ୟ । ଏ ଗୁଣ ମୋ ପାଖରେ ଥିଲେ ମୁଁ ଶ୍ରେଷ୍ଠ ଜୀବ ମନୁଷ୍ୟର ହୃଦୟ ଓ ଫୁସଫୁସକୁ ଜୟ କରି ପାରି ନଥାନ୍ତି ବୋଧହୁଏ ! ଆପଣ ପଛେ କହି ପାରନ୍ତି ପଶୁଠାରୁ ମୁଁ ମନୁଷ୍ୟ ପାଖକୁ ଆସିଛି । ହଁ ଆସିଛି ଦେଖିବାକୁ- ସେହି ସମାନ ମନୁଷ୍ୟର ଗଳାରେ କିପରି ନିଜ ପାଇଁ ଚିତ୍କାର କରୁଥିବା ବେଳେ, ଅନ୍ୟାୟ-ଅନୀତି-ଦୁର୍ନୀତି ବିରୋଧରେ ସ୍ୱର ଉତ୍ତୋଳନ କରିବା ବେଳେ କିପରି ଶିଥିଳ ପଡିଯାଏ ? ଆଉ ସେହି ମନୁଷ୍ୟ ହୃଦୟର କଥା ଶୁଣେ ନା ମସ୍ତିଷ୍କର ? ମୁଁ ମସ୍ତିଷ୍କ ନୁହେଁ, ଗଳାରୁ ହୃଦୟକୁ ଯାଏ । ଦେଖେ, ଏହି ମନୁଷ୍ୟ ହୃଦୟ କିପରି ଓ କାହିଁକି କ୍ରୁର ଓ କଠୋର ହୋଇଯାଏ ଏବଂ ମଣିଷପଣିଆ ଲୋପ ପାଇଯାଇ ପଶୁତୁଲ୍ୟ ହୋଇଯିବାର ଅଭିଯୋଗଟି କେତେ ସତ ? କଥା କଥାରେ ମୁଁ ଶୁଣିବାକୁ ପାଇଛି, ଆରେ ତୁ ମନୁଷ୍ୟ ନା ପଶୁ ? କିନ୍ତୁ ଏତେ ଦିନ ପଶୁ-ପକ୍ଷୀଙ୍କ ଶରୀରରେ ରହି ଏବେ ଆସି ମନୁଷ୍ୟ ଶରୀରରେ ପ୍ରବେଶ କରିଲା ପରେ ମୋ ଠାରୁ କିଏ ବେଶୀ ଜାଣିପାରିବ ଯେ କିଏ ମନୁଷ୍ୟ କିଏ ପଶୁ ?

ଏଠି କାନ୍ଥ ବାଡର ବି କାଳେ କାନ ଅଛି । ତିଳକୁ ତାଳ କରିଦେବେ । ତେଣୁ ମୁଁ ବେଶୀ କିଛି କହୁ ନାହିଁ । ନିଜେ ନିଜକୁ ପରଖନ୍ତୁ । ତେଣେ ପୃଥିବୀର ୭୦୦ କୋଟିରୁ ଉର୍ଦ୍ଧ୍ୱ ମନୁଷ୍ୟ ବୋଲାଉଥିବା ଜୀବ ଆଜି ମୋ ପଛରେ ପଡିଛନ୍ତି । ମୋର ସେମାନଙ୍କ ପ୍ରତି ରାଗ-ରୁଷା-ଅଭିମାନ କିଛି ନାହିଁ । ଏହା ମୁଁ ତାଙ୍କଠାରୁ ହିଁ ଶିଖିଛି । ମୋର ଖାଲି ଏତିକି ଅନୁରୋଧ ଯେ ମୁଁ ଯେଉଁଠି ଥିଲି ମୋତେ ସେଇଠି ଶାନ୍ତିରେ ରହିବାକୁ ଦିଆଯାଉ । ମୋ ସହିତ ସମସ୍ତ ଜୀବ ଜଗତକୁ ବି । ନିଜ ସହିତ ଅନ୍ୟମାନଙ୍କ କଥା ଏଇଥିପାଇଁ କହିଲି ଯେ, ମୋର ନେତା ହେବାର ନାହିଁ; କିନ୍ତୁ ଏତେ ଦିନ ମନୁଷ୍ୟଙ୍କ ଗହଣରେ ରହିଲା ପରେ ଜାଣିଲି, ଏଠି ପ୍ରକୃତରେ କେତେକ ମନୁଷ୍ୟ ଅଛନ୍ତି । ଯିଏ ନିଜ ଅପେକ୍ଷା ଅନ୍ୟର ଚିନ୍ତା ବେଶୀ କରନ୍ତି । ସେମାନଙ୍କୁ ଆଗକୁ ଆସିବାକୁ ହେବ । ଏ ସଂସାରର ସୁରକ୍ଷା ପାଇଁ ଦଧୀଚ ଋଷି ପରି ମୋର ଶରୀର ନାଶ ହେଉ । ମୁଁ ଚାହେଁନି ମୋ ପାଇଁ ମନୁଷ୍ୟ ସମାଜର ସର୍ବନାଶ ହେଉ । ଆଜି ନହେଲେ କାଲି ଗବେଷଣାରତ ମନୁଷ୍ୟ ଔଷଧ ବାହାର କରିବେ ନିଶ୍ଚିତ । ଏହା ପୂର୍ବରୁ ସୁଧୁରିଯାଇ ପର୍ଯ୍ୟାବରଣ ଅନୁକୂଳ ବ୍ୟବସ୍ଥା ହେଉ ଓ ସ୍ୱାବଲମ୍ବୀ ହୁଅନ୍ତୁ । ତେଣୁ ଭୁଲକୁ ଠିକ କରିବା ଉଦ୍ଦେଶ୍ୟରେ ମାର୍ଜିତ ଭାଷା ପ୍ରୟୋଗ କରି ଖସିଯିବାର ଅପପ୍ରୟାସରୁ ବିଚ୍ୟୁତ ରୁହନ୍ତୁ । ରୋଗୀକୁ ନୁହଁ ରୋଗକୁ ଘୃଣା କରନ୍ତୁ। ଏତିକି ଏହି ଅଧମ କରୋନାର ଶେଷ ଇଚ୍ଛା !

## କହିଲେ କହିବ କହୁଛି

+ ଭଣ୍ଡାରିପୋଖରୀ,
ଭଦ୍ରକ ।
ମୋ: ୯୭୭୮୧୬୧୫୦୦

କବିତା କୋଣାର୍କ

## କହିଲ ଦେଖି..

ଧ୍ରୁବ ଚରଣ ବେହେରା

ସୁନ୍ଦର ଶୋଭାର ଭଣ୍ଡାର ଟିଏ
ପକ୍ଷୀ ବିହାର ସେ ନାମ ବୋଲାଏ ॥
ଚିଲିକା ମଝିରେ ସେ ସ୍ଥାନ ଗୋଟି
ପକ୍ଷୀ ରାବ ସେଠି ପଡ଼ଇ ଫାଟି ॥
ରଙ୍ଗ ବେରଙ୍ଗର ନାନା ବିହଙ୍ଗ
ଉଡ଼ି ବୁଲୁଥାନ୍ତି ବିଚରି ରଙ୍ଗ ॥
ବିଦେଶୁ ଆସନ୍ତି ବୁଲିବା ପାଇଁ
ଅସରନ୍ତି ବାଟ ପଛେ ପକାଇ ॥
ଏହି ଜାଗା ଗୋଟି ମଣନ୍ତି ଘର
ସତେ ସେ ଅତିଥି ଆମ ରାଜ୍ୟର ॥
କିଛି ଦିନ ରହି ଫେରି ଯାଆନ୍ତି
ଶୀତ ଋତୁ ଦେଖି ପୁଣି ଆସନ୍ତି ॥
ମେଳ ମେଳ ହୋଇ ଭାସନ୍ତି ଜଳ
ଦେଖିଲେ ଲାଗଇ ଫୁଟା କମଳ ॥
ନୀଳ ସରୋବରେ ଶୋଭା ପାଆନ୍ତି
ଅତିଥି ମାନଙ୍କ ମନ ମୋହନ୍ତି ॥
ଏହି ସ୍ଥାନ ଯିଏ ବୁଲି ଆସିବ
ପ୍ରକୃତିର କୋଳେ ଆନନ୍ଦ ନେବ ॥
ଏରା କୁରୁବକ ହଂସଙ୍କ ମେଳି
ଲାଗି ରହିଥାଏ ସଦା ଗହଳି ॥
ବିଦେଶୀ ପକ୍ଷୀଙ୍କ ଅପୂର୍ବ ଶୋଭା
ଶୋଭାର ସୁଷମା କି ମନ ଲୋଭା ॥
ଜୀବମାନେ ହେଲେ ପ୍ରକୃତି ଦାନ
ତାଙ୍କ ଅଧିକାର ନ କରି ଛିନ୍ନ ॥
କହିଲ ପିଲାଏ ନାମଟି ତାର
ନିଳ ଘାସ ଘେରା ପକ୍ଷୀ ବିହାର ॥
ଏହି କଥା ଗୋଟି ଯିଏ ଜାଣିବ
ସାଧାରଣ ଜ୍ଞାନ ଗୋଟେ ପାଇବ ॥
ପକ୍ଷୀ ଅଭୟାରଣ୍ୟ ନାମଟି ତାର
ଉତ୍ତର ଖୋଜିକି କର ବାହାର ॥
ଉତ୍ତର: ନଳବଣ

+ କେନ୍ଦ୍ରୀୟ ରିଜର୍ଭ ପୋଲିସ ବଳ
ଝାଡ଼ଖଣ୍ଡ
ମୋ:୮୩୨୮୯୩୦୫୫୪

## ଭିଟାମାଟି...

ସୁଦର୍ଶନ ମହାପାତ୍ର

ପେଟ ଚାଖଣ୍ଡକ ପୁରିଲାନି ବୋଲି
ଭୁଲିଥିଲା ଭିଟାମାଟି
ଛାଡ଼ି ଆସିଥିଲା ପରିବାର ସୁଖ
ବାପା ମାଆ ସାଙ୍ଗସାଥୀ ॥
ସ୍ୱାର୍ଥୀ ମାଲିକର ଅଶାଳୀନ ଭାଷା
ଦଲାଲର ଅତ୍ୟାଚାର
ସହିଲା ଜୁଲମ ନିତି ନିତି ଯେବେ
ଲହୁ ଲହୁ ଏକାକାର ॥
ହଜିଗଲା ଆଶା ଭାଙ୍ଗିଲା ଭରସା
ଆସିଲା କରୋନା କାଳ
ପରାଣ ବିକଳେ ଧାଏଁ ଆଶଙ୍କାରେ
ପାଏ ନାହିଁ ଥଳକୂଳ ॥
ଖାଇବାକୁ ନାହିଁ ପିନ୍ଧିବାକୁ ନାହିଁ
ସରିଛି ସଞ୍ଚିତ ଧନ
ପ୍ରବାସୁ ଫେରିବ ଭିଟାମାଟି କୋଳେ
ଆତୁରେର ଗଣଇ ଦିନ ॥
ଦାଦନ ଶ୍ରମିକ ପରିଚୟ ତା'ର
ଦୁର୍ଦ୍ଦିନରେ ହୁଏ ପେଶି
ଜୀବନ ଜୀବିକା ଉଜୁଡ଼ି ଯାଇଛି
ହଜିଯାଇଛି ତା ଖୁସି ॥
ଜୀବନ ଯନ୍ତ୍ରଣା ସହି ସେ ପାରୁନି
ଦୃରୁହ ଟିକିଏ ସ୍ନେହ
ଭିଟାମାଟି କଥା ମନେପଡ଼େ ଏବେ
ତୁଟିଛି ପ୍ରବାସ ମୋହ ॥
ଜନ୍ମଭୂମି ପରା ସବୁଠୁ ନିଜର
ଝୁରେ ସେ ମାଆର କୋଳ
ମନେପଡ଼େ ଏବେ ମାଟି ମା' ଯହିଁ
କଟିଥିଲା ପିଲାବେଳ ॥
କିଏ ଜାଣିଥିଲା ଦଇବର ଇଚ୍ଛା
ପ୍ରାଣ ଏବେ କଣ୍ଠାଗତ
ଶୂନ୍ୟ ଆକାଶକୁ ଚାହିଁ ସେ ବସିଛି
ଖୋଜେ ଫେରିବା ପଥ ॥
କିଏ ସେ ଆସଇ ରେଳ ଧାରଣାରେ
ଡଙ୍ଗାରେ ଆସଇ କିଏ
ଚତୁର୍ଦ୍ଦିଗରେ ଏବେ ହାହାକାର ସ୍ୱର
ମଥା ସତେ ଘୁରିଯାଏ ॥
କିଏ ଅସହାୟ କିଏ ନିରାଶ୍ରୟ
ଛୋଟ ଶିଶୁ କା'ର କାନ୍ଦେ
ଗର୍ଭବତୀ ଚାଲେ ଯନ୍ତ୍ରଣାକୁ ସହି
ବସି କେ' ଭାଗ୍ୟକୁ ନିନ୍ଦେ ॥
ଚାଲି ଚାଲି ପାଦ ଥକି ସାରିଲାଣି
ପେଟରେ ତା' ଦାନା ନାହିଁ
ବାଟରେ କାହାର ପ୍ରାଣ ଚାଲିଯାଏ
କିଏ ମରେ ମାଡ଼ ଖାଇ ॥
ଏପଟେ କରୋନା ସେପଟେରେ କ୍ଷୁଧା
ଡାକେ ଆସି ସତେ ମୃତ୍ୟୁ
ଚାଲିଛି ଆତୁରେ ଖରା ବର୍ଷା ଖାଇ
ଭିଟାମାଟି ଛୁଇଁବାକୁ ॥

+ କୁଞ୍ଜବିହାରୀ ଲେନ, କଟକ

# କୋଟା ଭିତରେ କୋଟା କ'ଣ ଏକମାତ୍ର ସମାଧାନ


ଗୋପାଳ ମହାପାତ୍ର




ଅଗଷ୍ଟ ୨୭ ତାରିଖ ୨୦୨୦ ଗୁରୁବାର ଦିନ ମାନ୍ୟବର ସୁପ୍ରିମ୍‌କୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ଶୁଣାଇ କହିଛନ୍ତି ଯେ ୨୦୦୪ ମସିହାରେ ଇ. ବି ଚେନ୍ନେୟା ବନାମ ଆନ୍ଧ୍ରପ୍ରଦେଶ ସରକାର ମାମଲା ଉପରେ ପୁନଃ ବିଚାର କରାଯିବାର ଆବଶ୍ୟକତା ରହିଛି । ୨୦୦୪ ମସିହାରେ ଏହି ମାମଲାର ଶୁଣାଣି କରି ସୁପ୍ରିମ୍‌କୋର୍ଟଙ୍କ ୫ଜଣିଆ ଖଣ୍ଡପୀଠ ତାଙ୍କ ରାୟରେ କୌଣସି ବର୍ଗଙ୍କୁ ମିଳୁଥିବା ସଂରକ୍ଷଣ ବା କୋଟା ଭିତରୁ ଆଉ ଏକ ସଂରକ୍ଷଣ ବା କୋଟା ପ୍ରଦାନ କରାଯାଇପାରିବ ନାହିଁ ବୋଲି କହିଥିଲେ । ୨୦୦୪ ର ସୁପ୍ରିମ୍‌କୋର୍ଟଙ୍କ ୫ଜଣିଆ ଖଣ୍ଡପୀଠଙ୍କ ଏହି ରାୟର ସମୀକ୍ଷା କରିବା ସହିତ ଗତ ଅଗଷ୍ଟ ୨୭ ତାରିଖ ଦିନ ସେଇ ସୁପ୍ରିମ୍‌କୋର୍ଟଙ୍କ ୫ଜଣିଆ ସାମ୍ବିଧାନିକ ପୀଠ ରାୟର ପରିବର୍ତ୍ତନ କରିଛନ୍ତି । ଏଇ ସାମ୍ବିଧାନିକ ପୀଠର ଅଧ୍ୟକ୍ଷତା କରିଥିଲେ ବିଚାରପତି ଅରୁଣ ମିଶ୍ର । ବିଚାରପତି ମିଶ୍ର କହିଥିଲେ ଯେ ରାଜ୍ୟ ସରକାରଙ୍କୁ ଅନୁସୂଚୀତ ଜାତି ଓ ଜନଜାତି ତାଲିକାରେ ଆସୁଥିବା କିଛି ବିଶେଷ ସମୁଦାୟଙ୍କ ପାଇଁ ଆଇନ୍ ପ୍ରଣୟନ କରିବାର ଅନୁମତି ଦିଆଯାଇପାରିବ । ଅର୍ଥ ହେଉଛି ସଂରକ୍ଷଣ ବା କୋଟା ଭିତରେ ଆଉ ଏକ ସଂରକ୍ଷଣ ବା କୋଟା ପାଇଁ ଅନୁମତି ମିଳିବ । ଅଗଷ୍ଟ ୨୭ତାରିଖରେ ଯେଉଁ ୫ଜଣିଆ ଖଣ୍ଡପୀଠ ଏହି ରାୟ ଶୁଣାଇଥିଲେ ସେମାନଙ୍କ ମଧ୍ୟରେ ବିଚାରପତି ଅରୁଣ ମିଶ୍ରଙ୍କ ବ୍ୟତିତ ବିଚାରପତି ଇନ୍ଦିରା ବାନାର୍ଜି, ବିଚାରପତି ବିନୀତ ଶରଣ, ବିଚାରପତି ଏମ୍ ଆର ଶାହା ଏବଂ ବିଚାରପତି ଅନିରୁଦ୍ଧ ବୋଷ ସାମିଲ ଥିଲେ । କିନ୍ତୁ ଯେହେତୁ ୨୦୦୪ର ୫ଜଣିଆ ପୀଠ ସଂରକ୍ଷଣ ଭିତରେ ସଂରକ୍ଷଣ ଦିଆଯାଇପାରିବ ନାହିଁ ବୋଲି କହିଥିଲେ ଓ ବର୍ତ୍ତମାନର ସେହିଭଳି ୫ଜଣିଆ ପୀଠ ଦିଆଯାଇପାରିବ ବୋଲି କହୁଛନ୍ତି ସେହେତୁ ଏହି ୫ଜଣିଆ ପୀଠ ମାମଲାକୁ ସୁପ୍ରିମ୍‌କୋର୍ଟଙ୍କ ମୁଖ୍ୟ ବିଚାରପତିଙ୍କ ପାଖକୁ ପଠାଇ ଦେଇଛନ୍ତି । ଏବେ ୭ଜଣିଆ ଖଣ୍ଡପୀଠ ଏ ପ୍ରସଙ୍ଗରେ ନିର୍ଣ୍ଣାୟକ ରାୟ ଶୁଣାଇବେ । ମାନ୍ୟବର ସୁପ୍ରିମ୍‌କୋର୍ଟଙ୍କ ଅଗଷ୍ଟ ୨୭ ତାରିଖର ରାୟର ୨ଟି ମୁଖ୍ୟ ଆଧାର ରହିଛି । ନ୍ୟାୟାଳୟକୁ ଏଇ ମାମଲା ଏଇଥିପାଇଁ ଆସିଲା କାରଣ ୨୦୦୪ରେ ଆନ୍ଧ୍ରପ୍ରଦେଶରେ ଅନୁସୂଚିତ ଜନଜାତିର ପ୍ରାର୍ଥୀଙ୍କୁ ଶିକ୍ଷକ ନିଯୁକ୍ତିରେ ଅଗ୍ରାଧିକାର ଦିଆଯାଇଥିଲା । ଏପରିକି ନିଯୁକ୍ତି ପାଇଥିବା ସମସ୍ତ ଶିକ୍ଷକ ଅନୁସୂଚୀତ ଜନଜାତିର ସ୍ୱତନ୍ତ୍ର ବର୍ଗର ଥିଲେ । ଏହା ବିରୁଦ୍ଧରେ ମାନ୍ୟବର ସୁପ୍ରିମ୍‌କୋର୍ଟଙ୍କ ଇଜଲାସରେ ମାମଲା ଦାଏର କରାଯାଇଥିଲା ଓ ସୁପ୍ରିମ୍‌କୋର୍ଟଙ୍କ ୫ଜଣିଆ ଖଣ୍ଡପୀଠ ଆନ୍ଧ୍ର ସରକାରଙ୍କ ବିପକ୍ଷରେ ରାୟ ଦେଇଥିଲେ । ଏବେ ଗତ ଅଗଷ୍ଟ ୨୭ ତାରିଖରେ ସୁପ୍ରିମ୍‌କୋର୍ଟଙ୍କ ଖଣ୍ଡପୀଠ ଯେଉଁ ରାୟ ପାବ-ହରିଆଣା ହାଇକୋର୍ଟଙ୍କ ଏକ ରାୟ ବିରୋଧରେ ଆଗତ ଏକ ମାମଲାର ଶୁଣାଣି କରି ସଂରକ୍ଷଣ ଭିତରେ ସଂରକ୍ଷଣ ପାଇଁ ଅନୁମତି ଦିଆଯିବାକୁ ରାୟ ଦେଇଛନ୍ତି । ପାବ ସରକାର ସମସ୍ତ ସରକାରୀ ନିଯୁକ୍ତି କ୍ଷେତ୍ରରେ ଅନୁସୂଚୀତ ଜାତି ଓ ଜନଜାତି କୋଟା ବା ସଂରକ୍ଷଣକୁ ଉପବର୍ଗୀକୃତ କରିବାକୁ ଚାହୁଁଥିଲେ ଅର୍ଥାତ୍ ସଂରକ୍ଷଣ ଆଇନ୍ ଅନୁସାରେ ଆସୁଥିବା କିଛି ବିଶେଷ ସମୁଦାୟକୁ ବିଶେଷ ଭାବେ ଅନୁକମ୍ପା ପ୍ରଦର୍ଶନ କରିବାକୁ ଚାହୁଁଥିଲେ ।

ସୁପ୍ରିମ୍‌କୋର୍ଟଙ୍କ ୫ଜଣିଆ ଖଣ୍ଡପୀଠ ପାବ ସରକାରଙ୍କ ସପକ୍ଷରେ ରାୟ ଶୁଣାଇବା ପରେ ୨୦୦୪ରେ ସେଇ ସୁପ୍ରିମ୍ କୋର୍ଟଙ୍କ ୫ଜଣିଆ ଖଣ୍ଡପୀଠ ଯେଉଁ ରାୟ ଦେଇଥିଲେ ତାହା ଅକାମି ହେବ ନିଶ୍ଚୟ । ଯଦିଓ ଅଗଷ୍ଟ ୨୭ ତାରିଖରେ ମାନ୍ୟବର କୋର୍ଟଙ୍କ ଖଣ୍ଡପୀଠ କୋଟା ଭିତରେ କୋଟା ସପକ୍ଷରେ ରାୟ ଦେଇଛନ୍ତି ତଥାପି ଏହା ଉଚ୍ଚ ଖଣ୍ଡପୀଠଙ୍କ ନିକଟକୁ ବିଚାର ପାଇଁ ଯିବ । ସୁପ୍ରିମ୍‌କୋର୍ଟଙ୍କ ମୁଖ୍ୟ ବିଚାରପତିଙ୍କ ଅଧ୍ୟକ୍ଷତାରେ ୭ଜଣିଆ ପୀଠ ଏହାର ନିଷ୍ପତ୍ତି ନେବେ । କିନ୍ତୁ ସୁପ୍ରିମ୍‌କୋର୍ଟଙ୍କ କୌଣସି ବିଚାରପତି କୌଣସି ବି ମାମଲାରେ ଯେଉଁ ରାୟ ପ୍ରଦାନ କରନ୍ତି ତାର ଏକ ସ୍ୱତନ୍ତ୍ର ଅର୍ଥ ଥାଏ । ଅଗଷ୍ଟ ୨୭ରେ ୫ଜଣ ବିଚାରପତି ରାୟ ଶୁଣାଇଛନ୍ତି । ଏଇଥିପାଇଁ ୭ଜଣିଆ ଖଣ୍ଡପୀଠ ଯାହାବି ରାୟ ଦିଅନ୍ତୁ ନା କାହିଁକି ୫ଜଣିଆ ଖଣ୍ଡପୀଠଙ୍କ ରାୟ ହିଁ ଶେଷରେ ନିର୍ଣ୍ଣାୟକ ହୋଇପାରେ । ଦେଖିବାକୁ ଗଲେ ସୁପ୍ରିମ୍‌କୋର୍ଟଙ୍କ ଏହି ୫ଜଣିଆ ଖଣ୍ଡପୀଠ ମୁଖ୍ୟବିଚାରପତିଙ୍କ ଆଡ଼କୁ ମାମଲାକୁ ଠେଲି ଦେଇଛନ୍ତି । ଏବେ ମୁଖ୍ୟବିଚାରପତି ସ୍ଥିର କରିବେ ଯେ ଦେଶରେ ବର୍ତ୍ତମାନ ଯେଉଁ ସଂରକ୍ଷଣ ବ୍ୟବସ୍ଥା ରହିଛି, ଏହାର ଯେଉଁ ସାମ୍ବିଧାନିକ ଲିମିଟ୍ ରହିଛି ଏବଂ ଏହାର ଯେଉଁ ସାମ୍ବିଧାନିକ ପାଠ କ'ଣ ତାର ବିସ୍ତୃତ ବିବେଚନ ଅଥବା ନୂଆ ପ୍ରକାରର ବିସ୍ତାର ହେବା ଉଚିତ୍ ନାଁ ନାହିଁ? ୫ଜଣିଆ ଖଣ୍ଡପୀଠ ଯେଉଁ ରାୟ ଦେଇଛନ୍ତି ତାର ଏକ ସ୍ୱତନ୍ତ୍ର କାରଣ ଏପରିକି ଜଟିଳ ରାଜନୈତିକ ପାଠ ରହିଛି । ଦୀର୍ଘ ସମୟ ହେବ ଦେଶର ସମସ୍ତ ରାଜ୍ୟ ସରକାର ସେମାନଙ୍କର ସମୀକ୍ଷା ବା ନିଜର ନିଷ୍କର୍ଷ ଅନୁସାରେ କିଛି ବିଶେଷ ସମୁଦାୟକୁ ବିଶେଷ ଭାବେ ଗୁରୁତ୍ୱ ଦେବାକୁ ଚାହୁଁଛନ୍ତି । ଦେଖିବାକୁ ଗଲେ ମାମଲା ଯେତେ ସହଜ, ସରଳ, ମାନବୀୟ ଏବଂ ସାମାଜିକ ସୁଧାର ବ୍ୟବସ୍ଥା ଭଳି ଦେଖାଯାଉଥିଲେ ମଧ୍ୟ ରାଜନୈତିକ ଚଷମା ପିନ୍ଧିବା ପରେ ମାମଲା ସରଳ ହୋଇ ରହେ ନାହିଁ । ଆଶଙ୍କା ମଧ୍ୟ ରହିଛି ଯେ ରାଜ୍ୟ ସରକାରଙ୍କୁ ଯଦି ସଂରକ୍ଷଣ ଭିତରେ ସଂରକ୍ଷଣ ପାଇଁ ଅନୁମତି ମିଳିଯିବ ତେବେ ରାଜ୍ୟ ସରକାର ମଧ୍ୟ କିଛି ବିଶେଷ ସମୁଦାୟର ସଶକ୍ତିକରଣ ପାଇଁ ଏହି ଆଇନ୍‌କୁ ଲଗାଇପାରିବେ ।

୧୯୫୦ର ତାଲିକାରେ ୧୧୦୮ ଅନୁସୂଚୀତ ଜାତି ଓ ୭୪୪ ଅନୁସୂଚୀତ ଜନଜାତି ଥିଲେ । ଏହି ସଂଖ୍ୟାକୁ କେତେକ ରାଜ୍ୟ ସରକାର ବୃଦ୍ଧି କରିଥିବାବେଳେ କେତେକ ରାଜ୍ୟର ସରକାର ହ୍ରାସ କରିଛନ୍ତି । ଉତ୍ତରପ୍ରଦେଶର ବିଜେପି ସରକାର ୧୭ ଓବିସି ଜାତିକୁ ଅନୁସୂଚୀତ ଜାତି ତାଲିକାରେ ସାମିଲ କରିଛନ୍ତି । ସାମ୍ବିଧାନିକ ବିଧି ବ୍ୟବସ୍ଥା ଅନୁସାରେ ଅନୁସୂଚୀତ ଜାତି ଓ ଜନଜାତିଙ୍କୁ ମିଳୁଥିବା ୨୨.୫ ପ୍ରତିଶତ ସଂରକ୍ଷଣ ର ଲାଭ ତାଲିକା ଭୁକ୍ତ ଜାତିମାନେ ହିଁ ପାଇବେ । ଏବେ ସୁପ୍ରିମ୍‌କୋର୍ଟଙ୍କ ମତ ହେଉଛି ସଂରକ୍ଷଣର ଲାଭ ଅନୁସୂଚୀତ ଜାତି, ଜନଜାତି ଓ ଓବିସିର କିଛି ନିର୍ଦ୍ଦିଷ୍ଟ ଜାତିକୁ ହିଁ ମିଳୁଛି ଓ ଏହି କାରଣରୁ ସଂରକ୍ଷିତ ବର୍ଗଙ୍କ ମଧ୍ୟରେ ଅସମାନତା ବଢୁଛି । ଏହାକୁ ଦୃଷ୍ଟିରେ ରଖି ତଥା ଅସମାନତାକୁ ଦୂର କରିବା ପାଇଁ ଯେଉଁ ଜାତି ପଛୁଆ ରୁ ଅଧିକ ପଛୁଆ ହୋଇଛି ତାକୁ ସଂରକ୍ଷଣରେ ଅଧିକ ଗୁରୁତ୍ୱ ଦିଆଯାଉ ବୋଲି ସୁପ୍ରିମ୍‌କୋର୍ଟ ପରାମର୍ଶ ଦେଇଛନ୍ତି । ଏଇଥିପାଇଁ ମାନ୍ୟବର ସୁପ୍ରିମ୍‌କୋର୍ଟ ପାବ ସରକାରଙ୍କ ଆଇନ୍‌କୁ ଠିକ୍ ବୋଲି ଗ୍ରହଣ କରିଛନ୍ତି । କୋର୍ଟ କହିଛନ୍ତି ଯେ ଜାତି ଭିତରେ ଉପଜାତି (ଉପଶ୍ରେଣୀ) ସୃଷ୍ଟି ନକରିବା ସମାନତା ସିଦ୍ଧାନ୍ତର ବିରୋଧି ।

ବଡ଼କଥା ହେଉଛି ସଂରକ୍ଷଣ ସାମାଜିକ ନ୍ୟାୟର ପ୍ରସଙ୍ଗ ହୋଇରହିନାହିଁ ଏହା ଏକ ରାଜନୈତିକ ପ୍ରସଙ୍ଗ । ଅନୁସୂଚୀତ ଜାତି, ଜନଜାତି ଓ ଓବିସିରେ ଯେଉଁ ପ୍ରଭାବଶାଳୀ ଜାତିମାନେ ଅଛନ୍ତି ଏପରିକି ଯେଉଁମାନେ ସଂରକ୍ଷଣର ଲାଭ ଅଧିକ ଭାବେ ଉଠାଉଛନ୍ତି ସେମାନେ ଉପଜାତି ପ୍ରସ୍ତାବକୁ ବା କୋଟା ଭିତରେ କୋଟା ପ୍ରସ୍ତାବକୁ ବିରୋଧ କରୁଛନ୍ତି । କେତେକ ରାଜ୍ୟ ମଧ୍ୟ ସଂରକ୍ଷଣ ପାଇଁ ଉପଜାତି ଗଠନର ପ୍ରସ୍ତାବକୁ ପ୍ରତ୍ୟାଖ୍ୟାନ କରିଛନ୍ତି । ୨୦୦୪ରେ ସୁପ୍ରିମ୍‌କୋର୍ଟଙ୍କ ରାୟ ପରେ ଆନ୍ଧ୍ରପ୍ରଦେଶର ତତ୍‌କାଳୀନ ରାଜ୍ୟ ସରକାର କେନ୍ଦ୍ର ସରକାରଙ୍କ ଉପରେ ଉପଜାତି ପ୍ରସଙ୍ଗରେ ସାମ୍ବିଧାନିକ ବ୍ୟବସ୍ଥା କରାଯିବା ପାଇଁ ଚାପ ମଧ୍ୟ ପକାଇଥିଲେ ଓ ଡଃ. ମନମୋହନ ସିଂହଙ୍କ ସରକାର ଏ ପ୍ରସଙ୍ଗରେ ଅନୁଧ୍ୟାନ କରିବା ପାଇଁ ବିଚାରପତି ଉଷା ମେହେରଙ୍କ ଅଧ୍ୟକ୍ଷତାରେ ଏକ କମିଶନ ଗଠନ କରିଥିଲେ । କମିଶନ ୨୦୦୮ରେ ତାଙ୍କ ରିପୋର୍ଟ ସରକାରଙ୍କୁ ଦେଇଥିଲେ । ରିପୋର୍ଟରେ କମିଶନ ଲେଖିଥିଲେ ଯେ 'ବର୍ତ୍ତମାନର ଆଇନ୍‌ରେ ଉପଜାତି ଗଠନ ପାଇଁ ବ୍ୟବସ୍ଥା ନାହିଁ, କିନ୍ତୁ ସମ୍ବିଧାନର ଅନୁଚ୍ଛେଦ ୩୪୧ର ସଂଶୋଧନ କରାଯାଇ ଉପଜାତି ଗଠନ ପାଇଁ ବ୍ୟବସ୍ଥା କରାଯାଇପାରିବ' । ସମ୍ବିଧାନ ସଂଶୋଧନ ସଂସଦରେ କରାଯାଇପାରିବ କିନ୍ତୁ ତାହା ଏତେ ସହଜ ନୁହେଁ । ଏଣୁ ୨୦୧୧ରେ ସାମାଜିକ ନ୍ୟାୟ ମନ୍ତ୍ରାଳୟ ଏ ପ୍ରସଙ୍ଗ ରାଜ୍ୟ ସରକାରଙ୍କ ଦାୟୀତ୍ୱ ବୋଲି କହି ରାଜ୍ୟ ସରକାରଙ୍କ ପରାମର୍ଶ ମାଗିଥିଲେ । ୫ଟି ରାଜ୍ୟ ପାବ, ହରିଆଣା, ଆନ୍ଧ୍ରପ୍ରଦେଶ, ତାମିଲନାଡୁ ଏବଂ ରାଜସ୍ଥାନ ଏ ପ୍ରସଙ୍ଗରେ ସହମତି ପ୍ରକାଶ କରି କେନ୍ଦ୍ରକୁ କରାମର୍ଶ ଦେଇଥିଲେ କିନ୍ତୁ ୧୭ଟି ରାଜ୍ୟ ଉପଜାତି ଗଠନ ପ୍ରସଙ୍ଗରେ ଅସହମତି ପ୍ରକାଶ କରିଥିଲେ ।

ସଂରକ୍ଷଣ ଏମିତି ଏକ ପ୍ରସଙ୍ଗ ଯାହା ସରକାରଙ୍କ ତଣ୍ଟିରେ କଣ୍ଟା ଭଳି ଗଳିଯାଇଛି । ନା ତାକୁ ବାହାର କରାଯାଇପାରୁଛି ନା ଢୋକାଯାଇ ପାରୁଛି । ଶତ ପ୍ରତିଶତ ସଂରକ୍ଷଣ ଦିଆଗଲେ ମଧ୍ୟ ସମସ୍ୟାର କୌଣସି ସମାଧାନ ବାହାରିପାରିବ ନାହିଁ । କାରଣ ବେରୋଜଗାରୀ ବା ସମାନତାର ସମାଧାନ ସଂରକ୍ଷଣ ନୁହେଁ ବରଂ ପର୍ଯ୍ୟାପ୍ତ ସଂଖ୍ୟାରେ ରୋଜଗାର ସୁଯୋଗ ସୃଷ୍ଟି କରିବା । ବେରୋଜଗାରୀ ଭଳି ରୋଗର ନିଦାନ ସଂରକ୍ଷଣ ବଟିକାରେ କରାଗଲେ ସେଭଳି ରୋଗ ଭଲ ହେବ କେମିତି ? ଏହା କ୍ୟାନସର ରୋଗୀକୁ ଥଣ୍ଡା ଜ୍ୱରର ଔଷଧ ଦେବାଭଳି ବ୍ୟବସ୍ଥା । ପଢ଼ିବା ଶୁଣିବା ପାଇଁ ସଂରକ୍ଷଣ ଶବ୍ଦ ତାର୍କିକ ଲାଗୁଥିଲେ ମଧ୍ୟ ବ୍ୟବହାରିକ ରୂପରେ ଏହା ତାର୍କିକ ନୁହେଁ । କାରଣ ସଂରକ୍ଷଣକୁ ନେଇ ରାଜନୀତି କେତେବେଳେ କେଉଁ ମୋଡ ନେବ ସେକଥା କହିବା ମୁସ୍କିଲ । ସଂରକ୍ଷଣକୁ ନେଇ ପକ୍ଷ ଓ ବିପକ୍ଷ ଅନେକ ମତ ଦେଉଛନ୍ତି । ସଂରକ୍ଷଣର ମୂଳ ସଂରଚନାରେ ଯେମିତି ନୂଆ ନୂଆ କଥା ଭର୍ତ୍ତି କରାଯାଉଛି ତାହା ସଂରକ୍ଷଣର ଅନ୍ତ ପାଇଁ ପଟ୍ଟ କଥା ଲେଖୁ ନାହିଁ ତ ?


ରାମଚନ୍ଦ୍ରପୁର, ରଣପୁର,
ମୋ.-୯୪୩୮୪୮୫୦୯୪


# ଘର ଭିତର ପ୍ରଦୂଷଣ କମ୍ କରିବାର ଉପାୟ

ଅନେକଙ୍କ ଧାରଣା ଯେ ଆମେ ଘର କିମ୍ବା କାର୍ଯ୍ୟାଳୟ ଭିତରେ ରହିଲେ, ପ୍ରଦୂଷଣର କୌଣସି ଭୟ ନାହିଁ । ପ୍ରଦୂଷଣକ ବ୍ୟାପିବାର କୌଣସି ନିର୍ଦ୍ଦିଷ୍ଟ ନୀତିନିୟମ ଥିବାବେଳେ ଯେ କୌଣସି ସ୍ଥାନକୁ ଏହା ବ୍ୟାପିଥାଏ । ଘର ଭିତରେ ରହିଲେ ନିଜ ସହ ପରିବାର ଲୋକଙ୍କୁ ସୁରକ୍ଷିତ ରଖିବେ କିପରି ? ଏ ବାବଦରେ ବିଶେଷଜ୍ଞଙ୍କ ମତ ହେଲା, କେତୋଟି ସରଳ ପଦକ୍ଷେପରେ ଆପଣଙ୍କ ଘର ଭିତର ଓ କାର୍ଯ୍ୟାଳୟ ମଧ୍ୟ ପ୍ରଦୂଷଣମୁକ୍ତ ରହିପାରିବ ।









- ଫ୍ରିଜ୍, ଏସି, ଟିଭି, ଲ୍ୟାପଟପ୍, ରନ୍ଧନ ଗ୍ୟାସ୍, ରୁମ୍ ଫ୍ରେଶନର୍, ଫୋମ୍ ସୋଫା, ସ୍ମାର୍ଟ ଫୋନ୍, ଡେସ୍କଟପ୍ ଇତ୍ୟାଦି କାରଣରୁ ବିଷାକ୍ତ ଗ୍ୟାସ୍ ନିର୍ଗତ ହୋଇଥାଏ । ସେସବୁ ଆମ ନିଶ୍ୱାସପ୍ରଶ୍ୱାସରେ ଶରୀର ଭିତରକୁ ଯାଇ କ୍ଷତି ପହଂଚାଇଥାଏ । ଏସବୁ ଜିନିଷର ବ୍ୟବହାର କମ୍ କରିହେବ । କିନ୍ତୁ ସମ୍ପୂର୍ଣ୍ଣ ବନ୍ଦ କରିବା କାଠିକର କାମ ଅଟେ । କେବଳ ଘର ବାଲକୋନି କିମ୍ବା ଛାତ ଉପରେ ଗଛ ନ ଲଗାଇ ବରଂ ଘର ଭିତରେ ମଧ୍ୟ କୁଣ୍ଡ ରଖି ଗଛ ଲଗାଇବା ଉଚିତ ।
- ରୁମ୍ ଫ୍ରେଶନର୍ ବ୍ୟବହାର କରିବା ପରିବର୍ତ୍ତେ ତୁଳସୀ, ପୋଦିନା ଗଛ ଘରର କୌଣସି ଏକ କୋଣରେ ରଖିପାରିବେ । ଏସବୁ ଗଛ ପାଇଁ ଅଧିକ ବଡ କୁଣ୍ଡର ଆବଶ୍ୟକତା ମଧ୍ୟ ନାହିଁ ।
- ଘର ଭିତରକୁ ପ୍ରଦୂଷଣମୁକ୍ତ ରଖିବା ପାଇଁ ଘି-କୁଆଁରୀ, ସ୍ନେକ୍ ପ୍ଲାଣ୍ଟ, ସ୍ପାଇଡର୍ ପ୍ଲାଣ୍ଟ, ମନି ପ୍ଲାଣ୍ଟ ଇତ୍ୟାଦି ଗଛ ରଖିପାରିବେ । ଏହି ଗଛଗୁଡିକ ଅଙ୍ଗାରକାମ୍ଳକୁ ଶୋଇବା ସହ ଚତୁର୍ଦ୍ଦିଗରେ ପ୍ରଦୂଷଣ କମ୍ କରିଥାଏ ।

- ବିଶେଷଜ୍ଞଙ୍କ ମତରେ ଘର ଭିତରେ ଯଦି ଅଧିକ ସଂଖ୍ୟାରେ ଯନ୍ତ୍ର ଅଛି (ଯେପରି ଫ୍ରିଜ୍, ଟିଭି, ୱାଶିଙ୍ଗ୍ ମେସିନ୍ ଇତ୍ୟାଦି), ପ୍ରତି ୧୦୦ ବର୍ଗଫୁଟ୍‌ରେ ୬ଟି ଇନ୍‌ଡୋର୍ ପ୍ଲାଣ୍ଟଲଗାଇବା ଆବଶ୍ୟକ ।

# ଦେହକୁ ହିତ ଲାଉ ରସ

ପୌଷ୍ଟିକ ଓ ସ୍ୱାସ୍ଥ୍ୟବର୍ଦ୍ଧକ ପରିବାଗୁଡିକ ମଧ୍ୟରୁ ଲାଉ ଅନ୍ୟତମ । ଭାରତୀୟ ଗୃହିଣୀମାନେ ଏଥିରେ ବିଭିନ୍ନ ପ୍ରକାର ବ୍ୟଞ୍ଜନ ପ୍ରସ୍ତୁତ କରିପାରନ୍ତି । ତେବେ ଅନେକଙ୍କୁ ଏହାର ସ୍ୱାଦ ଭଲ ଲାଗେ ନାହିଁ । ଯାହା ବି ହେଉ ଉତ୍ତମ ସ୍ୱାସ୍ଥ୍ୟ ପାଇଁ ସମସ୍ତେ ଏହାକୁ ଖାଇବା ଉଚିତ୍ । ବିଶେଷ କରି ଏହାର ରସ ସ୍ୱାସ୍ଥ୍ୟ ପାଇଁ ଅତ୍ୟନ୍ତ ହିତକାରୀ । ଅନେକ ସ୍ୱାସ୍ଥ୍ୟଗତ ସମସ୍ୟା ଦୂର କରିବାର କ୍ଷମତା ଏହାର ରହିଛି । ଏଥିରେ ଭିଟାମିନ, ପୋଟାସିଅମ, ଲୌହ ଓ ଫାଇବର ପ୍ରଚୁର ମାତ୍ରାରେ ରହିଥାଏ । ତା' ସହିତ ଏହାର ଆଣ୍ଟି-ଅକ୍ସିଡେଣ୍ଟ ଗୁଣ ଶରୀର ପାଇଁ ଅତ୍ୟନ୍ତ ଉପାଦେୟ ।



## ଗୁଣ ଓ ଫାଇଦା

୧. ଗ୍ରୀଷ୍ମଋତୁରେ ଲାଉ ରସ ଦେହ ପାଇଁ ଅତ୍ୟନ୍ତ ଉପକାରୀ । ଏହି ଋତୁରେ ବୃଦ୍ଧି ପାଉଥିବା ଶରୀରର ଉତ୍ତାପକୁ ଏହା କମ୍ କରେ ।
୨. ଅସ୍ୱାଭାବିକ ଓଜନ ବୃଦ୍ଧିକୁ ହ୍ରାସ କରିବା କ୍ଷେତ୍ରରେ ଏହା ଅମୋଘ ଅସ୍ତ୍ର । ଖାଲି ପେଟରେ ନିୟମିତ ଲାଉ ରସ ପିଇଲେ ଓଜନ ହ୍ରାସ ପାଏ ।
୩. ଉଚ୍ଚ ରକ୍ତଚାପ ରୋଗୀଙ୍କ ପାଇଁ ଏହା ଈଶ୍ୱରଙ୍କ ବରଦାନ ସ୍ୱରୂପ । ଏହା କୋଲେଷ୍ଟେରଲ ମାତ୍ରାକୁ ନିୟନ୍ତ୍ରଣ କରେ ଏବଂ ରକ୍ତଚାପ ବଢିବକୁ ଦିଏ ନାହିଁ ।
୪. ରକ୍ତଚାପ ସ୍ୱାଭାବିକ ରହିବା ଦ୍ୱାରା ହୃଦୟ ମଧ୍ୟ ସୁସ୍ଥ ଓ ନୀରୋଗ ରହିଥାଏ ।
୫. ଗ୍ରୀଷ୍ମଋତୁରେ ପ୍ରଚୁର ଝାଳ ବାହାରୁ ଥିବାରୁ ଶରୀରର ଜଳୀୟ ଅଂଶ କମିଯାଏ । ଫଳରେ ପରିସ୍ରାପୋଡା ହୁଏ । ଲାଉ ରସ ନିୟମିତ ପିଉଥିବା ବ୍ୟକ୍ତିଙ୍କ କ୍ଷେତ୍ରରେ ଏହାର ଆଶଙ୍କା କମ୍ ହୁଏ ।



୬. ପରିସ୍ରାଜନିତ ସମସ୍ୟା ଦୂର ହେଉଥିବାରୁ ମୂତ୍ର ସଂକ୍ରମଣ ପରି ମାରାତ୍ମକ ରୋଗରୁ ରକ୍ଷା ମିଳେ ।
୭. ଏଥିରେ ଥିବା ଭିଟାମିନ୍-ସି, ଭିଟାମିନ୍-କେ, କ୍ୟାଲସିଅମ ଓ ଆଣ୍ଟି ଅକ୍ସିଡେଣ୍ଟ ହୃଦ୍‌ଯନ୍ତ୍ରର ଦକ୍ଷତା ବୃଦ୍ଧି କରିବାରେ ସହାୟକ ହୁଏ ।
୮. କେଶ ଝଡୁ ଥିଲେ ବା ଅବେଳରେ ପାଚିଯାଉ ଥିଲେ ଲାଉ ରସ ପିଅନ୍ତୁ ଏବଂ ରାଶିତେଲ ସହ ମିଶାଇ ଏହାକୁ କେଶ ମୂଳରେ ପ୍ରତିଦିନ ଲଗାନ୍ତୁ ।
୯. ଲାଉ ରସ ତ୍ୱଚାରେ ଚମକ ବୃଦ୍ଧି କରିବା ସହ ବ୍ରଣ କମ୍ କରେ ।
୧୦. ଏହା ଅନିଦ୍ରା ସମସ୍ୟା ଦୂର କରେ ।

## ପୂର୍ବତନ ସାଂସଦ କାର୍ତ୍ତିକେଶ୍ୱର ପାତ୍ରଙ୍କ ପରଲୋକରେ ମୁଖ୍ୟମନ୍ତ୍ରୀଙ୍କ ଶୋକ

ଭୁବନେଶ୍ୱର,୦୭।୧୦ (ନି.ପ୍ର): ବାଲେଶ୍ୱରର ପୂର୍ବତନ ସାଂସଦ ତଥା ପୂର୍ବତନ ଭୋଗରାଇ ବିଧାୟକ କାର୍ତ୍ତିକେଶ୍ୱର ପାତ୍ରଙ୍କ ବିୟୋଗରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗଭୀର ଶୋକ ପ୍ରକାଶ କରିଛନ୍ତି । ସେ ଟ୍ୱିଟ କରି କହିଛନ୍ତି ଯେ - ବାଲେଶ୍ୱରର ପୂର୍ବତନ ସାଂସଦ, ଭୋଗରାଇର ପୂର୍ବତନ ବିଧାୟକ ତଥା ସୁଲେଖକ ଡ. କାର୍ତ୍ତିକେଶ୍ୱର ପାତ୍ରଙ୍କ ଦେହାନ୍ତ ବିଷୟରେ ଜାଣି ମୁଁ ଦୁଃଖିତ । ଏପରି ଦୁଃଖଦ ସମୟରେ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ମୋର ସମବେଦନା ଜଣାଇବା ସହ ତାଙ୍କ ଅମର ଆତ୍ମାର ସଦଗତି କାମନା କରୁଛି ।

## ବନ୍ୟପ୍ରାଣୀ ସପ୍ତାହ ପାଳନ ଅବସରରେ ପଦଯାତ୍ରା




ବାରିପଦା,୦୭।୧୦ (ନି.ପ୍ର): ମୟୂରଭଞ୍ଜ ଜିଲ୍ଲା ଅଂର୍ଗତ କରିଆ ବନଖଣ୍ଡର ସାତାକୋଶିଆ ବନାଂଚଳ ଅଧୀନ ଗ୍ରାମଗୁଡିକରେ ଗତ ୨ତାରିଖ ଠାରୁ ଆସ‘। ୮ ତାରିଖ ପର୍ଯ୍ୟ‘ ବନ୍ୟପ୍ରାଣୀ ସପ୍ତାହ ପାଳନ କରାଯାଉଥିବାର ଜଣାପଡିଛି । ଏହି କାର୍ଯ୍ୟକ୍ରମରେ ବିବିନ୍ନ ଗ୍ରାମର ବନସୁରକ୍ଷା ସମିତି ସଭ୍ୟମାନେ ଜଂଗଲ ଓ ଜଙ୍ଗଲର ଜୀବଜ୍ଂ ମନଙ୍କ ସୁରକ୍ଷା ସମ୍ପର୍କିତ ପ୍ଲାକାର୍ଡ ମାନ ଧରି ଓ ସ୍ଲୋଗାନ ଦେଇ ପଦଯାତ୍ରାରେ ଗ୍ରାମ ପରିକ୍ରମା କରିବା ସହିତ ଲୋକ ମାନଙ୍କୁ ସଚେତନ କରୁଥିବାର ଦେଖିବାକୁ ମିଳିଛି । ଏହି ଅବସରରେ ଗୋଡଭଙ୍ଗା ଓ ମହୁଲଗୋଠ ଗ୍ରାମରେ ଏଭଳି ସଚେତନତା ପଦଯାତ୍ରା ଅନୁଷ୍ଠିତ ହୋଇଥିଲା । ପଦଯାତ୍ରା ପରେ ଏହି ଦୁଇଗ୍ରାମରେ ସଚେତନତା ସଭା ଅନୁଷ୍ଠିତ ହୋଇଥିଲା । ବନପାଳ ପରମେଶ୍ୱର ମହା‘ ଓ ବିଜୟକୁମାର ମହା‘, ବନରକ୍ଷୀ ସମିର କୁମାର ମହା‘, ଯୋଗେଶ୍ୱର କୁଲଣ୍ଡି ପ୍ରମୁଖଙ୍କ ସହଯୋଗ କ୍ରମେ ଆୟୋଜିତ ଏହି ସଭାରେ ସାତକୋଶିଆ ବନାଂଚଳ ଅଧିକାରୀ ଶ୍ରୀ ପିତାମ୍ବର ସେଠୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଜଙ୍ଗଲ ଓ ବନ୍ୟପ୍ରାଣୀ ମାନଙ୍କର ସୁରକ୍ଷା ତଥା ଲୋପ ପାଇଯାଉଥିବା ପକ୍ଷୀ ତଥା ଅନ୍ୟ ଜ୍ଂ ମାନଙ୍କର ସୁରକ୍ଷା ପାଇଁ ଲୋକମାନେ କିପରି ଧ୍ୟାନଦେବେ ସେ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ ଏବଂ ସମସ୍ତଙ୍କୁ ବୃକ୍ଷରୋପଣ କରିବାପାଇଁ ପରାମର୍ଶ ଦେଇଥିଲେ ।

## ବିଦ୍ୟୁତ୍ ଦର ବୃଦ୍ଧି ନିଷ୍ପତ୍ତି ପ୍ରତ୍ୟାହାର ଦାବିରେ ସିପିଆଇଏମ୍‌ର ଓଇଆରସି ଅଫିସ୍ ଘେରାଉ

ଭୁବନେଶ୍ୱର,୦୭।୧୦ (ନି.ପ୍ର): ବିଦ୍ୟୁତ୍ ଦର ବୃଦ୍ଧି ନିଷ୍ପତି ପ୍ରତ୍ୟାହାର ଦାବିରେ ସିପିଆଇ ଏମ୍ ପକ୍ଷରୁ ମଙ୍ଗଳବାର ଦିନ ଓଡିଶା ରାଜ୍ୟ ବିଦ୍ୟୁତ୍ ନିୟାମକ ଆୟୋଗ (ଓ ଇ ଆର ସି) କାର୍ଯ୍ୟାଳୟ ସମ୍ମୁଖରେ ପ୍ରତିବାଦ ଜଣାଇବା ସହ ଏହାର ଅଧ୍ୟକ୍ଷଙ୍କୁ ଦାବି ପତ୍ର ପ୍ରଦାନ କରାଯାଇଥିଲା । ଦାବି ପତ୍ରରେ ଉଲ୍ଲେଖ କରାଯାଇଥିଲା ଯେ ସେପ୍ଟେମ୍ବର ୨୩ ତାରିଖ ଦିନ ଆୟୋଗ ଅକ୍ଟୋବର ୧ ତାରିଖ ଠାରୁ ବିଦ୍ୟୁତ ଉପଭୋକ୍ତା ମାନଙ୍କ ବର୍ଦ୍ଧିତ ଶୁଳ୍କ ଧାର୍ଯ୍ୟ କରିବା ନିମନ୍ତେ ଆଦେଶ ପ୍ରଦାନ କରିବା ଠିକ୍ ନୁହେଁ । କାରଣ ଏପ୍ରିଲ ମାସ ଠାରୁ ଆଜି ସୁଦ୍ଧା କୋଭିଡ୍ - ୧୯ ଜନିତ ଅସ୍ୱାଭିକ ଅବସ୍ଥାରେ କୌଣସି ପରିବର୍ତନ ଆସି ନାହିଁ । ରାଜ୍ୟର ବିଦ୍ୟୁତ କ୍ଷେତ୍ରରେ କ୍ଷତି ଭରଣା ପାଇଁ ଉପଭୋକ୍ତାମାନଙ୍କ ଉପରେ ବୋଝ ଲଦିଦେବା ଯଥାର୍ଥ ନୁହେଁ । କ୍ଷତିର କାରଣ ଉପଭୋକ୍ତା ନୁହଁନ୍ତି । ପୂର୍ବରୁ ବିତରଣ ଦାୟିତ୍ୱ ନେଇଥିବା ଘରୋଇ ସଂସ୍ଥା ମାନଙ୍କ ଉପରେ ବର୍ଷ ବର୍ଷ ଧରି ବକେୟା ପଡିଥିବା ୬,୦୦୦କୋଟି ଟଙ୍କା ଆଦାୟ କରିବାରେ ଚରମ ଅବହେଳା ରହିଛି । ପୁଣି ବିଦ୍ୟୁତ ଦେୟ ବାବଦକୁ ଶିଳ୍ପ ସଂସ୍ଥା ମାନଙ୍କ ଉପରେ ୨୯୯୪ କୋଟି ୬୬ ଲକ୍ଷ ଟଙ୍କା, ଖୋଦ ରାଜ୍ୟ ସରକାରଙ୍କ ଉପରେ ୨୦୦୦ କୋଟି ଟଙ୍କା ବିଦ୍ୟୁତ୍ ଦେୟ ବକେୟା ପଡିଥିବା ବେଳେ, ବକେୟା ଅର୍ଥ ଆଦାୟ ନକରି କମ୍ପାନୀମାନଙ୍କ କ୍ଷତି ଭରଣା ନାମରେ ସାଧାରଣ ଉପଭୋକ୍ତାମାନଙ୍କୁ ଦଣ୍ଡିତ କରିବା କେତେ ଦୂର ଯଥାର୍ଥ ?ବିଦ୍ୟୁତ ବ୍ୟବହାରୀକାରୀଙ୍କ ସଂଖ୍ୟା ପ୍ରତିଦିନ ବୃଦ୍ଧି ପାଉଥିଲେ ସୁଦ୍ଧା, ୨୦୦୮-୦୯ ପରଠାରୁ ବିତରଣକାରୀ କମ୍ପାନୀମାନେ ନୂତନ କର୍ମଚାରୀ ନିଯୁକ୍ତି କରି ନାହାନ୍ତି କହିଲେ ଚଳେ । ଉପଭୋକ୍ତା ଓ କର୍ମଚାରୀ ମାନଙ୍କ ମଧ୍ୟରେ ଆନୁପାତିକ ହାର ଏପର୍ଯ୍ୟନ୍ତ ଠିକ୍ କରାଯାଇନାହିଁ । ବିଦ୍ୟୁତ୍ ଉତ୍ପାଦନ, ସରବରାହ ଓ ବିତରଣ ରେ ନିଯୁକ୍ତ ଶ୍ରମିକ କର୍ମଚାରୀଙ୍କ ମଧ୍ୟରୁ ଶତକଡା ୭୦ ଭାଗରୁ ଉର୍ଦ୍ଧ ହେଉଛନ୍ତି ଠିକା, ଅସ୍ଥାୟୀ ଓ ଆଉଟ ସୋର୍ସ କର୍ମଚାରୀ ଓ ଶ୍ରମିକ । ବର୍ଷ ବର୍ଷ ଧରି ସେମାନେ ନିୟମିତ କର୍ମଚାରୀଙ୍କ କାମ କରୁଥିଲେ ସୁଦ୍ଧା ସ୍ଥାୟୀ ନିଯୁକ୍ତିର ପଦକ୍ଷେପ ନାହିଁ । ରାଜ୍ୟର ମୋଟ ବିଦ୍ୟୁତ ଆବଶ୍ୟକତାର ଶତକଡା ୫୦ ଭାଗ ରାଜ୍ୟର ଜଳ ବିଦ୍ୟୁତ ପ୍ରକଳ୍ପ ଏବଂ ଅନ୍ୟ ରାଜ୍ୟର ଜଳ ବିଦ୍ୟୁତ ପ୍ରକଳ୍ପରୁ କ୍ରୟ ହେଉଛି । ଜଳ ବିଦ୍ୟୁତ୍ ଉତ୍ପାଦନ ଖର୍ଚ୍ଚ ସବୁଠାରୁ କମ୍ । ଜଳ ବିଦ୍ୟୁତ୍ ଉତ୍ପାଦନ ସକେଶେ ଧାର୍ଯ୍ୟ କ୍ଷମତାର ସଂପୂର୍ଣ୍ଣ ବିନିଯୋଗ କରିପାରିଲେ କ୍ରୟ ମୂଲ୍ୟ ମଧ୍ୟ କମ ହୋଇପାରନ୍ତା ।ତେଣୁ ରାଜ୍ୟରେ ଶୁଳ୍କ ବୃଦ୍ଧି ନିଷ୍ପତିର ପୂର୍ନବିଚାର ଲାଗି ଜନଶୁଣାଣି କରିବା ଏବଂ ସେ ପର୍ଯ୍ୟନ୍ତ ଅକ୍ଟୋବର ୧ ତାରିଖରୁ ଲାଗୁ ହୋଇଥିବା ୟୁନିଟ୍ ପିଛା ୨୦ ପଇସା ବର୍ଦ୍ଧିତ ଶୁଳ୍କ ଆଦାୟ ସ୍ଥଗିତ ରଖିବାକୁ ନିବେଦନ କରାଯାଇଛି । ଏହିତ ପ୍ରତିବାଦ ସଭାରେ ସିପିଆଇ ଏମ୍ ର ରାଜ୍ୟ ସମ୍ପାଦକ ଅଳି ପଟ୍ଟନାୟକ , ରାଜ୍ୟ ସମ୍ପାଦକମଣ୍ଡଳୀ ସଭ୍ୟ ଜନାର୍ଦ୍ଦନ ପତି ଓ ଜଗନ୍ନାଥ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ ।

# ଦୁର୍ନୀତିର ଗନ୍ତାଘର ପାଲଟିଛି ଶ୍ରମ କାର୍ଯ୍ୟାଳୟ : ଶ୍ରମିକ ନେତାଙ୍କ ଗୁରୁତର ଅଭିଯୋଗ

ଭଦ୍ରକ, ୭/୧୦ (ହି.ସ.) - ଦୁର୍ନିତୀର ଗନ୍ତାଘର ପାଲଟିଛି ଭଦ୍ରକ ମଣ୍ଡଳ ଶ୍ରମ ଆୟୁକ୍ତଙ୍କ କାର୍ଯ୍ୟାଳୟ । ଗତ ଦେଢ଼ ବର୍ଷର ଘଟଣାବଳୀରୁ ଏହା ସ୍ପଷ୍ଟ ହୋଇଯାଇଛି । ୨୦୧୯ ମସିହା ମାର୍ଚ୍ଚ ମାସ ପ୍ରଥମ ସପ୍ତାହରେ ତତ୍କାଳୀନ ଜିଲ୍ଲା ଶ୍ରମାଧିକାରୀ ଯସ୍ମିନ ସାହୁଙ୍କ ଏକ ଅଡିଓ ଟେପ ଭାଇରାଲ ହୋଇଥିଲା । ନିର୍ମାଣ ଶ୍ରମିକ ପଞ୍ଜିକରଣ ପାଇଁ ୩୦ହଜାର ଟଙ୍କା ନେବା ପରେ ମଧ୍ୟ ଏତିକି ଯଥେଷ୍ଟ ନୁହେଁ କହି ଜନୈକ ଶ୍ରମିକ ନେତାଙ୍କ ସହିତ ମୂଲଚାଲ କରିବା ଅଡିଓ ଭାଇରାଲ ହୋଇଥିଲା । ଏହାର ତଦନ୍ତ କରି ଜିଲ୍ଲାପାଳ ଶ୍ରମ କମିଶନରଙ୍କୁ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ପାଇଁ ସୁପାରିଶ କରିଥିଲେ । ତଦନ୍ତ ରିପୋର୍ଟ ଆଧାରରେ ଶ୍ରୀମତୀ ସାହୁଙ୍କୁ ତାଙ୍କ କାର୍ଯ୍ୟରୁ ନିଲମ୍ବନ କରାଯାଇଥିଲା । ସେହିପରି ଚଳିତ ମାସ ୧ତାରିଖ ଜନୈକ ଠିକା ସଂସ୍ଥାର ଶ୍ରମ ଲାଇସେନ୍ସ ନବିକରଣ ପାଇଁ ୯ହଜାର ଟଙ୍କା ଲା ନେଇ ବିଭାଗୀୟ କନିଷ୍ଠ କିରାଣୀ ସୁଧାକର ବାରିକ ଧରାପଡ଼ି ଗିରଫ ହୋଇଛନ୍ତି । ତେଣୁ ଏହି କାର୍ଯ୍ୟାଳୟରେ ଦୁର୍ନୀତି ଛାଇ ଯାଇଥିବାର ଅଭିଯୋଗ ହୋଇ ଆସୁଥିବାବେଳେ, ଏହି ଦୁଇଟି ଘଟଣା ତାହାର ପ୍ରମାଣ ବୋଲି ଚର୍ଚ୍ଚା ହେଉଛି । ତେବେ ତତ୍କାଳୀନ ଶ୍ରମାଧିକାରୀ ଶ୍ରୀମତୀ ସାହୁଙ୍କୁ ଜଣେ ଶ୍ରମିକ ନେତାଙ୍କ ସହ ହୋଇଥିବା କଥାବାର୍ତ୍ତାର ଭାଇରାଲ ଅଡ଼ିଓ ଆଧାରରେ ନିଲମ୍ବନ କରାଯାଇଥିଲା । କିନ୍ତୁ ଏହି ଅଡ଼ିଓରେ ଉକ୍ତ କାର୍ଯ୍ୟାଳୟର ମଲ୍ଲିକ ବାବୁ ଓ ଟୁଟୁ ବାବୁଙ୍କ ନାମ ମଧ୍ୟ ଶୁଣିବାକୁ ମିଳିଥିଲେ ମଧ୍ୟ ସେମାନେ କିଏ ସେମ୍ପର୍କରେ ତଦନ୍ତ କରାଗଲା ନାହିଁ । ଆଜି ପର୍ଯ୍ୟନ୍ତ ମଧ୍ୟ ଏହି ଦୁଇଜଣ ବ୍ୟକ୍ତି ଉକ୍ତ କାର୍ଯ୍ୟାଳୟରେ କାର୍ଯ୍ୟରତ । ଇତିମଧ୍ୟରେ ଦେଢ଼ ବର୍ଷ ବିତିଯାଇଥିଲେ ମଧ୍ୟ ସେହି ୨ଜଣଙ୍କ ବିରୁଦ୍ଧରେ କେବେ ହେବ କାର୍ଯ୍ୟାନୁଷ୍ଠାନ ତାହାକୁ ନେଇ ନିର୍ମାଣ ଶ୍ରମିକ ମହଲରେ ଚର୍ଚ୍ଚା ଲାଗି ରହିଛି । ନିର୍ମାଣ ଶ୍ରମିକଙ୍କ ପାଇଁ ସରକାରଙ୍କ ଦ୍ୱାରା ନିର୍ଦ୍ଧାରିତ ମାପଦଣ୍ଡକୁ ବିଚାରକୁ ନିଆଯାଉ ନାହିଁ । ବହୁତ ଥିଲାବାଲା ଲୋକ ମଧ୍ୟ ଏହି ନିର୍ମାଣ ଶ୍ରମିକ କାର୍ଡ଼ ହାତେଇବାରେ ସକ୍ଷମ ହୋଇଛନ୍ତି । ଯାହାର ପ୍ରମାଣ ନିକଟ ଅତୀତରେ ଦେଖିବାକୁ ମିଳିଛି । କରୋନା ଲକ ଡାଉନ ସମୟରେ ସରକାର ପ୍ରତ୍ୟେକ ନିର୍ମାଣ ଶ୍ରମିକଙ୍କୁ ଦେଢ଼ ହହାର ଟଙ୍କାର ଅନୁକମ୍ପା ରାଶୀ ଘୋଷଣା କରିଥିଲେ । ଏହି ସମୟରେ ବନ୍ତ ଥାନାର ଜଣେ ହୋମଗାର୍ଡ଼ ଉକ୍ତ ଅନୁକମ୍ପା ରାଶୀ ଉଠାଉଥିବାର ଫଟୋ ସାମଜିକ ଗଣମାଧମରେ ଆସିଥିଲା । କିନ୍ତୁ ତାଙ୍କ ବିରୁଦ୍ଧରେ ତଦନ୍ତ ସତ୍ୱେ କାର୍ଯ୍ୟାନୁଷ୍ଠାନ ହେଲା ନାହିଁ । ସେହିପରି ୧୦ହଜାର ଶ୍ରମିକଙ୍କ ଦେଢ଼ କୋଟି ଟଙ୍କା ବ ନ ହୋଇ ପାରିଲା ନାହିଁ । ଯାହାକି ନିର୍ମାଣ ଶ୍ରମିକ ଚୟନ କ୍ଷେତ୍ରରେ ହେଉଥିବା ଦୁର୍ନିତୀକୁ ସୂଚାଉଛି । ବିଭିନ୍ନ ବ୍ଲକରେ ବହୁ ସଂଖ୍ୟକ ଦଲାଲ ଏବେ ସକ୍ରିୟ ଅଛନ୍ତି । ଯେଉଁମାନେକି ଲୋକଙ୍କ ଠାରୁ ୨ହଜାରରୁ ୩ହଜାର ଟଙ୍କା ପର୍ଯ୍ୟନ୍ତ ନେଇ ସେମାନଙ୍କ ନିର୍ମାଣ ଶ୍ରମିକ ପରିଚୟପତ୍ର କରାଉଛନ୍ତି । ଏସମସ୍ତ ଦଲାଲଙ୍କୁ କିଛି ଶ୍ରମିକ ସଂଗଠନ ମଧ୍ୟ ସହଯୋଗ କରି ଚାଲିଛନ୍ତି ବୋଲି ଅଭିଯୋଗ ହେଉଛି । କାରଣ ସେମାନଙ୍କ ବିନା ସହଯୋଗରେ ଏପରି କାର୍ଡ଼ ମିଳିବା ସମ୍ଭବ ନୁହେଁ । ଠିକ ଏତିକିବେଳେ, ରାଜ୍ୟ ଅସଂଗଠିତ ଶ୍ରମିକ ସଂଘ ସମନ୍ୱୟ ସମିତିର ସଭାପତି ତଥା ସଂଗଠନର ରାଜ୍ୟ ସମ୍ପାଦକ ନାରାୟଣ ନାୟକ ଜିଲ୍ଲା ଶ୍ରମ କାର୍ଯ୍ୟାଳୟରେ ଚାଲିଥିବା ଦୁର୍ନିତୀ ବିରୋଧରେ ସ୍ୱର ଉଠାଇଛନ୍ତି । କନିଷ୍ଠ କିରାଣୀ ଗିରଫ ହୋଇଛନ୍ତି ସତ, କିନ୍ତୁ ଚାଲିଥିବା ଦୁର୍ନୀତିର ପଶ୍ଚାତଭାଗରେ ଥିବା ବଡ ଅଫିସର ଓ କର୍ମଚାରୀମାନେ ତଦନ୍ତରୁ ଖସି ଯାଉଛନ୍ତି ବୋଲି ସେ ଅଭିଯୋଗ କରିଛନ୍ତି । ଗିରଫ କନିଷ୍ଠ କିରାଣୀ ଶ୍ରୀ ବାରିକ ଦାବି କରିଥିବା ୧୩ହଜାର ଟଙ୍କା କଣ କେବଳ ତାଙ୍କ ପକେଟକୁ ଯାଇ ଥାଆନ୍ତିକି ବୋଲି ସେ ପ୍ରଶ୍ନ କରିଛନ୍ତି । ଆବେଦନକାରୀଙ୍କ ଆବେଦନପତ୍ର ପଞ୍ଜିକରଣ ପାଇଁ ପଡ଼ି ରହୁଥିବାବେଳେ, କେତେକ ଦଲାଲ ଟଙ୍କା ଦେଇ ତୁରନ୍ତ ନିର୍ମାଣ ଶ୍ରମିକ ପରିଚୟପତ୍ର ହାତେଇ ଚାଲିଛନ୍ତି । ୨୦୧୭ ମସିହାରୁ ଅଦ୍ୟାବଧି ହଜାର ହଜାର ସଂଖ୍ୟାରେ ବିଭିନ୍ନ ସହାୟତା ଆବେଦନପତ୍ର ଶ୍ରମ କାର୍ଯ୍ୟାଳୟରେ ପଡି ରହିଥିବା ବେଳେ ସେଗୁଡିକୁ ସମାଧାନ କରାଯାଉନାହିଁ । ଜିଲ୍ଲାରେ ଶ୍ରମିକ ସମସ୍ୟା ଅତି ଉତ୍କଟ ଅବସ୍ଥା ଧାରଣ କରିଛି । କିନ୍ତୁ କେବଳ ଲା କାରବାର କରି ଏହି କାର୍ଯ୍ୟାଳୟର ଅଧିକାରୀ ଓ କର୍ମଚାରୀଙ୍କ ଦ୍ୱାରା ନୂତନ ଶ୍ରମିକ ପଞ୍ଜିକରଣ କରିବା ବାସ୍ତବ ଶ୍ରମିକଙ୍କ ମଧ୍ୟରେ ଅସନ୍ତୋଷ ସଅଷ୍ଟି କରିଛି ବୋଲି ସେ କହିଛନ୍ତି । ସୂଚନା ଅଧିକାର ବଳରେ ତଥ୍ୟ ମାଗିଲେ ତଥ୍ୟ ପ୍ରଦାନକାରୀ ଅଧିକାରୀ କେହି ନାହାନ୍ତି ବୋଲି କହି ଏହାକୁ ଏଡାଇ ଦିଆ ଯାଉଛି । ତେଣୁ ଶ୍ରମ କାର୍ଯ୍ୟାଳୟରେ ଚାଲିଥିବା ବାସ୍ତବ ଅବସ୍ଥାକୁ ଦେଖି ଭଦ୍ରକ ଜିଲ୍ଲାପାଳ ଓ ରାଜ୍ୟ ଶ୍ରମ ଆୟୁକ୍ତ ଏହାର ବିଧିବଦ୍ଧ ତଦନ୍ତ କରିବା ସହିତ ଶ୍ରମିକଙ୍କ ସ୍ୱାର୍ଥ ରକ୍ଷା ପାଇଁ ଉଦ୍ୟମ କରିବାକୁ ଶ୍ରୀ ନାୟକ ଦାବି କରିଛନ୍ତି ।

## କରଞ୍ଜିଆରେ ପ୍ରତିବାଦ ସଭା ଓ ଶୋଭାଯାତ୍ରା



ବାରିପଦା,୦୭।୧୦ (ନି.ପ୍ର): ଉଞ୍ଚର ପ୍ରଦେଶର ହାଥରସ ଠାରେ ଘଟିଯାଇଥିବା ନାବାଳିକା ଗଣବଳାତ୍କାର ଓ ହତ୍ୟା ଘଟଣା ଓ ରାହୁଲ ଗାନ୍ଧୀ ଓ ପ୍ରିୟଙ୍କା ଗାନ୍ଧି ଭଦ୍ରାଙ୍କୁ ଧକ୍କାମାରି ତଳେ ପକାଇବା ଘଟଣାକୁ ନିନ୍ଦା ଓ ପ୍ରତିବାଦ ଜଣାଇ ଆଜି କରିଆ ଠାରେ ପିସିସି ସଭ୍ୟ ତଥା ସ୍ଥାନୀୟ ବରିଷ୍ଠ କଂଗ୍ରେସ ନେତା ଶ୍ରୀ ଭୁବନ ବିହାରି ସାହୁଙ୍କ ନେତୃତ୍ୱରେ ଏକ ପ୍ରତିବାଦ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି । ଶତାଧିକ କଂଗ୍ରେସ କର୍ମୀଙ୍କ ଗହଣରେ ଅନୁଷ୍ଠିତ ଏହି ଶୋଭାଯାତ୍ରାରେ ଏଭଳି ଦୂର୍ଭାଗ୍ୟଜନକ ଘଟଣାରେ ଅଭିଯୁକ୍ତ ମାନଙ୍କ ବିରୁଦ୍ଧରେ କଠୋର ପଦକ୍ଷେପ ନିଆଯିବା ପାଇଁ ଭାରତର ମହାମାନ୍ୟ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ସ୍ଥାନୀୟ ପ୍ରଶାସନ ଜରିଆରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି । ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ଅଂଚଳର କଂଗ୍ରେସ ନେତା ଓ କର୍ମୀ ସର୍ବଶ୍ରୀ ଅଶୋକ ଶର୍ମା, ଟୁଆଁ ଦାସ, ଘନଶ୍ୟାମ ମହାନ୍ତ, ଧରଣି ମହାନ୍ତ, ଲାଲନ୍ ସିଂ, ପ୍ରଫୁଲ୍ଲ ବେହେରା, ମଲ୍ଲି ନ୍ରଶଳ, ଉର୍ବଶୀ ମହାନ୍ତ ପ୍ରମୁଖଙ୍କ ସହିତ ଶତାଧିକ ପୁରୁଷ ଓ ମହିଳା କଂଗ୍ରେସ କର୍ମୀ ଯୋଗ ଦେଇଥିଲେ ।

## ଘର ତାଲା ଭାଙ୍ଗି ଲକ୍ଷାଧିକ ଟଙ୍କା ଓ ସୁନାଗହଣା ଲୁଟିନେଲେ ଲୁଟେରା

ଭଦ୍ରକ, ୭/୧୦ (ହି.ସ.) - ଘରଲୋକେ ଶୋଇଥିବାବେଳେ ଗତକାଲି ବିଳମ୍ବିତ ରାତିରେ ଘର ତାଲା ଭାଙ୍ଗି ଲୁଟେରାମାନେ ଲକ୍ଷାଧିକ ନଗଦ ଟଙ୍କା ସହ ବହୁ ସୁନାଗହଣା ଲୁଟିନେଇ କଳାକନା ବୁଲାଇ ଦେଇଛନ୍ତି । ଏଭଳି ଘଟଣା ଘଟିଛି ଭଦ୍ରକ ଗ୍ରାମାଂଚଳ ଥାନା ଅଧୀନସ୍ଥ ଏରେଇଁ ପଂଚାୟତର ବିଶାଣି ଖରିଦା ଗ୍ରାମରେ । ଏହି ଗ୍ରାମର ନାରାୟଣ ଗିରିଙ୍କ ଘରେ ସମସ୍ତେ ଶୋଇଥିବାବେଳେ ଚୋରମାନେ ଠାକୁର ଘର ତାଲା ଭାଙ୍ଗି ଘର ଭିତରେ ଥିବା ଟ୍ରଙ୍କଟିକୁ ନେଇ ପଳାଇ ଯାଇଥିଲେ । ଏବଂ ଘର ପାଖ ଏକ ବିଲ ମଧ୍ୟରେ ଟ୍ରଙ୍କଟିକୁ ଭାଙ୍ଗି ସେଥିରେ ଥିବା ନଗଦ ୧ ଲକ୍ଷ ୭୦ ହଜାର ଟଙ୍କା ଓ ଏକଭରି ସୁନା ଚୋରି କରିନେଇଥିବା ବିଷୟ ଗ୍ରାମା ଳ ଥାନାରେ ଅଭିଯୋଗ କରିଛନ୍ତି ପରିବାର ଲୋକେ । ଏବେ ଚୋରି କରିବା ପରେ ଚୋରମାନେ ଘର ନିକଟ ଅନତି ଦୂରରେ ଟ୍ରଙ୍କଟିକୁ ଛାଡି ଚାଲିଯାଇଛନ୍ତି । ବାକ୍ସଟିରେ କେବଳ କିଛି କାଗଜପତ୍ର ଛଡା ଆଉ କିଛି ନଥିବାର ଜଣାପଡିଛି । ଏହି ଖବର ପାଇ ଗ୍ରାମାଂଚଳ ଥାନା ପୁଲିସ୍ ଘଟଣାସ୍ଥଳରେ ପହଂଚି ତଦନ୍ତ ଆରମ୍ଭ କରିଛି ।

## ପୂର୍ବତନ ସାଂସଦ କାର୍ତ୍ତିକେଶ୍ୱର ପାତ୍ରଙ୍କ ବିୟୋଗରେ ରାଜ୍ୟ ବିଜେପିର ଶୋକ

ଭୁବନେଶ୍ୱର,୦୭।୧୦ (ନି.ପ୍ର): ପୂର୍ବତନ ସାଂସଦ ଶ୍ରୀ କାର୍ତ୍ତିକେଶ୍ୱର ପାତ୍ରଙ୍କ ବିୟୋଗରେ ରାଜ୍ୟ ସଭାପତି ଶ୍ରୀ ସମୀର ମହାନ୍ତି ଏବଂ ବିରୋଧୀ ଦଳ ନେତା ଶ୍ରୀ ପ୍ରଦୀପ୍ତ କୁମାର ନାଏକ ଗଭୀର ଶୋକ ବ୍ୟକ୍ତ କରିବା ସହ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରି ସ୍ୱର୍ଗତଃ ଆତ୍ମାର ସଦଗତି କାମନା କରିଛନ୍ତି । ସତୁରୀ ଦଶକରୁ ଓଡିଶା ରାଜନୀତିରେ ସକ୍ରିୟ ଥିବା କଂଗ୍ରେସ ବରିଷ୍ଠ ନେତା ତଥା ୩ ଥର ଭୋଗରାଇରୁ ବିଧାନସଭାକୁ ନିର୍ବାଚିତ ହୋଇଥିବା ସ୍ୱର୍ଗତଃ ପାତ୍ର ୧୯୯୧ ମସିହାରେ ସାଂସଦ ଭାବେ ନିର୍ବାଚିତ ହୋଇଥିଲେ । ସ୍ୱର୍ଗତଃ ପାତ୍ରଙ୍କ ବିୟୋଗ ରାଜ୍ୟ ରାଜନୀତି ପାଇଁ ଏକ ଅପୂରଣୀୟ କ୍ଷତି । ସ୍ୱର୍ଗତଃ ଅମର ଅତ୍ମାର ସଦଗତି କାମନା କରିବା ସହ ଉଭୟ ଶ୍ରୀ ମହାନ୍ତି ଏବଂ ଶ୍ରୀ ନାଏକ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜ୍ଞାପନା କରିଛନ୍ତି । ସ୍ୱର୍ଗତଃ ପାତ୍ରଙ୍କ ବିୟୋଗରେ ରାଜ୍ୟ ବିଜେପିର ବହୁ ବରିଷ୍ଠ ଓ ପ୍ରମୁଖ ନେତୃବୃନ୍ଦ ଗଭୀର ଶୋକବ୍ୟକ୍ତ କରିଛନ୍ତି ।

## ବିଶ୍ୱବିଦ୍ୟାଳୟ ସଂଶୋଧନ ବିଲ୍ ପାରିତ : ଗୋଟିଏ ଦିନରେ ପାସ୍ ହେଲା ୫ଟି ବିଲ୍

ଭୁବନେଶ୍ୱର,୦୭।୧୦ (ନି.ପ୍ର): ପ୍ରବଳ ହଟ୍ଟଗୋଳ ପରେ ବିଧାନସଭାରେ ଓଡିଶା ବିଶ୍ୱବିଦ୍ୟାଳୟ ସଂଶୋଧନ ବିଲ୍ - ୨୦୨୦ ପାରିତ ହୋଇଛି । ବିରୋଧୀଙ୍କ ପ୍ରବଳ ବିରୋଧ ଏବଂ ୪ ଦିନର ଆଲୋଚନା ପରେ ଧ୍ୱନିମତ ସହାୟତାରେ ଏହି ବିଲ୍ ପାରିତ ହୋଇଥିଲା । ବିଲ୍ କୁ କଳା ଆଇନ କହି କଂଗ୍ରେସର ବରିଷ୍ଠ ନେତା ନରସିଂହ ମିଶ୍ର ଏହାକୁ ବିରୋଧ କରିଥିବା ବେଳେ ବିଲ୍ ଆଲୋଚନା ସମୟରେ ବିଜେପି ସଭ୍ୟ ମାନେ ଭାଗ ନନେଇ କକ୍ଷତ୍ୟାଗ କରିଥିଲେ । ବିଲ୍ ଆଲୋଚନାର ଉତରରେ ଉଚ୍ଚଶିକ୍ଷା ମନ୍ତ୍ରୀ ଡ. ଅରୁଣ ସାହୁ କହିଥିଲେ ଯେ କେନ୍ଦ୍ର ଓ ରାଜ୍ୟ ଆଇନ ଭିତରେ କୌଣସି ଦ୍ୱନ୍ଦ୍ୱ ନାହିଁ । ଅନ୍ୟ ରାଜ୍ୟରେ କୁଳପତି ଚୟନରେ ଯେଉଁ ବ୍ୟବସ୍ଥା ରହିଛି, ଆମ ରାଜ୍ୟରେ ଭିନ୍ନ । ସେହି ସବୁ ରାଜ୍ୟ କୁଳପତି ଚୟନରେ ସରକାର ହସ୍ତକ୍ଷେପ କରୁଛନ୍ତି । କିନ୍ତୁ ରାଜ୍ୟରେ ନିରପେକ୍ଷତା ଓ ସ୍ୱଚ୍ଛତା ଭିତରେ କୁଳପତି ଚୟନ କରାଯାଇଥାଏ । ବିଶ୍ୱବିଦ୍ୟାଳୟର କୁଳପତିଙ୍କୁ ରାଜ୍ୟପାଳ ନିଯୁକ୍ତି କରିଥାନ୍ତି । ରାଜ୍ୟପାଳ ନଭେମ୍ବର ୨୦୧୮ରେ ଅଧ୍ୟାପକ ନିଯୁକ୍ତି ଓପିଏସସି ମାଧ୍ୟମରେ କରିବାକୁ ପ୍ରସ୍ତାବ ଦେଇଥିଲେ । ସେହି ଅନୁସାରେ ରାଜ୍ୟ ସରକାର ବିଲରେ ବ୍ୟବସ୍ଥା କରିଛନ୍ତି । ସିନେଟ ବ୍ୟବସ୍ଥାକୁ ଉଚ୍ଛେଦ କରାଯାଇଛି । ସିଣ୍ଡିକେଟ ବ୍ୟବସ୍ଥାକୁ ଅଧିକ ମଜଭୁତ କରାଯାଇଛି । ଜାତୀୟ ଶିକ୍ଷା ନୀତିକୁ ଅଧିକ ତର୍ଜମା କରିବାକୁ କମିଟି ଗଠନ ହୋଇଯାଇଛି । କଂଗ୍ରେସ ବିଧାୟକ ନରସିଂହ ମିଶ୍ର କହିଛନ୍ତି ଆଜିର ଦିନ ବିଧାନସଭା ଇତିହାସରେ ଅମାବାସ୍ୟାର ଦିନ । ଆଜିର ଦିନ ଏକ କଳା ଦିନ, ଏହି ଆଇନ ଏକ କଳା ଆଇନ ହେବ । ନୂଆ ବିଲ୍ ଦ୍ୱାରା ବିଶ୍ୱବିଦ୍ୟାଳୟର ଅଟୋନୋମି ନଷ୍ଟ ହେବ । ବିଶ୍ୱବିଦ୍ୟାଳୟ ସଂଶୋଧନ ବିଲ୍ ସମେତ ଆଜି ମୋଟ ୫ ଟି ବିଲ୍ ପାରିତ ହୋଇଥିଲା । ଓଡିଶା ଆଇନଜୀବୀ କଲ୍ୟାଣ ପାଣ୍ଠି ସଂଶୋଧନ ବିଲ୍ , ଓଡିଶା ଦ୍ରବ୍ୟ ଓ ସେବାକର ସଂଶୋଧନ ବିଲ୍, ଓଡିଶା ପୌର ବିଧି ସଂଶୋଧନ ବିଲ୍ , ଶିଳ୍ପ ବିବାଦ ଓଡିଶା ସଂଶୋଧନ ବିଲ୍ ପାରିତ ହୋଇଛି ।

## ୱାର୍ଡ଼ ନଂ ୩୮ରେ କରୋନା ସଚେତନତା କାର୍ଯ୍ୟକ୍ରମ

ଭୁବନେଶ୍ୱର,୦୭।୧୦ (ନି.ପ୍ର): ନୟାପଲ୍ଲୀ ୱାର୍ଡ଼ ନଂ ୩୮ ର ବାଲିତୋଟାସାହି ବସ୍ତିରେ କରୋନା ସଚେତନତା କାର୍ଯ୍ୟକ୍ରମ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ୱାର୍ଡ଼ ନଂ ୩୮ର ପୂର୍ବତନ କର୍ପୋରେଟର୍ ନିଖିଳ କୁମାର ବଳବନ୍ତରାୟ, ଡେପୁଟୀ ସେକ୍ରେଟେରୀ ସ୍ପୋଟସ୍ ସିଁଳେନ୍ଦ୍ର କୁମାର ଜେନା, ଜେ.ଡି.ସି.ଓ ପ୍ରତାପ ପଟ୍ଟନାୟକ, ୱାର୍ଡ଼ ଅଫିସର ନିଳମାଧବ ବିଶ୍ୱାଳ, କମ୍ୟୁନିଟି ଅର୍ଗାନାଇଜର୍ ନିବେଦିତା ଦାସ୍, ସାନିଟାରୀ ଇନସ୍ପେକ୍ଟର ସୁନିଲ କୁମାର ସାହୁ ଓ ୱାର୍ଡ଼ର ସମସ୍ତ ସୁପରଭାଇଜର ଉପସ୍ଥିତ ରହି ଜନସାଧାରଣ କିପରିଭାବେ କରୋନାରୁ ବଂଚିତ ହେବେ ସେ ବାବଦରେ ନିଜ ନିଜର ବକ୍ତବ୍ୟ ପ୍ରଦାନ କରିବା ସହ ସଚେତନତାର ବାର୍ତା ବଂଟନ କରିଥିଲେ । ଏହି କାର୍ଯ୍ୟକ୍ରମରେ ୱାର୍ଡ଼ ନଂ-୩୮ର ବାଲିତୋଟାସାହି ବସ୍ତିର ଅନେକ ମହିଳା ଓ ଯୁବବନ୍ଧୁମାନେ ଉପସ୍ଥିତ ଥିଲେ ।

## ବନ୍ୟା ସହାୟତାରୁ ବଂଚିତ ବିପନ୍ନ ବ୍ଲକ ସମ୍ମୁଖରେ ନାରାବାଜି, ପ୍ରତିଶୃତି ପରେ ଧାରଣା ପ୍ରତ୍ୟାହୃତ

ଧର୍ମଶାଳା,୦୭।୧୦ (ନି.ପ୍ର): ଚଳିତ ପ୍ରଳୟଙ୍କାରୀ ବନ୍ୟାରେ ବ୍ୟାପକ କ୍ଷୟକ୍ଷତି ହୋଇଛି । ଯାଜପୁର ଜିଲା ବଡଚଣା ବ୍ଲକ ଅନ୍ତର୍ଗତ ବନ୍ଦାଳୋ ପଂଚାୟତର ବିପନ୍ନ ମାନେ ବନ୍ୟା ସହାୟତା ପାଇବାରୁ ବଂଚିତ ହୋଇଛନ୍ତି । ଏହାର ପ୍ରତିବାଦରେ ପୂର୍ବତନ ସରପଂଚ ଶ୍ରୀଚରଣ ମଲ୍ଲିକ ଓ ଅକ୍ଷୟ କୁମାର ବେହେରାଙ୍କ ନେତୃତ୍ୱରେ କ୍ଷତିଗ୍ରସ୍ତ ଲୋକମାନେ ବ୍ଲକ ସମ୍ମୁଖରେ ଧାରଣା ଦେଇଥିଲେ । ବିଡିଓ ଅଜିତ ନାରାୟଣ ପ୍ରସାଦ ଗିରି ସେମାନଙ୍କ ସହ ଆଲୋଚନା କରିବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା । କ୍ଷତିଗ୍ରସ୍ତ ଲୋକେ କ୍ଷୟକ୍ଷତିର ସଠିକ ଆକଳନ ଓ କ୍ଷତିପୂରଣ ଦାବୀରେ ବିଡିଓ,ଅତିରିକ୍ତ ତହସିଲଦାର ଅଭିଲିପ୍ସା ଦାସ ଓ ଯାଜପୁର ଜିଲାପାଳଙ୍କୁ ଦାବୀପତ୍ର ପ୍ରଦାନ କରିଛନ୍ତି । ସେମାନଙ୍କ ଦାବୀ ମୁତାବକ ଏହି ପଂଚାୟତର ବନ୍ଦାଳୋ, ଗଣାଷ, ରାଣୀପୋଖରୀ, ବାପଟପଡା, ସାତଲୋଣ୍ଡା ଏବଂ ଓଲର ଆଦି ରାଜସ୍ୱ ଗ୍ରାମରେ ବ୍ୟାପକ କ୍ଷୟକ୍ଷତି ଘଟିଛି । ବନ୍ୟାଜଳ ଗ୍ରାମ ଗୁଡିକର ମୁଖ୍ୟରାସ୍ତା ଦେଇ ଗ୍ରାମ ଭିତରକୁ ପ୍ରବେଶ କରିବା ଫଳରେ ଅନେକ ଲୋକଙ୍କ ଘରେ ପାଣି ପଶିଥିଲା । ଏପରିକି ଓଲର ଆଦିବାସୀ ସାହିର ବହୁ ଝୁମୁଡିଘର ବର୍ଷା ଓ ବନ୍ୟାଜଳରେ ଭାଙ୍ଗିଯାଇଛି । ବିପନ୍ନ ମାନେ ଏବେ ସୁଦ୍ଧା ବିଭିନ୍ନ ବିଦ୍ୟାଳୟ ଓ କ୍ଲବ ଘରେ ଆଶ୍ରୟ ନେଇଛନ୍ତି । ଆଦିବାସୀ ସାହି ନିକଟ ଗୋକୁଳାଦେବୀ ପୀଠସ୍ଥଳି ଠାରେ ଗତବର୍ଷ ନିର୍ମାଣ ହୋଇଥିବା କଲଭର୍ଟ ବନ୍ୟାସ୍ରୋତରେ ଭୁସୁଡି ପଡିଛି । ସେହିପରି ବନ୍ଦାଳୋ ରାଜସ୍ୱ ନିରିକ୍ଷକଙ୍କ କାର୍ଯ୍ୟାଳୟରେ ପାଣିପଶି ଯିବାରୁ ବହୁ କାଗଜପତ୍ର ନଷ୍ଟ ହୋଇଥିବା ଜଣାପଡିଛି । ଏଣ୍ଡରପଦା ରାସ୍ତାର ବିଭିନ୍ନ ସ୍ଥାନରେ ଦୁଇତିନି ଫୁଟ ଉଚ୍ଚର ଜଳ ପ୍ରବାହିତ ହେବାରୁ ଯାତାୟତରେ ବାଧା ଉପୁଜିଥିଲା । ଗଣାଷ ଗ୍ରାମର ଚତୁଃପାର୍ଶ୍ୱ ଜଳମଗ୍ନ ହେବାରୁ ଏହି ଗ୍ରାମର ଗ୍ରାମବାସୀ ମାନେ ଜଳବନ୍ଦି ହୋଇ ରହିଥିଲେ । କିନ୍ତୁ ପ୍ରଶାସନ ପକ୍ଷରୁ କରାଯାଇଥିବା କ୍ଷୟକ୍ଷତି ଆକଳନରେ ବନ୍ଦାଳୋ ପଂଚାୟତକୁ କୌଣସି ସହାୟତା ନଦେବା ପ୍ରତିବାଦରେ ବ୍ଲକ ସମ୍ମୁଖରେ ଏହି ଧାରଣା ଦିଆଯାଇଥିବା ବିପନ୍ନ ମାନେ କହିଛନ୍ତି । ଅନ୍ୟମାନଙ୍କ ମଧ୍ୟରେ ବଟକୃଷ୍ଣ ପିଙ୍ଗୁଆ, ସୁକାନ୍ତି ପିଙ୍ଗୁଆ, ବାଜିଆ ସୁରି, ଧୂଷାସନ ପିଙ୍ଗୁଆ, ରତ୍ନାକର ପିଙ୍ଗୁଆ, ଚକ୍ରଧର ମୁଖି, ତ୍ରିଲୋଚନ ମଲିକ, ଦିପକ ଜେନାଙ୍କ ସମେତ ବହୁ ଲୋକ ଏହି ଧାରଣାରେ ବସିଥିଲେ ।

## ବିଶ୍ୱବିଦ୍ୟାଳୟ ସଂଶୋଧନ ଆଇନକୁ ଏ.ଆଇ.ଡି.ଏସ୍.ଓର ବିରୋଧ

ଭୁବନେଶ୍ୱର,୦୭।୧୦ (ନି.ପ୍ର): ରାଜ୍ୟର ବହୁ କୁଳପତି, ପ୍ରଫେସର, ଅଧ୍ୟାପକ, ଛାତ୍ରଛାତ୍ରୀ ତଥା ବୁଦ୍ଧିଜୀବୀମାନଙ୍କ ପ୍ରତିବାଦକୁ ପାଦରେ ଏଡେଇ ଦେଇ ଏବଂ ସମସ୍ତ ଗଣତାନ୍ତ୍ରିକ ରୀତିନୀତିକୁ ସୁକୌଶଳରେ ବଳି ପକାଇ ଓଡିଶା ବିଶ୍ୱବିଦ୍ୟାଳୟ ସଂଶୋଧନ ବିଲ୍-୨୦୨୦ ବିଧାନସଭାରେ ସରକାର ପାରିତ କରିଥିବାରୁ ଏ.ଆଇ.ଡି.ଏସ୍.ଓ ତରଫରୁ ଦୃଢ ବିରୋଧ କରାଯାଇଛି । ଏହି ବିଲ୍ ଏକ କଳା ବିଲ୍ ଏବଂ ଆଜିର ଦିନ ଓଡିଶାର ଶିକ୍ଷା ଇତିହାସରେ ଏକ କଳା ଦିବସ ଭାବେ ବିବେଚିତ ହେବ ବୋଲି ସଂଗଠନ ତରଫରୁ କୁହାଯାଇଛି । ସମସ୍ତ ମତାମତକୁ ଉପେକ୍ଷା କରି କରୋନା ସମୟରେ ବିଧାନସଭାରେ ସରକାର ଯେଭଳି ଭାବେ ଏହି ବିଲକୁ ପାରିତ କଲେ ତାହାକୁ କଡା ଭାଷାରେ ନିନ୍ଦା କରାଯିବା ସହ ବିଲ୍‌ର ନକଲକୁ ବିଧାନସଭା ସମ୍ମୁଖରେ ପୋଡା ଯାଇଛି । ରାଜ୍ୟରେ ବିଭିନ୍ନ ସ୍ଥାନରେ ମଧ୍ୟ ନକଲ ପୋଡା କାର୍ଯ୍ୟକ୍ରମ ନିଆଯାଇଛି । ସୂଚନାଯୋଗ୍ୟ ଯେ, ସିନେଟ୍ ଉଚ୍ଛେଦ, ଅଧ୍ୟାପକ ନିଯୁକ୍ତି ବିଶ୍ୱବିଦ୍ୟାଳୟ ହାତରୁ କାଢିନେଇ ଓ.ପି.ଏସ୍.ସି କୁ ପ୍ରଦାନ, କୁଳପତି ଚୟନରେ ସିଣ୍ଡିକେଟ ବଦଳରେ ସରକାରୀ ପ୍ରତିନିଧି ସ୍ଥାନ ପାଇବା, ସିଣ୍ଡିକେଟର କ୍ଷମତାକୁ ସଙ୍କୁଚିତ କରି ଯୁଗ୍ମ ସଚିବ ପାହ୍ୟାର ଅଧିକାରୀଙ୍କୁ ଏହାର ସଭ୍ୟ କରିବା, ବିଶ୍ୱବିଦ୍ୟାଳୟର ଶୈକ୍ଷିକ ବ୍ୟବସ୍ଥାରେ ସରକାରୀ ନିୟନ୍ତ୍ରଣ ପ୍ରତିଷ୍ଠା କରିବା, ରେଭେନ୍ସା ବିଶ୍ୱବିଦ୍ୟାଳୟ ଆଇନ୍‌କୁ ବାତିଲ କରିବା ଭଳି ବହୁ ମାରାତ୍ମକ ସୁପାରିଶ କରିବା ପାଇଁ ଏହି ବିଲ୍ ବିଧାନସଭାରେ ଆଜି ପାରିତ କରାଯାଇଛି । ସରକାରଙ୍କ ଏହି କଳାକାରନାମାକୁ ମଧ୍ୟ ରାଜ୍ୟପାଳ କିଛି ଦିନ ତଳେ ସ୍ୱୀକୃତି ଦେଇଛନ୍ତି । ସରକାର ଓ ରାଜ୍ୟପାଳ ମିଳିତ ଭାବେ ଏହି ବିଲ୍ ପ୍ରଣୟନ କ୍ଷେତ୍ରରେ ସମାନଭାବେ ଦାୟୀ ବୋଲି ସଂଗଠନ ତରଫରୁ କୁହାଯାଇଛି । ରାଜ୍ୟ ଓ କେନ୍ଦ୍ର ଉଭୟ ଷଡଯନ୍ତ୍ର କରି ଜାତୀୟ ଶିକ୍ଷାନୀତି-୨୦୨୦ ଏବଂ ବିଶ୍ୱବିଦ୍ୟାଳୟ ସଂଶୋଧନ ଆଇନ-୨୦୨୦ ବିଲ୍ ପାରିତ କରି ଆଜି ଶିକ୍ଷାର ଘରୋଇକରଣ, ବ୍ୟବସାୟୀକରଣ ଓ କେନ୍ଦ୍ରୀକରଣ କରିବାକୁ ଚାହୁଁଛନ୍ତି । ଏହା ବିରୁଦ୍ଧରେ ଦୁର୍ବାର ଆନ୍ଦୋଳନ ସଂଗଠିତ କରିବା ପାଇଁ ଏ.ଆଇ.ଡି.ଏସ୍.ଓ ତରଫରୁ ଆହ୍ୱାନ କରାଯାଇଛି । ଆଜିର ନକଲ ପୋଡି କାର୍ଯ୍ୟକ୍ରମରେ ଏ.ଆଇ.ଡି.ଏସ୍.ଓ ରାଜ୍ୟ ସଭାପତି ଗଣେଶ ତ୍ରିପାଠୀ, ସଂପାଦକ ସୁବାସ ନାୟକ, ନସିମ ସରକାର, ସ୍ୱସ୍ତି ସଙ୍ଗିତା ଦଳାଇ ପ୍ରମୁଖ ନେତୃତ୍ୱ ଦେଇଥିଲେ ।

# ମହାଶକ୍ତି ଫାଉଣ୍ଡେସନ ପକ୍ଷରୁ ଗତିଗୁଡା ଠାରେ ଢୋକ୍ରା ହସ୍ତଶିଳ୍ପୀଙ୍କୁ ବସ୍ତ୍ର ଦାନ ଉତ୍ସବ ପାଳନ

ଗୁଣୁପୁର,୭।୧୦ (ନି.ପ୍ର): ରାୟଗଡା ଜିଲ୍ଲା ଗୁଣୁପୁର ଉପଖଣ୍ଡ ମୁନିଗୁଡା ଠାରେ ଆଜି ବିଶ୍ୱ ଦାନ ଉତ୍ସବ ସପ୍ତାହ କାର୍ଯ୍ୟକ୍ରମ ପରିପ୍ରେକ୍ଷୀରେ ସାମାଜିକ ଅନୁଷ୍ଠାନ ମହାଶକ୍ତି ଫାଉଣ୍ଡେସନର ସଂଯୋଜନା ଏବଂ କଳା ପୁନରଥାନ ପ୍ରଡ୍ୟୁସରେ କମ୍ପାନୀର ପରିଚାଳନା ନିର୍ଦ୍ଦେଶକଙ୍କ ନେତୃତ୍ୱରେ ଆଜି ସମର୍ପଣର ଷଷ୍ଠ ଦିବସରେ ଗତି ଗୁଡାର ଢ଼ୋକରା କାରୀଗରୀଙ୍କୁ ପୁରାତନ ବସ୍ତ୍ର ଦାନ ଉତ୍ସବ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅନ୍ତରାଷ୍ଟ୍ରୀୟ ଦାନ ସପ୍ତାହ ଗତ ଅକ୍ଟୋବର ୨ତାରିଖ ପବିତ୍ର ଗାନ୍ଧୀ ଜୟନ୍ତୀରୁ ଆରମ୍ଭ ହୋଇ ଆସନ୍ତା ଆଠ ତାରିଖରେ ଶେଷ ହେବ। ପ୍ରତିବର୍ଷ ଭଳି ଚଳିତ ବର୍ଷ ମହାଶକ୍ତି ପରିବାର ଓ ସହଯୋଗୀ କଳା ପୁନରଥାନ ସଂସ୍ଥା ସାମାଜର ସ୍ୱଚ୍ଛଳବର୍ଗଙ୍କ ପାଖରୁ କମ୍ବଳ, ଶାଢ଼ୀ ପୁରୁଷ ଓ



ମହିଳା ମାନଙ୍କ ଡ୍ରେସ, ଗାଉନ, ଶ୍ୱେଟର, ଝିଅ ମାନଙ୍କର ଚୁଡ଼ିଦାର, ଫ୍ରକ, ଶୀତ ବସ୍ତ୍ର, ଛୋଟ ପିଲାଙ୍କ ନିମନ୍ତେ ଶୀତ ପୋଷାକ, ଟୋପି,ଖାଦ୍ୟଭାବେ ଚୁଡା, ଓ ଅନ୍ୟାନ୍ୟ ସାମଗ୍ରୀମାନ ସଂଗ୍ରହ କରି ଅବହେଳିତ ଅଂଚଳର ଗରିବ ଲୋକଙ୍କ ପାଖରେ ପହଞ୍ଚାଇ ନିଜ ସାମାଜିକ ଦାୟିତ୍ୱ ନିଭାଇ ଆସୁଛି। ଆଜିକାର ଗତିଗୁଡା ଗାଁର କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ସାମ୍ବାଦିକ ଶ୍ରୀଯୁକ୍ତ ମନୋରନ ଦଳାଇ ଯୋଗଦେଇ କରୋନାର କରାଳତା ମଧ୍ୟରେ ମହାଶକ୍ତି ଫାଉଣ୍ଡେସନ ପରିବାରର କାର୍ଯ୍ୟକ୍ରମ ଗୁଡିକ ଅନେକ ସାମାଜିକ ଚେତନାଧର୍ମୀ ଓ କଲ୍ୟାଣକାରୀ ଥିବା ବେଳେ ଆଜିକାର ଦାନ ଉତ୍ସବ ଅନ୍ୟ ମାନଙ୍କ ପାଇଁ ପ୍ରେରଣାଦାୟୀ ହେବ ବୋଲି କହିଥିଲେ।ସମ୍ମାନିତ ଅତିଥି ଭାବେ ଶିକ୍ଷା ନିରୀକ୍ଷକ ଶ୍ରୀଯୁକ୍ତ ମନୋରନ ସ୍ୱାଇଁ ଉପସ୍ଥିତ ଥିଲେ । ଗତିଗୁଡା ଗାଁରେ ମହାଶକ୍ତିର ଆଗମନ ପରେ ଗାଁରେ ବୁଡିଯିବାକୁ ବସିଥିବା କୁଟୀରଶିଳ୍ପ ଢୋକ୍ରା କାରୀଗରୀର ପୁନରୁଦ୍ଧାର କରି ଜୀବିକାର ରାହା ଦେଖେଇଛନ୍ତି। କଳା ପୁନରଥାନ କମ୍ପାନୀର ମୁଖ୍ୟ ପରିଚାଳନା ନିର୍ଦ୍ଦେଶକ ଶ୍ରୀଯୁକ୍ତ ମହେଶ୍ୱର ବ୍ରହ୍ମଚାରୀ ଉପସ୍ଥିତ ଗ୍ରାମବାସୀଙ୍କୁ ଦାନ ଉତ୍ସବର ମହତ୍ୱ, ଉଦେଶ୍ୟ ଓ ଏହା ଦ୍ୱାରା ସମାଜର କଲ୍ୟାଣ ଉପରେ ବକ୍ତବ୍ୟ ରଖିବା ସହ ନିଜ ପାଖରେ ବଞ୍ଚିଥିବା ସାମଗ୍ରୀ ଆଉ ଧନକୁ ସମାଜର ନିମ୍ନସ୍ତରରେ ଥିବା ଗରିବ ମଣିଷ ମାନଙ୍କ ପାଇଁ ଦାନ କରିବାକୁ ଉତ୍ସାହିତ କରିଥିଲେ।ଗ୍ରାମର ସମସ୍ତ ପରିବାରର ଛୋଟ ଠାରୁ ବଡ ସଭିଙ୍କୁ ଅନୁଷ୍ଠାନ ତରଫରୁ ବସ୍ତ୍ର, ଶୀତବସ୍ତ୍ର ଓ ଅନ୍ୟାନ୍ୟ ନିତ୍ୟ ବ୍ୟବହାର ବସ୍ତ୍ର, ଚୁଡା, ଶିଶୁ ଖାଦ୍ୟ ବଣ୍ଟନ କରିଥିଲେ।ଏହି କାର୍ଯ୍ୟରେ ଶୁଶାନ୍ତ ଉଲ୍ଲାକା, ବସନ୍ତ ପିଡ଼ିକାକା, କୁନୁମୁନ ପରିଡା ପ୍ରମୁଖ ସହାୟତା କରିଥିଲେ।

## ସିଂହଦ୍ୱାରରେ ଶ୍ରୀଜଗନ୍ନାଥଙ୍କ ଆର୍ଶିବାଦ ଭିକ୍ଷା କଲେ ସାଂସଦ ଅପରାଜିତା

ପୁରୀ,୭।୧୦ (ନି.ପ୍ର):ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗି ବିଜେପିର ରାଷ୍ଟ୍ରୀୟ ପ୍ରବକ୍ତା ମନୋନୀତ ହେବା ପରେ ଆଜି ପୁରୀ ଆସି ସିଂହଦ୍ୱାର ସମ୍ମୁଖରେ ମହାପ୍ରଭୁଙ୍କ ଶ୍ରୀଜଗନ୍ନାଥଙ୍କ ଉଦ୍ଦେଶ୍ୟରେ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଆର୍ଶିବାଦ ଭିକ୍ଷା କରିଛନ୍ତି । ତାଙ୍କ ଜୀବନରେ ସେ ଯେତେକ ଉନ୍ନତିମୂଳକ କାର୍ଯ୍ୟ କରିଛନ୍ତି ସବୁ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଆଶିଷ ବୋଲି ସେ ସେଠାରେ ଉପସ୍ଥିତ ଗଣମାଧ୍ୟମ ପ୍ରତିନିଧିମାନଙ୍କୁ କହିଥିଲେ। ନୂଆ ପଦବୀ ପାଇଁ ସେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ ଅମିତ ଶାହାଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ଓଡ଼ିଶାରେ ବାଲେଶ୍ୱର ତିର୍ତୋଲ ଉପ ନିର୍ବାଚନରେ ବିଜେପି ଜୟଯୁକ୍ତ ହେବ ବୋଲି ସେ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି । ଶ୍ରୀମନ୍ଦିର ଖୋଲିବା ପାଇଁ ଶ୍ରୀମନ୍ଦିର ପ୍ରଶାସ. ରାଜ୍ୟ ସରକାର ଓ କେନ୍ଦ୍ର ସରକାରଙ୍କ ସହିତ ଆଲୋଚନା କରିବେ ବୋଲି କହିଥିଲେ ।

## ଫି ହ୍ରାସ ଦାବିରେ ଉତ୍ତର ଓଡିଶା ବିଶ୍ୱବିଦ୍ୟାଳୟରେ ବିକ୍ଷୋଭ

ବାରିପଦା,୭।୧୦ (ନି.ପ୍ର): ଉତ୍ତର ଓଡିଶା ବିଶ୍ୱବିଦ୍ୟାଳୟରେ ପୁଣି ଛାତ୍ର ଅଶାନ୍ତି ଦେଖାଦେଇଛି । ମହାମାରୀ କରୋନା ସମୟରେ ରିଆଡ଼ମିଶନ ଫି ବୃଦ୍ଧିକୁ ବିରୋଧ କରି ଛାତ୍ର ଛାତ୍ରୀ ମାନେ ବିଶ୍ୱ ବିଦ୍ୟାଳୟ ମୁଖ୍ୟ ଫାଟକ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି । ଫାଟକରେ ତାଲା ପକାଇବା ସହ କର୍ତ୍ତୃପକ୍ଷଙ୍କ ବିରୋଧରେ ନାରା ଦେଇଥିଲେ ଛାତ୍ର ଛାତ୍ରୀ ମାନେ। କରୋନା ମହାମାରୀ ସମୟରେ ଲୋକ ମାନଙ୍କର ଆର୍ଥିକ ମେରୁଦଣ୍ଡ ଭାଙ୍ଗି ପଡିଛି । ଏହା ସହ ଶିକ୍ଷାବ୍ୟବସ୍ଥା ମଧ ସମ୍ପୂର୍ଣ୍ଣ ରୂପେ ବିପର୍ଯ୍ୟସ୍ତ ହୋଇପଡିଛି । ତେବେ ଦୀର୍ଘ ୭ ମାସରୁ ଉର୍ଦ୍ଧ୍ୱ ସମୟରେ ବିଶ୍ୱବିଦ୍ୟାଳୟରେ କୌଣସି କ୍ଲାସ ରୁମ ଶିକ୍ଷାଦାନ ହୋଇନଥିବା ସହ ବିଦ୍ୟୁତ ଓ ଆନୁସଙ୍ଗିକ ଖର୍ଚ୍ଚ ମଧ



ହୋଇନଥିବା ବେଳେ ରିଆଡ଼ମିଶନ ଫି କିଭଳି ଭାବରେ ପୂର୍ବବତ ସମାନ ରଖି ଛାତ୍ରଛାତ୍ରୀଙ୍କ ଠାରୁ ଶୋଷଣ କରାଯାଉଛି ବୋଲି ଛାତ୍ରଛାତ୍ରୀ ମାନେ ଅଭିଯୋଗ କରିଛନ୍ତି । ରିଆଡ଼ମିଶନର ନୋଟିସ ଦିଆଯାଇଥିବା ଥିବା ବେଳେ ରାଜ୍ୟ ବାହାରୁ ଶତାଧିକ ଛାତ୍ର ଛାତ୍ରୀ ଅଳ୍ପ ସମୟରେ ବିଶ୍ୱବିଦ୍ୟାଳୟରେ ଆସି କିଭଳି ଫି ଦାଖଲ କରିବେ ତାହା ମଧ ପ୍ରଶ୍ନ କରିଛନ୍ତି । ବାରମ୍ବାର ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ଦାବି କରୁଥିଲେ ମଧ, କେହି ଶୁଣିବାକୁ ନାରାଜ ବୋଲି ଉତର ଓଡ଼ିଶା ବିଶ୍ୱବିଦ୍ୟାଳୟର ଶିକ୍ଷା ବିଭାଗର ଦ୍ୱିତୀୟ ବର୍ଷର ଛାତ୍ର ଚିତେଶ୍ୱର ବେହେରାଙ୍କ ସମେତ ଅନ୍ୟ ଛାତ୍ରଛାତ୍ରୀ ମାନେ ଅଭିଯୋଗ କରିଛନ୍ତି । ତେବେ ବିଶ୍ୱବିଦ୍ୟାଳୟର ସ୍ନାତକୋତର ବିଭାଗର ଅଧକ୍ଷ ପ୍ରଫେସର ଅନୀଲ କୁମାର ବିଶ୍ୱାଳଙ୍କ କହିବା ଅନୁସାରେ ମହାମାରୀ ସମୟରେ ପୂର୍ବରୁ କୌଣସି ସୂଚନା ନଦେଇ ଛାତ୍ର ଛାତ୍ରୀ ଆନ୍ଦୋଳନ କରିଛନ୍ତି । ୯୮% ଛାତ୍ରଛାତ୍ରୀ ମାନେ ରିଆଡ଼ମିଶନ ଫି ଦାଖଲ କରିସାରିଥିବା ବେଳେ, କିଛି ଛାତ୍ର ଛାତ୍ରୀ ବିରୋଧ କରୁଛନ୍ତି । ତେବେ ରିଆଡ଼ମିଶନ ଶେଷ ସମୟ ସୀମା ୧୦ ତାରିଖରୁ ଅକ୍ଟୋବର ୧୪ ତାରିଖ ପର୍ଯ୍ୟନ୍ତ ଘୁଂଚାଯାଇ ଥିବା କହିଛନ୍ତି।

## କଂଗ୍ରେସ ଦଳ ଅଧିନରେ ଅଖିଳ ଭାରତ କଂଗ୍ରେସ ୱାର୍କର୍ସ କମିଟି ବୋଲି କୌଣସି ସଂଗଠନ ନାହିଁ

ଭୁବନେଶ୍ୱର,୭।୧୦ (ନି.ପ୍ର): ଅଖିଳ ଭାରତ କଂଗ୍ରେସ ୱାର୍କର୍ସ କମିଟି ନାମରେ ବିଭିନ୍ନ ଜିଲ୍ଲାରେ ଲୋକମାନଙ୍କୁ ନିଯୁକ୍ତି ଓ ଦାୟିତ୍ୱ ଦିଆଯାଉଥିବା ଓଡିଶା ପ୍ରଦେଶ କଂଗ୍ରେସ କମିଟିର ନଜରକୁ ଆସିଛି। ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ ଏ ସଂପର୍କରେ ସ୍ପଷ୍ଟୀକରଣ ଦିଆଯାଉଛି କି ଅଖିଳ ଭାରତ କଂଗ୍ରେସ କମିଟି ଅଧିନରେ ସେଭଳି କୌଣସି କଂଗ୍ରେସ ୱାର୍କର୍ସ କମିଟି ନାମରେ ସଂଗଠନ ନାହିଁ। ନିଖିଳ ଭାରତ କଂଗ୍ରେସ କମିଟି ବା ଓଡିଶା ପ୍ରଦେଶ କଂଗ୍ରେସ କମିଟି ଅଧିନରେ ଉପରୋକ୍ତ ସଂଗଠନ ନାହିଁ। ଏହା ଦଳ ମଧରେ ବିଭ୍ରାନ୍ତ ସୃଷ୍ଟି କରିବା ପାଇଁ ଉଦ୍ଦିଷ୍ଟ। କଂଗ୍ରେସ କର୍ମୀମାନେ ଏଥିପ୍ରତି କୌଣସି ଗୁରୁତ୍ୱ ନଦେବାକୁ ପିସିସି କାର୍ଯ୍ୟକାରୀ ସଭାପତି ଶ୍ରୀ ପ୍ରଦୀପ ମାଝୀ ଏକ ପ୍ରେସ ବିବୃତିରେ ପ୍ରକାଶ କରିଛନ୍ତି।

## ସମ୍ବଲପୁରରେ ଗତ ୨୪ ଘଂଟା ମଧ୍ୟରେ ମାସ୍କ ନ ପିନ୍ଧିଥିବାରୁ ୨୭୮ ଜଣଙ୍କ ଠାରୁ ଜୋରିମାନା

ଭୁବନେଶ୍ୱର,୭।୧୦ (ନି.ପ୍ର): ସମ୍ବଲପୁର ପୋଲିସ ଗତ ୨୪ ଘଂଟା ମଧ୍ୟରେ ମାସ୍କ ପିନ୍ଧି ନ ଥିବା ଅଭିଯୋଗରେ ୨୭୮ ଜଣଙ୍କ ଠାରୁ ଜୋରିମାନା ଆଦାୟ କରିଛି । ସମ୍ବଲପୁର ଏସପି ଟ୍ୱିଟ କରି ଏହି ସୂଚନା ଦେଇଛନ୍ତି

## ଦିବ୍ୟାଙ୍ଗ ଘନଶ୍ୟାମଙ୍କୁ ମିଳିଲା ଟ୍ରାଇସାଇକେଲ

ଭଦ୍ରକ, ୭ /୧୦ (ହି.ସ.) - ଏହି ଜିଲାର ବନ୍ତ ବ୍ଲକ ରାମକୃଷ୍ଣପୁର ପଂଚାୟତ ନଈପାରିଗଡିଆ ଗ୍ରାମର ଭିନ୍ନକ୍ଷମ ବ୍ୟକ୍ତି ଘନଶ୍ୟାମ ଯେନା ଦୟନୀୟ ଅବସ୍ଥାରେ ଦିନ କାଟୁଥିବା ବେଳେ ତାଙ୍କୁ ସରକାରୀ ସହାୟତା ମିଳୁନଥିବା ନେଇ ଗତ ୪ ଦିନ ତଳେ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରସାରିତ ହୋଇଥିଲା । ବିଡିଓ ରେବେକା ବିଲୁଙ୍ଗ ସଂପୃକ୍ତ ଦିବ୍ୟାଙ୍ଗଙ୍କ ଘରକୁ ଯାଇ ସମସ୍ୟା ସଂପର୍କରେ ପଚାରି ବୁଝିବା ସହ ସରକାରୀ ସହାୟତା ପ୍ରଦାନ ନେଇ ଆବଶ୍ୟକ କାଗଜ ପତ୍ର ସଂଗ୍ରହ କରିଛନ୍ତି । ଦିବ୍ୟାଙ୍ଗ ପ୍ରମାଣ ପତ୍ର ପାଇଁ ଅନଲାଇନ୍‌ରେ ଆବେଦନ କରାଯାଇଥିବା ବେଳେ କୋଭିଡ୍ କଟକଣା ପାଇଁ ତାହା ତାଙ୍କୁ ମିଳି ପାରି ନାହିଁ । ଏହା ସତ୍ତ୍ୱେ ବିଡିଓ ସଂପୃକ୍ତ ଦିବ୍ୟାଙ୍ଗଙ୍କୁ ଟ୍ରାଇସାଇକେଲ ପ୍ରଦାନ ପାଇଁ ନିର୍ଦ୍ଦେଶ ଦେବା ସହ ଭତା ପାଇବା ପାଇଁ ଚିଠି ନଂ-୨୬୯୩/ତା-୫-୧୦-୨୦ ମୂଳେ ଉପଜିଲ୍ଲାପାଳଙ୍କ ନିକଟକୁ ମଂଜୁର ପାଇଁ ଭତା ଫର୍ମ ପଠାଇଥିବା ସୂଚନା ମିଳିଛି । ବିଡିଓଙ୍କ ନିର୍ଦ୍ଦେଶ କ୍ରମେ ପଂଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ଦେବେନ୍ଦ୍ର ଦଳେଇ ସମିତିସଭ୍ୟାଙ୍କ ଉପସ୍ଥିତିରେ ସଂପୃକ୍ତ ଦିବ୍ୟାଙ୍ଗ ବ୍ୟକ୍ତିଙ୍କ ଘରେ ପହଂଚି ତାଙ୍କୁ ଟ୍ରାଇସାଇକେଲ ପ୍ରଦାନ କରିଥିବା ଜଣାଯାଇଛି । ବ୍ଲକ ସାମାଜିକ ସୁରକ୍ଷା ବିଭାଗ ଦାୟୀତ୍ୱରେ ଥିବା ଅଧିକାରୀ ନିଶାକର ଖୁଂଟିଆ ଭତା ଫର୍ମ ମଂଜୁର ନେଇ ଉପଜିଲାପାଳ ଅଫିସ ଯାଇଥିବା ସୂଚନା ମିଳିଛି । ପ୍ରକାଶ ଥାଉକି, ଦୀର୍ଘ ୧ ବର୍ଷ ହେବ ଘନଶ୍ୟାମ ଟି.ବି, ଡାଇବେଟିସ୍, ଗ୍ୟାଷ୍ଟିକ୍, ପାରାଲିସିସ ଆଦି ବିଭିନ୍ନ ରୋଗରେ ପିଡିତ ହୋଇ ଶର୍ଯ୍ୟାଶାୟୀ ଥିଲେ । ଏବେ ଠିକ୍ ଭାବେ ଚାଲି ପାରୁନାହାନ୍ତି । ବାଡି ତାଙ୍କ ପାଇଁ ଆଶ୍ରା ହୋଇଛି । ମୁଣ୍ଡ ଗୁଞ୍ଜିବା ପାଇଁ ଘର ଖଣ୍ଡିଏ ନାହିଁ । ତାଙ୍କର ପତ୍ନୀ ସମେତ ୮ ବର୍ଷର ଝିଅ ଓ ୨ ବର୍ଷର ପୁଅ ଅଛି । ସରକାରୀ ସହାୟତା କହିଲେ କେବଳ ଚାଉଳ ମୁଠାଏ ପାଉଛନ୍ତି । ଜମିବାଡି ନଥିବାରୁ ପରିବାର ଚଳାଇବା ତାଙ୍କ ପାଇଁ କଷ୍ଟକର ହୋଇପଡିଛି । ଫଳରେ ବିଭିନ୍ନ ବଜାର ବୁଲି ଭିକ୍ଷାବୃତି କରି ପରିବାର ଚଳାଉଛନ୍ତି । ଅଧିକାଂଶ ସମୟ ଭୋକ ଉପାସରେ ଦିନ କଟୁଛି ।

## ଓଡ଼ିଶା ବିଶ୍ୱବିଦ୍ୟାଳୟ ସଂଶୋଧନ ଆଇନ -୨୦୨୦ ପ୍ରତ୍ୟାହାର ଦାବିରେ ମିଳିତ ଛାତ୍ର ବିକ୍ଷୋଭ

ଭୁବନେଶ୍ୱର,୭।୧୦ (ନି.ପ୍ର): ଗତକାଲି ଓଡ଼ିଶା ବିଧାନସଭାରେ ବିରୋଧି ବିଧାୟକମାନଙ୍କ ପ୍ରବଳ ପ୍ରତିରୋଧ ସତ୍ତ୍ୱେ ଓଡ଼ିଶା ବିଶ୍ୱବିଦ୍ୟାଳୟ ସଂଶୋଧନ ବିଲ୍ ପାରିତ କରାଯାଇଛି। ଏହି କଳା ଆଇନ୍ ପ୍ରତ୍ୟାହାର ଦାବିରେ ଏ.ଆଇ.ଏସ୍.ଏଫ୍, ଏ.ଆଇ.ଏସ୍.ଏ. ଓ ଏସ୍.ଏଫ୍.ଆଇ. ପକ୍ଷରୁ ମିଳିତ ଭାବେ ଓଡ଼ିଶା ବିଧାନସଭା ସମ୍ମୁଖରେ ବିଲ୍‌ର ଏକ ନକଲ ଜଳାଇ ପ୍ରତିବାଦ କରାଯାଇଛି । ଏହି ଆଇନ୍‌ରେ ବିଶ୍ୱବିଦ୍ୟାଳୟ ଆଇନ୍ ୧୯୮୯କୁ ପରିବର୍ତ୍ତନ କରି ବିଶ୍ୱବିଦ୍ୟାଳୟର କୁଳପତି ଚୟନ କମିଟିରେ ସିଣ୍ଡିକେଟ୍ ଦ୍ୱାରା ମନୋନୀତ ଜଣେ ପ୍ରତିନିଧି ରହିବାର ବ୍ୟବସ୍ଥା ହଟାଇ ରାଜ୍ୟ ସରକାରଙ୍କ ପ୍ରତିନିଧି ରହିବା, ଶିକ୍ଷକ ଚୟନ ପ୍ରକ୍ରିୟା ଓଡ଼ିଶା ପବ୍ଲିକ୍ ସର୍ଭିସ୍ କମିଶନ ହାତରେ ନ୍ୟସ୍ତ କରିବା, ସିନେଟ୍‌କୁ ସମ୍ପୂର୍ଣ୍ଣ ଉଚ୍ଛେଦ କରିବା ଓ ବିଶ୍ୱବିଦ୍ୟାଳୟ ଅଡିଟ୍ ରିପୋର୍ଟ ବିଧାନସଭାରେ ଆଲୋଚନା ନ କରାଯାଇ ଇଣ୍ଟରନେଟ୍‌ରେ ଉପଲବ୍ଧ କରାଇବା ଆଦି ବ୍ୟବସ୍ଥା କରାଯାଇଛି ।




ରେଭେନ୍ସା ବିଶ୍ୱବିଦ୍ୟାଳୟ ଆଇନ୍ ୨୦୦୫କୁ ମଧ ସମ୍ପୂର୍ଣ୍ଣ ବାତିଲ୍ କରାଯାଇଛି । ଶିକ୍ଷକ ସମାଜ, ଛାତ୍ର ସଂଗଠନ, ଶିକ୍ଷାବିତ୍ ଓ ବୁଦ୍ଧିଜୀବୀଙ୍କ ବିରୋଧ ସତ୍ତ୍ୱେ ମହାମାରୀ ସମୟରେ ଏଭଳି ଅଗଣତାନ୍ତ୍ରିକ ପ୍ରକ୍ରିୟାରେ ବିଶ୍ୱବିଦ୍ୟାଳୟ ଶିକ୍ଷା ଭଳି ଗୁରୁତ୍ୱପୂର୍ଣ୍ଣ ବିଷୟରେ ଏଭଳି କଳା ଆଇନ୍ ପ୍ରଣୟନ କରାଯିବା ଅତ୍ୟନ୍ତ ନିନ୍ଦନୀୟ । ଏହି କଳ ଆଇନ୍ ବିଶ୍ୱବିଦ୍ୟାଳୟର ସ୍ୱାୟତ୍ତତାକୁ ସମ୍ପୂର୍ଣ୍ଣ ଧ୍ୱଂସ କରିବା ସହ ଶିକ୍ଷାର ବ୍ୟବସାୟୀକରଣ, ଘରୋଇକରଣ ଓ ସାମ୍ପ୍ରଦାୟିକକରଣ ଦ୍ୱାରକୁ ଉନ୍ମୁକ୍ତ କରିବା ଉଦ୍ଦିଷ୍ଟ । ଏହି କଳା ଆଇନ୍ ମହାମାନ୍ୟ ରାଜ୍ୟପାଳ ଅନୁମୋଦନ ନ କରିବା ପାଇଁ ଆସନ୍ତା ଅକ୍ଟୋବର ୧୨ ତାରିଖରେ ରାଜଭବନ ସମ୍ମୁଖରେ ମିଳିତ ଛାତ୍ର ବିକ୍ଷୋଭ ଅନୁଷ୍ଠିତ ହେବ ବୋଲି ସୂଚନା ଦିଆଯାଇଛି । ଆଜିର ଏହି କାର୍ଯ୍ୟକ୍ରମରେ ଏ.ଆଇ.ଏସ୍.ଏଫ୍‌ର ରାଜ୍ୟ ସଭାପତି ସଂଘମିତ୍ରା ଜେନା, ବିବେକ କ୍ରିଷ୍ଣା, ଆକାଂକ୍ଷା ପରିଡ଼ା, ଅମିତ ବରାଳ, ଅଙ୍କିତା ପରିଡ଼ା, ଅନୁପମା ସେଠୀ, ମିର୍ଜାତୋହିଦ୍ ବେଗ୍, ମସ୍ତକ ସୁନାନି, ସୁବାଷ ସ୍ୱାଇଁ, ନୀଳକଣ୍ଠ ନାୟକ, ଅଭିଷେକ ବାଗ, ଏ.ଆଇ.ଏସ୍.ଏ.ର କେନ୍ଦ୍ର କମିଟି ସଦସ୍ୟ ଶଶିକାନ୍ତ ରଣସିଂହ, ସୁକାନ୍ତ ବେହେରା ଓ ରାଜୁ ମେହେର ଏବଂଏସ୍.ଏଫ୍.ଆଇର ପୂର୍ବତନ ଛାତ୍ର ନେତା ଯତିନ୍ ମହାନ୍ତି, ସରୋଜ ନାୟକ ଓ ପ୍ରଭାତ ପାଣିଗ୍ରାହୀ ଏବଂ ଓଡ଼ିଶା ଯୁବ ଛାତ୍ର ସଂଯୋଜକ ମାନସ ପଟ୍ଟନାୟକ ପ୍ରମୁଖ ଉଦ୍‌ବୋଧନ ଦେଇଥିଲେ ।

## କରୋନାରୁ ସୁସ୍ଥ ହେଲେଣି ୨ ଲକ୍ଷ ୧୩ ହଜାର

ଭୁବନେଶ୍ୱର,୭।୧୦ (ନି.ପ୍ର): କରୋନାରୁ ବୁଧବାର ୩୪୫୫ ଜଣ ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି। ଏଥି ସହିତ ରାଜ୍ୟରେ କରୋନାରୁ ସୁସ୍ଥ ହୋଇଥିବା ଆକ୍ରାନ୍ତଙ୍କ ସଂଖ୍ୟା ୨ ,୧୩ ,୬୭୨କୁ ବୃଦ୍ଧି ପାଇଛି । ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ତରଫରୁ ଟୁଇଟ୍ କରି ଏହି ସୂଚନା ଦିଆଯାଇଛି। ସୂଚନା ଅନୁସାରେ ଖୋର୍ଦ୍ଧା ଜିଲ୍ଲାରୁ ଆଜି ସର୍ବାଧିକ ୫୭୧ ଜଣ କରୋନା ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି। କଟକ ଜିଲ୍ଲାରୁ ୨୯୨ ଜଣ, ପୁରୀ ଜିଲ୍ଲାରୁ ୨୫୪ ଜଣ, ଅନୁଗୁଳ ଜିଲ୍ଲାରୁ ୧୭୫ ଜଣ, ଯାଜପୁର ଜିଲ୍ଲାରୁ ୧୬୬ ଜଣ, ବରଗଡ଼ ଜିଲ୍ଲାରୁ ୧୩୩ ଜଣ, ମୟୂରଭଂଜ ଜିଲ୍ଲାରୁ ୧୨୬ ଜଣ, ବାଲେଶ୍ୱର ଜିଲ୍ଲାରୁ ୧୨୦ ଜଣ, ସମ୍ବଲପୁର ଜିଲ୍ଲାରୁ ୧୧୬ ଜଣ, ବଲାଙ୍ଗୀର ଜିଲ୍ଲାରୁ ୧୦୪ ଜଣ ଓ କେନ୍ଦୁଝର ଜିଲ୍ଲାରୁ ୧୦୧ ଜଣ କରୋନା ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି। ସେହିପରି କେନ୍ଦ୍ରାପଡ଼ା ଜିଲ୍ଲାରୁ ୯୯ ଜଣ, ଜଗତସିଂହପୁର, ଝାରସୁଗୁଡ଼ା ଜିଲ୍ଲାରୁ ୮୪ ଜଣ ଲେଖାଏଁ, ନୂଆପଡ଼ା ଜିଲ୍ଲାରୁ ୭୨ ଜଣ, ନବରଂଗପୁର ଜିଲ୍ଲାରୁ ୭୧ ଜଣ, ନୟାଗଡ଼ ଜିଲ୍ଲାରୁ ୭୦ ଜଣ, ଢେଙ୍କାନାଳ, କନ୍ଧମାଳ ଜିଲ୍ଲାରୁ ୬୧ ଜଣ ଲେଖାଏଁ, ମାଲକାନଗିରି ଜିଲ୍ଲାରୁ ୫୮ ଜଣ, ଭଦ୍ରକ, ସୁବର୍ଣ୍ଣପୁର ଜିଲ୍ଲାରୁ ୫୬ ଜଣ ଲେଖାଏଁ, ସୁନ୍ଦରଗଡ଼ ଜିଲ୍ଲାରୁ ୫୪ ଜଣ, କଳାହାଣ୍ଡି, ରାୟଗଡ଼ା ଜିଲ୍ଲାରୁ ୪୧ ଜଣ ଲେଖାଏଁ, କୋରାପୁଟ ଜିଲ୍ଲାରୁ ୩୫ ଜଣ, ଗଂଜାମ ଜିଲ୍ଲାରୁ ୩୪ ଜଣ, ଗଜପତି ଜିଲ୍ଲାରୁ ୩୩ ଜଣ, ବୌଦ୍ଧ ଜିଲ୍ଲାରୁ ୩୧ ଜଣ, ଦେବଗଡ଼ ଜିଲ୍ଲାରୁ ୧୩ ଜଣ ଓ ଷ୍ଟେଟ ପୁଲରୁ ୨୪୩ ଜଣ କରୋନା ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି।

## ଆଇନଜୀବୀ ପ୍ରସନ୍ନ କୁମାର ପାଢୀ ସହକାରୀ ସଲିସିଟର ଜେନେରାଲ ନିଯୁକ୍ତ

ଭୁବନେଶ୍ୱର,୭।୧୦ (ନି.ପ୍ର): ଆଇନଜୀବୀ ପ୍ରସନ୍ନ କୁମାର ପାଢୀ ଓଡ଼ିଶା ହାଇକୋର୍ଟ ପାଇଁ ନୂଆ ସହକାରୀ ସଲିସିଟର ଜେନେରାଲ ଭାବେ ନିଯୁକ୍ତି ପାଇଛନ୍ତି। ଆଗାମୀ ୩ ବର୍ଷ ପର୍ଯ୍ୟନ୍ତ ସେ ଏଏସଜି ଦାୟିତ୍ୱରେ ରହିବେ। କେନ୍ଦ୍ର ଆଇନ୍ ମନ୍ତ୍ରାଳୟ ପକ୍ଷରୁ ଏ ନେଇ ବିଜ୍ଞପ୍ତି ପ୍ରକାଶ ପାଇଛି।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

## ଗୋଟିଏ ଦିନରେ .......

ସେହିପରି ଦେବଗଡ ଜିଲ୍ଲାରେ ୨୦. ଢେଙ୍କାନାଳ ଜିଲ୍ଲାରେ ୬୮, ଗଜପତି ଜିଲ୍ଲାରେ ୭, ଗଂଜାମ ଜିଲ୍ଲାରେ ୪୭, ଜଗତସିଂହପୁର ଜିଲ୍ଲାରେ ୬୨, ଯାଜପୁର ଜିଲ୍ଲାରେ ୯୦. ଝାରସୁଗୁଡା ଜିଲ୍ଲାରେ ୬୪, କଳାହାଣ୍ଡି ଜିଲ୍ଲାରେ ୬୩, କନ୍ଧମାଳ ଜିଲ୍ଲାରେ ୪୩, କେନ୍ଦ୍ରାପଡା ଜିଲ୍ଲାରେ ୧୩୫,କେନ୍ଦୁଝର ଜିଲ୍ଲାରେ ୬୧ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ସେହିପରି କୋରାପୁଟ ଜିଲ୍ଲାରେ ୪୩ ଜଣ, ମାଲକାନଗିରି ଜିଲ୍ଲାରେ ୮୨ , ମୟୁରଭଂଜ ଜିଲ୍ଲାରେ ୯୨ ନବରଙ୍ଗପୁରରେ ୬୭, ନୟାଗଡ ଜିଲ୍ଲାରେ ୪୪, ନୂଆପଡା ଜିଲ୍ଲାରେ ୭୪, ପୁରୀ ଜିଲ୍ଲାରେ ୧୪୫, ରାୟଗଡା ଜିଲ୍ଲାରେ ୧୭, ସମ୍ବଲପୁର ଜିଲ୍ଲାରେ ୧୩୮ ,ସୋନପୁର ଜିଲ୍ଲାରେ ୮୭ ତଥା ସୁନ୍ଦରଗଡ ଜିଲ୍ଲାରେ ୧୦୧ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ରାଜ୍ୟ ପୁଲରେ ୨୦୨ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି ।

## କେନ୍ଦ୍ର କ୍ୟାବିନେଟ୍ ନିଷ୍ପତ୍ତି....

ଡାରେକ୍ଟର ଜେନେରାଲ ଅଫ୍ ହାଇଡ୍ରୋକାର୍ବନ ଏହି ଇଂ-ବିଡି ପ୍ଲାଟଫର୍ମକୁ ଉତ୍ପାଦନକାରୀ ସଂସ୍ଥାଙ୍କ ସାମ୍ନାରେ ଆଣିବେ ଏବଂ ଏଥିରେ ସରକାରୀ, କ୍ରେଡେବୁଲ ପ୍ଲାଟଫର୍ମ ହେବ, ନିୟମାବଳୀ ଜାରୀ କରାଯିବ ଓ ସୁବିଧା ନିମନ୍ତେ ଆନୁଷାଙ୍ଗିକ ବ୍ୟବସ୍ଥା ରଖାଯିବ । ଉତ୍ପାଦନକାରୀ ସଂସ୍ଥାଙ୍କ ହାତରେ ପ୍ଲାଟଫର୍ମ ଚୟନ କରିବାର ସ୍ୱାଧୀନତା ରହିବ ବୋଲି ଶ୍ରୀ ପ୍ରଧାନ କହିଛନ୍ତି । ପ୍ରାକୃତିକ ଗ୍ୟାସ ମାର୍କେଟିଂ ସଂସ୍କାର ଅନ୍ୱେଷଣ ଓ ଉତ୍ପାଦନ କ୍ଷେତ୍ର(ଇ ଆଣ୍ଡ ପି)ରେ ଥିବା ପ୍ରତିବନ୍ଧକକୁ ଦୂର କରିବ । ଏହି ଇ-ବିଡ଼ିଂ ପ୍ରକ୍ରିୟାରେ ଆଫିଲିଏଟ୍ କମ୍ପାନୀ ଗୁଡ଼ିକ ଅଂଶୀଦାର ହୋଇପାରିବେ । ଭାରତର ଅଶୋଧିତ ତୈଳ ଆମଦାନୀର ନିର୍ଭରତାକୁ ହ୍ରାସ କରିବାର ଉଦ୍ଦେଶ୍ୟକୁ ପୂରଣ କରିବ । ଏହି ନୀତି ଗ୍ୟାସ ମାର୍କେଟିଂରେ ସହାୟକ ହେବ ଏବଂ ଅଧିକ ପ୍ରତିଯୋଗିତାକୁ ପ୍ରୋତ୍ସାହନ ଦେବ । ଗ୍ୟାସ କ୍ଷେତ୍ରରେ ଅଣାଯାଇଥିବା ଏହି ସଂସ୍କାର ଦେଶର ଆର୍ଥିକ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବ । ଏହାସହ ଇଜ୍ ଅଫ୍ ଡୁଇଂ ବିଜନେସକୁ ଅଧିକ ଦୃଷ୍ଟିରେ ରଖାଯାଇ ଅଣାଯାଇଥିବା ନୀତି ପ୍ରାକୃତିକ ଗ୍ୟାସର ମାର୍କେଟିଂ ଓ ଭିତିଭୂମିକୁ ଅଧିକ ସ୍ୱଚ୍ଛ କରିବ । ପ୍ରାକୃତିକ ଗ୍ୟାସର ଘରୋଇ ଉତ୍ପାଦନରେ ପୁଞ୍ଜିନିବେଶ ବୃଦ୍ଧି ଏବଂ ଆମଦାନୀ ଉପରେ ନିର୍ଭରଶୀଳତାକୁ ହ୍ରାସ କରି ଆତ୍ମନିର୍ଭର ଭାରତ ଦିଗରେ ଏହି ସଂସ୍କାର ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ବୋଲି ସେ କହିଛନ୍ତି ।

## ସହିଦ୍ କୋଭିଡ ଯୋଦ୍ଧାଙ୍କ...

ଏତ୍‌ଦବ୍ୟତିତ ଆଂଟି ଭାଇରାଲ ଔଷଧ ସଂପର୍କରେ ବ୍ୟାପକ ସଚେତନତା ଉପରେ ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ଦେଇଥିଲେ । ବର୍ତମାନ ରାଜ୍ୟରେ ଆରୋଗ୍ୟଙ୍କ ସଂଖ୍ୟା ୨ ଲକ୍ଷରୁ ଅଧିକ ହୋଇଥିବାରୁ ମୁଖ୍ୟମନ୍ତ୍ରୀ ସନ୍ତୋଷ ପ୍ରକାଶ କରିଥିଲେ । ଜାତୀୟ ଆରୋଗ୍ୟ ହାର ୮୫ ପ୍ରତିଶତ ଥିବାବେଳେ ରାଜ୍ୟରେ ଆରୋଗ୍ୟ ହାର ୮୯ ପ୍ରତିଶତ ପହଂଚିଛି ବୋଲି ଜଣାଯାଇଛି। ରାଜ୍ୟରେ ଗତ ୮ ମାସ ଭିତରେ ୩୬ ଲକ୍ଷ ଟେଷ୍ଟ କରାଯାଇଥିବା ବେଳେ ତନ୍ମଧ୍ୟରୁ ୬.୭୫ ପ୍ରତିଶତ ପଜିଟିଭ କେସ୍ ବାହାରିଛି । ଆଗକୁ ପୂଜା ଋତୁ ଆସୁଥିବାରୁ ଅଧିକ ସତର୍କ ରହିବା ସହିତ କୋଭିଡ ନିୟମାବଳୀକୁ କଡିକଡି ଭାବରେ ପାଳନ କରିବାକୁ ଜନସାଧାରଣଙ୍କୁ ମୁଖ୍ୟମନ୍ତ୍ରୀ ଅନୁରୋଧ କରିଥିଲେ। ଏତଦ୍ ବ୍ୟତୀତ କୋଭିଡ ନିୟମାବଳୀ ଏବଂ ଔଷଧ ସେବନ ସଂକ୍ରାନ୍ତରେ ନିୟମିତ ସଚେତନତା ଅଭିଯାନ ଜାରି ରଖିବା ପାଇଁ ମୁଖ୍ୟମନ୍ତ୍ରୀ ପ୍ରଶାସନକୁ ପରାମର୍ଶ ଦେଇଥିଲେ। ପୋଲିସ କର୍ମଚାରୀମାନେ ଅଧିକ ସଂଖ୍ୟାରେ ପ୍ଲାଜମା ଦାନ କରିବା ପାଇଁ ଆଗେଇ ଆସୁଥିବାରୁ ମୁଖ୍ୟମନ୍ତ୍ରୀ ସେମାନଙ୍କୁ ଉଚ୍ଚପ୍ରଶଂସା କରିଥିଲେ। ମୋ ସରକାରରେ ଲୋକଙ୍କ ଠାରୁ ନିଆଯାଇଥିବା ଫିଡବ୍ୟାକ୍ ଅନୁଯାୟୀ ଟେଷ୍ଟିଂ, ଟେଷ୍ଟିଂ ରିପୋର୍ଟ, ରୋଗୀଙ୍କୁ ସୂଚନା ଏବଂ ସେମାନଙ୍କୁ ଚିକିତ୍ସା ଯୋଗାଇ ଦେବା ବ୍ୟବସ୍ଥାକୁ ଆହୁରି ଦକ୍ଷତାର ସହ କାର୍ଯ୍ୟକାରୀ କରିବା ପାଇଁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ। କୋଭିଡ ପରିଚାଳନା ସଂପର୍କରେ ବିସ୍ତୃତ ସୂଚନା ଦେଇ ମୁଖ୍ୟ ଶାସନ ସଚିବ ଶ୍ରୀ ଅସିତ ତ୍ରିପାଠୀ କହିଥିଲେ ଯେ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ କ୍ରମେ ଗୃହ ସଂଗରୋଧରେ ଥିବା ରୋଗୀ ମାନଙ୍କର ତଦାରଖ ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରାଯିବ। କଟକ, ପୁରୀ ଓ ଭୁବନେଶ୍ୱରରେ ଏକ ଲକ୍ଷ ଆଂଟି ଭାଇରାଲ ମେଡିସିନ୍ ଦିଆଯାଇଛି ଏବଂ ଡାକ୍ତରଙ୍କ ତତ୍ତ୍ୱାବଧାନରେ ଏହା ରୋଗୀଙ୍କୁ ଦିଆଯିବ । ସ୍ୱାସ୍ଥ୍ୟ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀ ପି.କେ ମହାପାତ୍ର କହିଥିଲେ ଯେ ରାଜ୍ୟରେ ମୃତ୍ୟୁ ହାର ୦.୪ ପ୍ରତିଶତ ରହିଛି ଯାହାକି ଭାରତର ସବୁ ବଡ ରାଜ୍ୟ ମାନଙ୍କ ମଧ୍ୟରେ ସର୍ବୋତମ ସୂଚକାଙ୍କ। ସେହିପରି ସୁସ୍ଥତା ହାରରେ ମଧ୍ୟ ଓଡିଶା ଦେଶର ରାଜ୍ୟ ମାନଙ୍କ ମଧ୍ୟରେ ଷଷ୍ଠ ସ୍ଥାନରେ ରହିଛି। ପୋଲିସ ମହାନିର୍ଦ୍ଦେଶକ ଶ୍ରୀ ଅଭୟ କହିଥିଲେ ଯେ ବର୍ତମାନ ପୋଲିସ କର୍ମଚାରୀମାନଙ୍କ ଦ୍ୱାରା ପ୍ଲାଜମା ଦାନ ଅଧିକ ପରିମାଣରେ କରାଯାଉଛି ଏବଂ ପୋଲିସ କର୍ମଚାରୀଙ୍କ ମଧ୍ୟରେ ସଂକ୍ରମଣ ମଧ୍ୟ କମୁଛି ବୋଲି ସେ ସୂଚନା ଦେଇଥିଲେ । ସୂଚନା ଓ ଲୋକସଂପର୍କ ବିଭାଗ ସଚିବ ଶ୍ରୀ ସଂଜୟ ସିଂହ କହିଲେ ଯେ ସୂଚନା ଓ ଲୋକସଂପର୍କ ବିଭାଗ ଏବଂ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ମିଳିତ ଭାବରେ ଗୃହ ସଂଗରୋଧ ଏବଂ ଆଂଟି ଭାଇରାଲ ଡ୍ରଗ୍ ଥେରାପୀ ପାଇଁ ଏକ ସ୍ୱତନ୍ତ୍ର ପ୍ରଚାର ଅଭିଯାନ କରାଯାଇଛି। ବିଭିନ୍ନ ଟେଲିଭିଜନ ଚ୍ୟାନେଲ, ରେଡିଓ ତଥା ସ୍ଥାନୀୟ ଚ୍ୟାନେଲ ମାନଙ୍କ ଜରିଆରେ ଏହାର ପ୍ରଚାର ପ୍ରସାର କରାଯାଉଛି। ଏହାସହିତ ୪୦ଟି ୱେବ୍ ଚ୍ୟାନେଲ୍ ଏବଂ ଉଭୟ ବିଭାଗର ସାମାଜିକ ଗଣମାଧ୍ୟମ ଜରିଆରେ ମଧ୍ୟ ଏହାର ପ୍ରଚାର କରାଯାଉଛି । ଏହି ବୈଠକରେ ଉନ୍ନୟନ କମିଶନର, ସ୍ୱତନ୍ତ୍ର ରିଲିଫ କମିଶନର ଓ ମୁଖ୍ୟମନ୍ତ୍ରୀଙ୍କ ସଚିବ (୫-ଟି) ଶ୍ରୀ ଭି.କେ. ପାଣ୍ଡିଆନ ପ୍ରମୁଖ ଉପସ୍ଥିତ ଥିଲେ ।

## ଫାଭିପିରାଭିର୍ ଥେରାପିର...

ୱେବିନାର ଆୟୋଜନ ନିମନ୍ତେ ପରାମର୍ଶ ଦେଇଛନ୍ତି । ଆଜିଠାରୁ ୱେବିନାର ଆରମ୍ଭ କରିବା ପାଇଁ ସ୍ଥିର କରାଯାଇଛି । ଅତିରିକ୍ତ ମୁଖ୍ୟ ଶାସନ ସଚିବ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଶ୍ରୀ ପ୍ରଦୀପ୍ତ କୁମାର ମହାପାତ୍ର, ଅତିରିକ୍ତ ମୁଖ୍ୟ ଶାସନ ସଚିବ ତଥା ସ୍ୱତନ୍ତ୍ର ରିଲିଫ୍ କମିଶନର ଶ୍ରୀ ପ୍ରଦୀପ କୁମାର ଜେନା, ପ୍ରମୁଖ ଶାସନ ସଚିବ ତ ଥା କୋଭିଡ୍ ପର୍ଯ୍ୟବେ କ୍ଷକ ଶ୍ରୀ ମତୀ ଅନୁ ଗର୍ଗ, ସୂଚନା ଓ ଲୋକ ସଂପର୍କ ବିଭାଗର କମିଶନର ତଥା ଶାସନ ସଚିବ ଶ୍ରୀ ସଂଜୟ କୁମାର ସିଂ, ଇଲେକ୍‌ଟ୍ରୋନିକ୍ସ ଓ ସୂଚନାପ୍ରଯୁକ୍ତି ବିଭାଗର ସଚିବ ଶ୍ରୀ ମନୋଜ କୁମାର ମିଶ୍ରଙ୍କ ସମେତ ଭୁବନେଶ୍ୱର ମହାନଗର ନିଗମ, କଟକ ମହାନଗର ନିଗମର କମିଶନର ଏବଂ ପୁରୀ ଜିଲ୍ଲାପାଳ ବୈଠକରେ ଅଂଶଗ୍ରହଣ କରିଥିଲେ ।

## ପଦ୍ମ ଧରିଲେ ସଦର ବ୍ଲକ ଅଧ୍ୟକ୍ଷ...

ଆୟୋଜିତ ମିଶ୍ରଣ ପର୍ବରେ ଦଳର ରାଷ୍ଟ୍ରୀୟ ସମ୍ପାଦକ ତଥା ମୟୂରଭଂଜ ସାଂସଦ ବିଶେଶ୍ୱର ଟୁଡୁ ସଦର ବ୍ଲକ ଅଧ୍ୟକ୍ଷ ଶ୍ରୀ ପ୍ରଧାନଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ ସହ ଦଳୀୟ ଉତ୍ତରୀୟ ପିନ୍ଧାଇ ସ୍ୱାଗତ କରିଥିଲେ। ଶ୍ରୀ ପ୍ରଧାନଙ୍କ ଦଳକୁ ଫେରିବା ଆଗାମୀ ନିର୍ବାଚନକୁ ବେଶ୍ ପ୍ରଭାବିତ କରିବ ବୋଲି ଶ୍ରୀ ଟୁଡୁ ଆଶା ପ୍ରକାଶ କରିଥିଲେ। କେନ୍ଦ୍ରମନ୍ତ୍ରୀ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ବିଜେପି ରାଜ୍ୟ ସଭାପତି ସମୀର ମହାନ୍ତି ଓ ଜିଲ୍ଲା ପ୍ରଭାରୀ ଗୋଲାକ ମହାପାତ୍ର ପ୍ରମୁଖ ଭିଡିଓ କନ୍‌ଫେରେନସିଂ ମାଧ୍ୟମରେ ଶ୍ରୀ ପ୍ରଧାନଙ୍କୁ ସ୍ୱାଗତ କରିବା ସହିତ ତାଙ୍କର ଘର ବାହୁଡ଼ା ଚଳିତ ଉପ-ନିର୍ବାଚନରେ ଦଳୀୟ ବିଜୟକୁ ନିଶ୍ଚିତ କରିବ ବୋଲି ସେମାନେ ଆଶା ପ୍ରକାଶ କରିଥିଲେ। ପ୍ରଧାନମନ୍ତ୍ରୀଙ୍କ ନୀତି ଆଦର୍ଶରେ ଆନୁପ୍ରାଣୀତ ସହ ବିଜେଡିର ଗୋଷ୍ଠୀ କନ୍ଦଳରେ ଅଣନିଶ୍ୱାସୀ ହୋଇ ସେ ବିଜେପିକୁ ଫେରିଥିବା ଶ୍ରୀ ପ୍ରଧାନ ପ୍ରକାଶ କରିଛନ୍ତି। ଆଗାମୀ ଦିନରେ ସଦର ନିର୍ବାଚନମଣ୍ଡଳୀର ବହୁ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟ ଓ ୱାର୍ଡ଼ସଭ୍ୟମାନେ ମଧ୍ୟ ବିଜେପିରେ ଯୋଗଦେବେ ବୋଲି ଶ୍ରୀ ପ୍ରଧାନ ସୂଚନା ଦେଇଛନ୍ତି। ଶ୍ରୀ ପ୍ରଧାନଙ୍କର ବିଜେପିରେ ଯୋଗଦାନକୁ ନେଇ ସଦର ନିର୍ବାଚନମଣ୍ଡଳୀର ସଂଯୋଜକ ତଥା ଆସନ୍ତା ଉପ-ନିର୍ବାଚନରେ ସମ୍ଭାବ୍ୟ ପ୍ରାର୍ଥୀ ମାନସ ଦତ୍ତ ବେଶ୍ ସନ୍ତୋଷ ପ୍ରକାଶ କରିଛନ୍ତି। ଶ୍ରୀ ପ୍ରଧାନଙ୍କ ସହ ତାଙ୍କର ଅନୁଗାମୀ ଓ ସହଯୋଗୀଙ୍କ ଆଗମନରେ ବିଜେପି ସଂଗଠନ ଆହୁରି ସୁଦୃଢ଼ ହେବ ଏବଂ ଉପ-ନିର୍ବାଚନରେ ଦଳୀୟ ପ୍ରାର୍ଥୀଙ୍କୁ ବିଜୟୀ କରିବ ବୋଲି ସେ ଆଶା ପ୍ରକାଶ କରିଛନ୍ତି। ବିଜେପି ଜିଲ୍ଲା ସଭାପତି ଉମାକାନ୍ତ ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ କର୍ଯ୍ୟକ୍ରମରେ ବିଜେପି ରାଜ୍ୟ ସମ୍ପାଦିକା ସିପ୍ରା ବାଜପେୟୀ, ପୂର୍ବତନ ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଅଜୟ ମିଶ୍ର, ଜିଲ୍ଲା ମିଡିଆ ସଂଯୋଜକ ଶ୍ରୀନିବାସ ପ୍ରଧାନ, ସଦର ନିର୍ବାଚନମଣ୍ଡଳୀ ପ୍ରଭାରୀ ଚନ୍ଦ୍ରଶେଖର ନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ।

## ବିଜେଡ଼ିର ମହାମିଶ୍ରଣ ପର୍ବ ...

ନିର୍ବାଚନମଣ୍ଡଳୀ ନୁହେଁ ବରଂ ସମଗ୍ର ଜିଲ୍ଲାର ବିଜେଡି ସଂଗଠନ ଶକ୍ତିଶାଳୀ ହୋଇପାରିଛି ବୋଲି କହିଥିଲେ। ଏହି ମହାମିଶ୍ରଣ ଚଳିତ ସଦର ଉପ-ନିର୍ବାଚନର ବିଜେଡି ପ୍ରାର୍ଥୀଙ୍କ ବିଜୟକୁ ନିଶ୍ଚିତ କରିଛି ବୋଲି ସେ ମତ ପ୍ରକାଶ କରିଥିଲେ। ତେବେ ଦଳୀୟ କର୍ମକର୍ତ୍ତା ଓ ସଦସ୍ୟମାନେ ଏକମନ ହୋଇ ସାଗଠନିକ କାର୍ଯ୍ୟକୁ ଆଗେଇ ନେବା ପାଇଁ ସଭାପତି ଶ୍ରୀ ଜେନା ସମସ୍ତଙ୍କୁ ଆହ୍ୱାନ ଦେଇଥିଲେ। ବିଜେଡି ରାଜ୍ୟ ସାଧାରଣ ସମ୍ପାଦକ ତଥା ଓଡ଼ିଶାର ଅନ୍ୟତମ କ୍ଷମତା କେନ୍ଦ୍ର ପ୍ରଣବ ପ୍ରକାଶ ଦାସ, ଆଇନ୍ ମନ୍ତ୍ରୀ ତଥା ବାଲେଶ୍ୱର ଜିଲ୍ଲା ବିଜେଡି ପର୍ଯ୍ୟବେକ୍ଷକ ପ୍ରତାପ ଜେନା, ପୂର୍ବତନ ମନ୍ତ୍ରୀ ପ୍ରତାପ ଦେବ ଓ ଦେବୀ ପ୍ରସାଦ ମିଶ୍ର ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ଶ୍ରୀ ଦେଙ୍କ ଭଳି ପ୍ରବୀଣ ରାଜନୀତିଜ୍ଞଙ୍କ ବିଜେଡିରେ ଯୋଗଦାନ ଦଳ ପାଇଁ ଅତ୍ୟନ୍ତ ଖୁସୀର ବିଷୟ ବୋଲି କହିଥିଲେ। ରାଜନୀତିରେ ତାଙ୍କର ଦୀର୍ଘ ଦିନର ଅଭିଜ୍ଞତା ଓ ଅନୁଭୁତି ଦଳୀୟ ସଂଗଠନକୁ ସୁଦୃଢ଼ କରିବା ସହ ବାଲେଶ୍ୱର ବିକାଶକୁ ତ୍ୱରାନ୍ୱିତ କରିବ ବୋଲି ସେମାନେ ମତ ପ୍ରକାଶ କରିଥିଲେ। ଦାଦାଙ୍କର ବିଜେଡିରେ ସାମିଲ ହେବା କେବଳ ବାଲେଶ୍ୱର ନୁହେଁ ଓଡ଼ିଶା ରାଜନୀତିକୁ ପ୍ରଭାବିତ କରିବ ବୋଲି ରାଜ୍ୟ ହେଭିୱେଟ୍ ନେତାମାନେ ଆଶା ପ୍ରକାଶ କରିଥିଲେ। ଦଳରେ ଯୋଗଦେବା ଅବସରରେ ଶ୍ରୀ ଦେ ବିଜେଡି ସୁପ୍ରିମୋ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଆଦର୍ଶ ଓ ବିକାଶର ଧାରାରେ ଅନୁପ୍ରାଣୀତ ହୋଇଥିବା କହିଥିଲେ। ବାଲେଶ୍ୱରର ବିକାଶ ପାଇଁ ରବୀନ୍ଦ୍ର ଜେନାଙ୍କ ଭଳି ନେତୃତ୍ୱ ପ୍ରତି ବିଶ୍ୱାସ ରଖି ସେ ଓ ତାଙ୍କର ସହଯୋଗୀମାନେ ଦଳରେ ଯୋଗଦେଇଥିବା କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଚଳିତ ଉପ-ନିର୍ବାଚନରେ ଦଳୀୟ ପ୍ରାର୍ଥିତ୍ୱକୁ ନେଇ ଅସନ୍ତୁଷ୍ଟ ଥିବା ପୂର୍ବତନ ବିଧାୟକ ଜୀବନ ପ୍ରଦୀପ ଦାଶ, ପୂର୍ବତନ ପୌରପାଳ ପ୍ରମୁଖ ଶୃଙ୍ଖଳିତ ଦଳୀୟ କର୍ମୀଙ୍କ ଭଳି ଏଥିରେ ଯୋଗ ଦେଇଥିବା ଦେଖିବାକୁ ମିଳିଥିଲା। ପୂର୍ବତନ ବ୍ରିଟ୍ ଅଧ୍ୟକ୍ଷ ଗୌରୀ କୁମାର ରାଉତ ଏହି କାର୍ଯ୍ୟକ୍ରମରେ ପ୍ରାରମ୍ଭିକ ସୂଚନା ଦେଇଥିବା ବେଳେ ନୀଳଗିରି ବିଧାନସଭା ଆସନର ବିଜେଡି ପ୍ରାର୍ଥୀ ସନ୍ତୋଷ ଖଟୁଆ ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। କରୋନା ସଂକ୍ରମଣକୁ ଦୃଷ୍ଟିରେ ଏହି ମିଶ୍ରଣ ପର୍ବରେ ଯଥା ସମ୍ଭବ ସାମାଜିକ ଦୂରତା ରକ୍ଷା ପାଇଁ ପ୍ରଚେଷ୍ଟା କରାଯାଇଥିଲା। ପ୍ରାର୍ଥୀ ଚୟନକୁ ନେଇ ବିଜେଡିରେ ଦେଖା ଦେଇଥିବା କନ୍ଦଳକୁ ପ୍ରଶମିତ କରିବା ଓ ଚଳିତ ଉପ-ନିର୍ବାଚନରେ ଭୋଟ ବିଭକ୍ତୀକରଣ ରୋକିବା ଦିଗରେ ବିଜେଡି ଜିଲ୍ଲା ସଭାପତିଙ୍କ ଗୋଟି ଚାଳନା ବେଶ୍ ସଫଳ ହୋଇଥିବା କୁହାଯାଉଛି। ତେବେ ୨୦୧୪ ନିର୍ବାଚନରେ କଂଗ୍ରେସ ଟିକେଟ୍‌ରେ ସଦର ଆସନ ପାଇଁ ପ୍ରତିଦ୍ୱନ୍ଦ୍ୱିତା କରି ଶ୍ରୀ ଦେ ୨୮ ହଜାର ୬୫୦ ଖଣ୍ଡ ଭୋଟ ପାଇଥିଲେ। ତନ୍ମଧ୍ୟରୁ କଂଗ୍ରେସ ଓ ତାଙ୍କର ନିସ୍ୱ ଭୋଟ କେତେ ତାହା ସମସ୍ତେ ଜାଣନ୍ତି। ଇତିମଧ୍ୟରେ ୭ ବର୍ଷ ବିତିବାକୁ ବସିଥିବା ବେଳେ ସମ୍ପ୍ରତି ଶ୍ରୀ ଦେଙ୍କର ଲୋକପ୍ରିୟତା ଚଳିତ ନିର୍ବାଚନରେ ବିଜେଡିକୁ ଜିତାଇବାରେ କେତେ ସହାୟ ହେବ ତାହା ସମୟ କହିବ।

ଗୁରୁବାର,୮ ଅକ୍ଟୋବର ୨୦୨୦

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା ୮

# ଭୁବନେଶ୍ୱରରେ କରୋନା ପଜିଟିଭ୍ ୨୪ ହଜାର ପାର୍

ଭୁବନେଶ୍ୱର,୭।୧୦ (ନି.ପ୍ର): ରାଜଧାନୀ ଭୁବନେଶ୍ୱରରୁ ବୁଧବାର ପୁଣି ୩୧୪ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ଏଥିରେ ୮୪ ଜଣ ସଂଗରୋଧ ଓ ୨୩୦ ଜଣ ସ୍ଥାନୀୟ ଅଂଚଳରୁ ଅଛନ୍ତି। ସେହିପରି ୨୪ ଘଂଟାରେ ଆଉ ୩୫୪ ଜଣ କରୋନା ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି। ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ପକ୍ଷରୁ ଟୁଇଟ ଜରିଆରେ ଏହି ସୂଚନା ଦିଆଯାଇଛି। ନୂତନ ଆକ୍ରାନ୍ତଙ୍କୁ ମିଶାଇ ମୋଟ ଅକ୍ରାନ୍ତଙ୍କ ସଂଖ୍ୟା ୨୪ ହଜାର ୨୨୮କୁ ବୃଦ୍ଧି ପାଇଥିବା ବେଳେ ଏଥିରୁ ୨୦ ହଜାର ୫୭୧ ଜଣ ସୁସ୍ଥ ହୋଇସାରିଛନ୍ତି। ଏବେ ୩ ହଜାର ୫୩୧ ଜଣ ଆକ୍ରାନ୍ତ ସକ୍ରିୟ ଆକ୍ରାନ୍ତ ଥିବା ବେଳେ ୧୦୫ ଜଣଙ୍କର ମୃତ୍ୟୁ ହୋଇଛି। ସଂଗରୋଧରୁ ଚିହ୍ନଟ କରୋନା ପଜିଟିଭ ବ୍ୟକ୍ତିମାନେ ପୂର୍ବରୁ ଆକ୍ରାନ୍ତ ହୋଇଥିବା ରୋଗୀଙ୍କ ସଂସ୍ପର୍ଶରେ ଆସିଥିଲେ। ଶୈଳଶ୍ରୀ ବିହାରରୁ ସର୍ବାଧିକ ୧୧ ଜଣ, ପଟିଆରୁ ୮ ଜଣ, ନିଳାଦ୍ରୀ ବିହାରରୁ ୭ ଜଣ, ଓଲ୍ଡ ଟାଉନ୍ ରୁ ୫ , ବଡ଼ଗଡ଼ ଓ ପୋଖରିପୁଟରୁ ୩-୩ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ସେହିପରି ସ୍ଥାନୀୟ ସଂକ୍ରମିତଙ୍କ ମଧ୍ୟରେ ପୁରୁଣା ଭୁବନେଶ୍ୱରରୁ ୧୫ ଜଣ ଓ ଝାରପଡ଼ାରୁ ୧୨ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ସେହିପରି ୟୁନିଟ-୬ରୁ ୧୦ ଜଣ, ବରମୁଣ୍ଡା, ସହିଦନଗର, ରସୁଲଗଡ଼ରୁ ୯ ଜଣ ଲେଖାଏଁ, ଖଣ୍ଡଗିରିରୁ ୮ ଜଣ, ୟୁନିଟ-୯ , ସୁନ୍ଦରପଦା ଓ ଲକ୍ଷ୍ମୀସାଗରରୁ ୭-୭ ଜଣ, ଟଙ୍କପାଣି ରୋଡ, ଚନ୍ଦ୍ରଶେଖରପୁରରୁ ୬-୬ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି।

# ଉପଜିଲ୍ଲାପାଳ ସୋନାଲ ଜେନାଙ୍କ ଗୁଡ଼ାରି ବ୍ଲକ ପରିଦର୍ଶନ



ଗୁଣୁପୁର,୭।୧୦ (ନି.ପ୍ର): ଗୁଣୁପୁର ଉପଜିଲ୍ଲାପାଳ ସୋନାଲ ଜେନା ଗୁଡ଼ାରି ବ୍ଲକର ବିଭିନ୍ନ ଅପହଞ୍ଚ ଇଲାକାକୁ ପରିଦର୍ଶନ କରି ସାଧାରଣ ଲୋକଙ୍କ ମୌଳିକ ସୁବିଧା ଓ ସୁଯୋଗ ଉପରେ ଗୁରୁତ୍ୱ ଦେଇ ପରଖି ଥିଲେ । ଉପଜିଲ୍ଲାପାଳ ଶ୍ରୀ ଜେ ସୋନାଲ ମଙ୍ଗଳବାର ଦିନ ରାୟଗଡ଼ା ଜିଲ୍ଲା ଅନ୍ତର୍ଗତ ଗୁଡ଼ାରୀ ବ୍ଲକ୍ ଗସ୍ତ କରି ବିଭିନ୍ନ ଅପହଞ୍ଚ ଅଞ୍ଚଳ ଚାଲିଚାଲି ଯାଇ ଲୋକଙ୍କ ସମସ୍ୟା ବିଷୟରେ ବୁଝିଥିଲେ । ଗୁଡ଼ାରୀ ବ୍ଲକ୍‌ର ମଧୁବନ, ପେଣ୍ଡିଲି, କରଲା ଘାଟି ଗ୍ରାମ ପଞ୍ଚାୟତର ବିଭିନ୍ନ ଗ୍ରାମକୁ ଯାଇ ଲୋକଙ୍କ ସହ ସୁବିଧା ଅସୁବିଧା ବିଷୟରେ ଆଲୋଚନା କରିଥିଲେ । ସେହିପରି ଶିକ୍ଷା, ସ୍ୱାସ୍ଥ୍ୟ, ରାସ୍ତାଘାଟ, ପାନୀୟଜଳ, ବିଜୁଳି, ମହାତ୍ମାଗାନ୍ଧୀ କର୍ମ ନିଯୁକ୍ତି ଯୋଜନା, ପି ଡି ଏସ ଚାଉଳ, ଡାଲି, କିରୋସିନ, ଭତ୍ତା ଠିକ୍ ସମୟରେ ପାଉଛନ୍ତି କି ନାହିଁ ପଚାରି ବୁଝିଥିଲେ । ଅଙ୍ଗନୱାଡ଼ି କର୍ମୀ, ଆଶାକର୍ମୀ, ଶିକ୍ଷକ ଠିକ୍ ଭାବରେ କାର୍ଯ୍ୟ କରୁଛନ୍ତି କି ନାହିଁ ପିଲାମାନେ ସ୍କୁଲ୍ ଯାଉଛନ୍ତି ନା ନାହିଁ ପଚାରି ବୁଝିଥିଲେ କ୍ଷ ଜୀମାରାଉ, ନାଉଳି, ଉଡରୁ, ଡି ପେଣ୍ଡିଲୀ ଭଳି ଅପହଞ୍ଚ ଅଞ୍ଚଳକୁ ଗସ୍ତ କରିଥିଲେ । ସ୍ଥାନୀୟ ଲୋକ ମାନେ ସରକାରୀ ସୁବିଧା ସୁଯୋଗରୁ ଯେପରି ବଞ୍ଚିତ ନହେବେ ସେଥିପ୍ରତି ଗୁରୁତ୍ୱ ଦେଇଥିଲେ । ଉପଜିଲ୍ଲାପାଳଙ୍କ ସହ ଗୁଡ଼ାରୀ ତହସିଲଦାର ଭାରତୀ ଦେବୀ, ବି ଡି ଓ ଶ୍ରୀ ନୃସିଂହ ଚରଣ ସେଠୀ, ସମସ୍ତ ବିଭାଗୀୟ ଅଧିକାରୀ ମାନେ ଉପସ୍ଥିତ ଥିଲେ ।

## ଜିଲ୍ଲାରୁ ଆଜି ଚିହ୍ନଟ ହେଲେ ନୂଆ ୨୮ ଆକ୍ରାନ୍ତ, ସୁସ୍ଥଙ୍କ ସଂଖ୍ୟା ୫ ହଜାର ଟପିଲା

ଭଦ୍ରକ,୭।୧୦(ହି.ସ) : ଆଜି ଭଦ୍ରକ ଜିଲ୍ଲାରୁ ନୂତନ କରୋନା ଆକ୍ରାନ୍ତ ୨୮ଜଣ ଚିହ୍ନଟ ହୋଇଛନ୍ତି । ଯାହା ଫଳରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ହୋଇଛି ୫୬୮୦ । ଜିଲ୍ଲାରୁ ମୋଟ ୯୨ ହଜାର ୫୩୭ଜଣଙ୍କ ନମୁନା ପରୀକ୍ଷା ପରେ ମୋଟ ଏହି ସଂଖ୍ୟକ ଆକ୍ରାନ୍ତ ଚିହ୍ନଟ ହୋଇଥିବା ବେଳେ ସେମାନଙ୍କ ମଧ୍ୟରୁ ୫୦୨୨ଜଣ ସୁସ୍ଥ ହୋଇଛନ୍ତି । ଏବେ ମୋଟ ସକ୍ରିୟ ଆକ୍ରାନ୍ତ ୬୪୩ଜଣ ଅଛନ୍ତି । ନୂତନ ଚିହ୍ନଟ ଆକ୍ରାନ୍ତମାନେ ଭଦ୍ରକ ପୌରପାଳିକାର ୫ଜଣ, ବନ୍ତ ବ୍ଲକର ୧୩ଜଣ, ଭଣ୍ଡାରିପୋଖରୀ ବ୍ଲକର ଜଣେ, ଧାମନଗର ବ୍ଲକର ୩ଜଣ ଏବଂ ତିହିଡି ବ୍ଲକର ୬ଜଣ ଆକ୍ରାନ୍ତ ରହିଛନ୍ତି ।

# ସାହିତ୍ୟିକ ଡ. ପୂର୍ଣ୍ଣଚନ୍ଦ୍ର ପାଢ଼ୀଙ୍କ ଅକାଳ ବିୟୋଗ

**ସୁବର୍ଣ୍ଣଶ୍ରୀ ପ୍ରତିଷ୍ଠାନ ପକ୍ଷରୁ ଗଭୀର ଶ୍ରଦ୍ଧାଞ୍ଜଳି**



ବାଲେଶ୍ୱର,୭।୧୦ (ନି.ପ୍ର): କରୋନା ମହାମାରୀ ଯେ କେତେ ଭୟଙ୍କର ତା'ର ଏକ ଜ୍ୱଳନ୍ତ ଚିତ୍ର ଦେଖିବାକୁ ମିଳିଛି ସାହିତ୍ୟିକ ଡ. ପୂର୍ଣ୍ଣଚନ୍ଦ୍ର ପାଢ଼ୀ ଓ ତାଙ୍କ ସ୍ତ୍ରୀଙ୍କ ଅକାଳବିୟୋଗରେ । ଉଭୟ ସ୍ୱାମୀ ସ୍ତ୍ରୀ କରୋନାରେ ଆକ୍ରାନ୍ତ ହୋଇ ଜଣେ ଭୁବନେଶ୍ୱର ଏ.ମ୍ସରେ ଓ ଆଉ ଜଣେ କଟକର ଏକ ଘରୋଇ ନର୍ସିଂହୋମ୍‌ରେ ଚିକିତ୍ସା ହେଉଥିଲାବେଳେ ଗତକାଲି ରାତିରେ ସ୍ତ୍ରୀ ଅରୁନ୍ଧତୀଙ୍କର ମୃତ୍ୟୁର ଦୁଇଘଣ୍ଟା ପରେ ଡ. ପାଢ଼ୀଙ୍କର ମୃତ୍ୟୁବରଣ ଘଟିଥିଲା । ଡ. ପାଢ଼ୀ ଥିଲେ ସୋର ନିକଟସ୍ଥ ମଙ୍ଗଳପୁର ଶ୍ରୀନିବାସ ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧକ୍ଷ । ଏଥିପୂର୍ବରୁ ରୂପସା ନୀଳମଣି ମହାବିଦ୍ୟାଳୟର ଅଧାପକ ଭାବରେ ଖୁବ୍ ସୁନାମ ଅର୍ଜନ କରିଥିଲେ । ଓଡ଼ିଆ ଭାଷା ସାହିତ୍ୟର ଗବେଷଣା କ୍ଷେତ୍ରରେ ଥିଲେ ସଦା ସମର୍ପିତ । କବିତା, ଗଳ୍ପ, ନାଟକ ଓ ପ୍ରବନ୍ଧ ରଚନାରେ ଥିଲେ ସିଦ୍ଧହସ୍ତ । ବିଶିଷ୍ଟ କବି ବ୍ରଜନାଥ ରଥଙ୍କ କାବ୍ୟକୃତିର ପ୍ରଥମ ଗବେଷକ ଭାବେ ୧୯୮୮ ମସିହାରେ ଗବେଷଣା ଆରମ୍ଭକରି ୧୯୯୪ ମସିହାରେ ଉତ୍କଳ ବିଶ୍ୱବିଦ୍ୟାଳୟରୁ ପିଏଚ. ଡି. ଉପାଧି ପ୍ରାପ୍ତ ହୋଇଥିଲେ, ଯାହାକୁ ୫୧୫ପୃଷ୍ଠା ସମ୍ବଳିତ "ବ୍ରଜନାଥ ରଥଙ୍କ କାବ୍ୟବିଶ୍ୱ" ନାମରେ ପୁସ୍ତକ ଆକାରରେ ୨୦୧୮ ମସିହାରେ ପ୍ରକାଶ କରାଇଥିଲେ । ସୋର ନିକଟସ୍ଥ କାନ୍ଥୀ ଗଡ଼ିଆ ଗ୍ରାମର କୃଷ୍ଣ ମୋହନ ପାଢ଼ୀର ସେ ଥିଲେ ସାନପୁଅ । ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କର ଶ୍ରୀଚରଣାଶ୍ରିତ ହୋଇ ସହ - ପ୍ରତି - ଋତ୍ୱିକ୍ ଭାବରେ ସମଗ୍ର ଅଡ଼ିଶାର କୋଣଅନୁକୋଣରେ ଓଜସ୍ୱିନୀ ବାଗ୍ମୀତା ମାଧ୍ୟମରେ ଭକ୍ତିର ସ୍ପନ୍ଦନ ସୃଷ୍ଟି କରାଇ ପାରୁଥିଲେ । ତାଙ୍କଭଳି ଜଣେ ଛାତ୍ରବତ୍ସଳ, କୃତି ଅଧ୍ୟାପକ, ଗବେଷକ ଓ ସୁସାହିତ୍ୟିକଙ୍କର ଅକସ୍ମାତ ସପତ୍ନୀଙ୍କ ବିଦାୟ ଓଡ଼ିଆ ସାହିତ୍ୟଜଗତ ପାଇଁ ଏକ ଶୂନ୍ୟସ୍ଥାନ ସୃଷ୍ଟିକଲା ବୋଲି ଓଡ଼ିଶା ସାହିତ୍ୟ ଏକାଡେମୀର ସଦସ୍ୟ ତଥା ସୁବର୍ଣ୍ଣଶ୍ରୀ ପ୍ରତିଷ୍ଠାନର ପ୍ରତିଷ୍ଠାତା କବି କାଳୀପଦ ପଣ୍ଡା ନିଜର ଶୋକବାର୍ତ୍ତାରେ ବର୍ଣ୍ଣନା କରି ତାଙ୍କ ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ ସହ ଶୋକସନ୍ତପ୍ତ ପରିବାର ବର୍ଗଙ୍କୁ ସମବେଦନା ଜଣାଇଛନ୍ତି । ଡ. ପାଢ଼ୀଙ୍କର ରହିଛନ୍ତି ଦୁଇଜଣ ଝିଅ ଅନମିତ୍ରା ଓ ଅନପୂର୍ବା ଏବଂ ଏକାମାତ୍ର ପୁଅ ପବିତ୍ର କିରଣ ପାଢ଼ୀ ।

## କବି ନିତ୍ୟାନନ୍ଦ ନାୟକ ପାଇବେ ୪୧ତମ ଶାରଳା ପୁରସ୍କାର



ଭୁବନେଶ୍ୱର,୭।୧୦ (ନି.ପ୍ର): ବିଶିଷ୍ଟ କବି ନିତ୍ୟାନନ୍ଦ ନାୟକ ପାଇବେ ୪୧ତମ ଶାରଳା ପୁରସ୍କାର। କବିତା ସଙ୍କଳନ 'ସେତେବେଳକୁ ନଥିବ' ପାଇଁ ତାଙ୍କୁ ପୁରସ୍କୃତ ପ୍ରଦାନ କରାଯିବ। ପୁରସ୍କାର ସ୍ୱରୂପ ତାଙ୍କୁ ନଗଦ ୫ ଲକ୍ଷ ଟଙ୍କା ଓ ମାନପତ୍ର ପ୍ରଦାନ କରାଯିବ। ଇମ୍ପାକ୍ଟ ପକ୍ଷରୁ ବୁଧବାର ଏହି ଘୋଷଣା କରାଯାଇଛି । ସଂଗୀତ କ୍ଷେତ୍ରରେ ରଂଜିତ କୁମାର ନାଗ ଓ ଚିତ୍ରକଳା କ୍ଷେତ୍ରରେ ଶ୍ୟାମସୁନ୍ଦର ପଟ୍ଟନାୟକ 'ଇଲା ପଣ୍ଡା ସଂଗୀତ ଓ ଚିତ୍ରକଳା ସମ୍ମାନ'ରେ ସମ୍ମାନିତ ହେବେ । ଏ ଦୁହିଁଙ୍କୁ ସମ୍ମାନ ସ୍ୱରୂପ ୧.୫ ଲକ୍ଷ ଲେଖାଏଁ ଟଙ୍କା ମିଳିବ।

# ବିଶ୍ୱବିଦ୍ୟାଳୟ ସଂଶୋଧନ ବିଲ୍ ପ୍ରତ୍ୟାହାର କରିବା ନେଇ ରାଜ୍ୟପାଳଙ୍କ ହସ୍ତକ୍ଷେପ ଲୋଡ଼ିଲା ବିଜେପି

ଭୁବନେଶ୍ୱର,୭।୧୦ (ନି.ପ୍ର): ଓଡିଶା ବିଶ୍ୱବିଦ୍ୟାଳୟ ସଂଶୋଧନ ଅଧିନିୟମ-୨୦୨୦ ଏକ କଳା ଆଇନ । ଏହାଦ୍ୱାରା ବିଶ୍ୱବିଦ୍ୟାଳୟଗୁଡିକର ସ୍ୱତନ୍ତ୍ରତା ନଷ୍ଟ ହେବ । ରାଜ୍ୟରେ ଉଚ୍ଚ ଶିକ୍ଷାର ସ୍ୱାର୍ଥ ଦୃଷ୍ଟିରୁ ରାଜ୍ୟପାଳ ଏହି ଅଧିନିୟମକୁ ତୁରନ୍ତ ଫେରସ୍ତ କରନ୍ତୁ ବା ଏହି ବିଲକୁ ରାଷ୍ଟ୍ରପତିଙ୍କ ପାଖକୁ ମତ ପାଇଁ ପଠାଇବାକୁ ରାଜ୍ୟପାଳଙ୍କ ପାଖରେ ନିବେଦନ କରିଛି ବିଜେପି ।

ବିରୋଧୀ ଦଳ ନେତା ଶ୍ରୀ ପ୍ରଦୀପ୍ତ କୁମାର ନାଏକଙ୍କ ନେତୃତ୍ୱରେ ବିଜେପି ପ୍ରତିନିଧି ଦଳ ରାଜ୍ୟପାଳଙ୍କ ନିକଟରେ ଅନୁରୋଧ କରି କହିଛନ୍ତି କି, ଓଡିଶାରେ ୟୁଜିସି ଦ୍ୱାରା ସ୍ୱୀକୃତିପ୍ରାପ୍ତ ୧୧ଟି ବିଶ୍ୱବିଦ୍ୟାଳୟ ରାଜ୍ୟସରକାରଙ୍କ ଅଧୀନରେ ରହିଛି । ଏହା ମଧ୍ୟରେ ଟେକ୍ନିକାଲ ଓ ମେଡିକାଲ ବିଶ୍ୱବିଦ୍ୟାଳୟ ଅର୍ନ୍ତଭୁକ୍ତ ନୁହେଁ । ଗତ ସେପ୍ଟେମ୍ବର ୪ ତାରିଖରେ ରାଜ୍ୟ ସରକାର ତରବରିଆ ଭାବେ ଓଡିଶା ବିଶ୍ୱବିଦ୍ୟାଳୟ ସଂଶୋଧନ ଅଧିନିୟମ-୨୦୨୦କୁ ମଞ୍ଜୁରୀ ପ୍ରଦାନ କଲେ । ଏପରିକି ଏହି ଅଧିନିୟମ ପ୍ରସଙ୍ଗରେ କୌଣସି ବୁଦ୍ଧିଜିବୀ, ଶିକ୍ଷାବିତ୍, ବିଶିଷ୍ଟ ନାଗରିକ, ହିତକ୍ଷାଙ୍କିଙ୍କ ସହ ଆଲୋଚନା ମଧ କରିଲେ ନାହିଁ । ଏହା ଦ୍ୱାରା ବିଶ୍ୱବିଦ୍ୟାଳୟର ସ୍ୱାୟତତା କ୍ଷୁର୍ଣ୍ଣ ହେବା ସହ କୁଳାଧିପତିଙ୍କ ମର୍ଯ୍ୟାଦାର ହାନି ହେଉଛି । ଏହି ବିଲରେ ସିନେଟ ବ୍ୟବସ୍ଥା ଉଚ୍ଛେଦ କରି ଓପିଏସ ଜରିଆରେ ଅଧାପକ ନିଯୁକ୍ତି କରାଯିବାର ବ୍ୟବସ୍ଥା ରହିଛି । ଏଭଳି ନିଷ୍ପତି ଦ୍ୱାରା ବିଶ୍ୱବିଦ୍ୟାଳୟର ଅଭିବୃଦ୍ଧିରେ ବାଧା ସୃଷ୍ଟି ହେବ ଏବଂ ବିଶ୍ୱବିଦ୍ୟାଳୟଗୁଡିକ ସ୍ୱାଧୀନ ଭାବେ ରିସର୍ଚ୍ଚ କ୍ଷେତ୍ର ଓ ପାଠକ୍ରମରେ କୌଣସି ନିଷ୍ପତି ନେଇ ପାରିବେ ନାହିଁ ବୋଲି ବିଜେପି ପ୍ରତିନିଧି ଦଳ ର ରାଜ୍ୟପାଳଙ୍କୁ ଅବଗତ କରାଇଛନ୍ତି । ସରକାରୀ ଓ ଅମଲାତନ୍ତ୍ର ନୋମିନି ମାନେ କୁଳପତି ଚୟନ କରିବେ । ଅନୁଷ୍ଠାନର ମୁଖ୍ୟ ଜଣେ ପ୍ରଶାସନିକ ଅଧିକାରୀ ହେଲେ, ରାଜନୈତିକ ହସ୍ତକ୍ଷେପ ଓ ଚାପ କାରଣରୁ ଶିକ୍ଷା ବ୍ୟବସ୍ଥା ଓ ଶିକ୍ଷାର ମାନ ହ୍ରାସ ପାଇବ । ପୂର୍ବରୁ ପ୍ରଫେସର, ସହଯୋଗୀ ପ୍ରଫେସର, ଅନ୍ୟ ଅଧାପକ, ନନ୍ ଟିଂଚିଙ୍ଗ ଷ୍ଟାଫ ମାନଙ୍କୁ କୁଳପତିଙ୍କ ଦ୍ୱାରା ଚୟନ କମିଟି ନିଯୁକ୍ତି ଦେଉଥିଲା । ଏବେ 'ଓଡିଶା ଜନ ସେବା ଆୟୋଗ' ଶିକ୍ଷକ ଓ ରିସର୍ଚ୍ଚର ମାନଙ୍କୁ ଏବଂ ନନ୍ ଟିଂଚିଙ୍ଗ ଷ୍ଟାଫମାନଙ୍କୁ 'ଷ୍ଟାଫ୍ ସିଲେକ୍ସନ ବୋର୍ଡ' ଦ୍ୱାରା ନିଯୁକ୍ତି କରାଯିବ । ନୂତନ ଶିକ୍ଷାନୀତି -୨୦୨୦ ଦ୍ୱାରା କେନ୍ଦ୍ର ସରକାର ବିଶ୍ୱବିଦ୍ୟାଳୟ ଗୁଡିକୁ ଅନେକ ସ୍ୱତନ୍ତ୍ରତା ପ୍ରଦାନ କରିଛନ୍ତି । କେନ୍ଦ୍ରସରକାର ବିଶବବିଦ୍ୟାଳୟ ଗୁଡିକର ଶିକ୍ଷାଭିତିଭୂମି, ଲ୍ୟାବ, ଗବେଷଣା ଆଦିକୁ ଉନ୍ନତ ମାନର କରିବା ପାଇଁ ୟୁଜିସି ଶିକ୍ଷକ ମାନଙ୍କୁ ଅନେକ ଟଙ୍କା ପ୍ରଦାନ କରୁଛନ୍ତି । ଯଦି କୁଳପତିଙ୍କ ଉପରେ ରାଜ୍ୟସରକାରଙ୍କ ଅଙ୍କୁଶ ରହିବ ତେବେ ଅନ୍ୟ ସରକାରୀ କର୍ମଚାରୀ ପରି ସେ ଦାୟୀତ୍ୱ ତୁଲାଇବେ । ରାଜ୍ୟର ସମସ୍ତ ଶିକ୍ଷାବିତ୍, ବୁଦ୍ଧିଜୀବି, ବିଶିଷ୍ଟ ନାଗରିକ, ହିତକ୍ଷାଂକୀମାନେ ଏହି "ଓଡିଶା ବିଶ୍ୱବିଦ୍ୟାଳୟ ସଂଶୋଧନ ଅଧିନିୟମ-୨୦୨୦"କୁ ବିରୋଧ କରୁଥିବାବେଳେ, ତରବରିଆ ଏବଂ ଜୋରଜବରଦସ୍ତ ଭାବେ ଏହାକୁ କାର୍ଯ୍ୟକାରୀ କରାଇ ରାଜ୍ୟ ସରକାର ନିଜର ଉଚ୍ଚ ଶିକ୍ଷା ବିରୋଧୀ ବାର୍ତାକୁ ସ୍ପଷ୍ଟ କରିଛନ୍ତି ବୋଲି ବିଜେପି ପ୍ରତିନିଧି ଦଳ ରାଜ୍ୟପାଳଙ୍କୁ କହିଛନ୍ତି । ତେଣୁ ରାଜ୍ୟର ଉଚ୍ଚ ଶିକ୍ଷାମାନର ସୁରକ୍ଷା ପାଇଁ ରାଜ୍ୟପାଳ ଏହି ବିଲ୍‌କୁ ଫେରାଇ ଦିଅନ୍ତୁ ବା ବିଚାର ପାଇଁ ମହାମହିମ ରାଷ୍ଟ୍ରପତିଙ୍କ ପାଖକୁ ପଠାଇବା ପାଇଁ ବିଜେପି ପ୍ରତିନିଧି ଦଳ ଅନୁରୋଧ କରିଛନ୍ତି । ଏହି ପ୍ରତିନିଧୀ ଦଳରେ ବିରୋଧୀ ଦଳ ସଚେତକ ବିଧାୟକ ମୋହନ ମାଝୀ, ଡ.ମୁକେଶ ମହାଲିଙ୍ଗ ଏବଂ ରାଜ୍ୟ ସାଧାରଣ ସଂପାଦିକା ଡ.ଲେଖାଶ୍ରୀ ସାମନ୍ତସିଂହାର ପ୍ରମୁଖ ସାମିଲ ଥିଲେ ।

# ଦିନକରେ ୧୨୧ପଜିଟିଭ୍ ଚିହ୍ନଟ : ଜିଲ୍ଲାର କରୋନା ସଂକ୍ରମିତ ସଂଖ୍ୟା ୮୨୭୮କୁ ବୃଦ୍ଧି

ବାଲେଶ୍ୱର,୭।୧୦(ନି.ପ୍ର): ସାମ୍ପ୍ରତିକ ସ୍ଥିତିରେ ବଢ଼ି ଚାଲିଥିବା କରୋନା ସଂକ୍ରମଣ ସମଗ୍ର ବିଶ୍ୱ ପାଇଁ ବିପଦମୟ ସ୍ଥିତି ସୃଷ୍ଟି କରିଛି । ଭାରତ ଭଳି ଜନବହୁଳ ରାଷ୍ଟ୍ରରେ କରୋନା ସଂକ୍ରମିତଙ୍କ ସଂଖ୍ୟା ୬୭ ଲକ୍ଷ ଅତିକ୍ରମ କରିଥିବା ବେଳେ ମୃତ୍ୟୁ ସଂଖ୍ୟା ବି ୧ଲକ୍ଷ ୪ହଜାର ଟପିଛି । ସେହିଭଳି ଓଡ଼ିଶାରେ ଆଜି ଗୋଟିଏ ଦିନରେ ୨୯୯୫ ଜଣ ପଜିଟିଭ୍ ଚିହ୍ନଟ ହୋଇଥିବା ବେଳେ ଅଦ୍ୟାବଧି ରାଜ୍ୟର କରୋନା ସଂକ୍ରମିତଙ୍କ ସଂଖ୍ୟା ୨ଲକ୍ଷ ୪୦ହଜାର ୯୯୮ରେ ପହଞ୍ଚିଛି । ଅନ୍ୟପକ୍ଷରେ ଆଜି ୧୮ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ଅଦ୍ୟାବଧି ରାଜ୍ୟରେ କରୋନା ମୃତ୍ୟୁ ସଂଖ୍ୟା ୯୫୮ ଛୁଇଁଛି । ତେବେ ରାଜ୍ୟର ଅନ୍ୟାନ୍ୟ ଜିଲ୍ଲା ତୁଳନାରେ ବାଲେଶ୍ୱରର କରୋନା ସଂକ୍ରମଣ ଉଦବେଗ ଜନକ ସ୍ଥିତିକୁ ଯାଉଥିବା ଲକ୍ଷ୍ୟ କରାଯାଇଛି । ଆଜି ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ମୋଟ ୧୨୧ ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଥିବା ବେଳେ ଅଦ୍ୟାବଧି ଜିଲ୍ଲାରେ ସଂକ୍ରମିତଙ୍କ ସଂଖ୍ୟା ୮୨୭୮ରେ ପହଞ୍ଚିଛି । ଏବେ ସୁଦ୍ଧା ଜିଲ୍ଲାରେ ୭୩୮୫ଜଣ କରୋନା ରୋଗୀ ସୁସ୍ଥ ହୋଇଥିବା ହୋଇଥିବା ବେଳେ ଏକ୍ଟିଭ୍ ଥିବା ୮୪୫ ଜଣ କରୋନା ଆକ୍ରାନ୍ତ କୋଭିଡ୍ ହସ୍ପିଟାଲ, କୋଭିଡ୍ କେୟାର ସେଣ୍ଟର ସହ ହୋମ ଆଇସୋଲେସନରେ ରହି ଚିକିତ୍ସିତ ହେଉଛନ୍ତି । ଅନ୍ୟପକ୍ଷରେ ଆଜି ବାଲେଶ୍ୱର ଜିଲ୍ଲାର ୪ଜଣ କରୋନା ଆକ୍ରାନ୍ତଙ୍କର ମୃତ୍ୟୁ ହୋଇଥିବା ଜଣାପଡ଼ିଛି । ଅନ୍ୟାନ୍ୟ ରୋଗରେ ପୀଡ଼ିତ ଥାଇ କରୋନା ଆକ୍ରାନ୍ତ ହୋଇଥିବା ବାଲେଶ୍ୱର ଜିଲ୍ଲାର ୯୪ ବର୍ଷର ମହିଳାଙ୍କ ସମେତ ୭୦, ୬୬ ଓ ୭୨ ବର୍ଷର ୩ ଜଣ ପୁରୁଷ କରୋନା ରୋଗୀଙ୍କର ମୃତ୍ୟୁ ହୋଇଥିବା ସରକାରୀ ସୂତ୍ରରୁ ପ୍ରକାଶ । ଅଦ୍ୟାବଧି ଜିଲ୍ଲାର କରୋନା ଜନିତ ମୃତ୍ୟୁ ସଂଖ୍ୟା ୪୨ରେ ପହଞ୍ଚିଛି । ତେବେ ବଢୁଥିବା କରୋନା ସଂକ୍ରମଣକୁ ଦୃଷ୍ଟିରେ ରଖି ସମସ୍ତ ପ୍ରକାର ସତର୍କତା ଅବଲମ୍ବନ ପାଇଁ ଜିଲ୍ଲାବାସୀଙ୍କୁ ପ୍ରଶାସନ ପକ୍ଷରୁ ପରାମର୍ଶ ଦିଆଯାଇଛି ।

## ପେଟ୍ରୋଲ ପମ୍ପ ଅଗ୍ନିକାଣ୍ଡ ଘଟଣାର ତଦନ୍ତ ନିର୍ଦ୍ଦେଶ ଦେଲେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ

ଭୁବନେଶ୍ୱର,୭।୧୦ (ନି.ପ୍ର): ଭୁବନେଶ୍ୱର ରାଜଭବନ ନିକଟସ୍ଥ ପେଟ୍ରୋଲ ପମ୍ପରେ ଅଗ୍ନିକାଣ୍ଡ ଖବର ଜାଣିବା ପରେ ଘଟଣାର ତଦନ୍ତ କରିବାକୁ ପେଟ୍ରୋଲିୟମ ଓ ପ୍ରାକୃତିକ ଗ୍ୟାସ ବିଭାଗର ସଚିବଙ୍କୁ ନିର୍ଦ୍ଦେଶ ଦେଇଛନ୍ତି କେନ୍ଦ୍ର ପେଟ୍ରୋଲିୟମ୍ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ଶ୍ରୀ ପ୍ରଧାନ ଟ୍ୱିଟ୍ କରି କହିଛନ୍ତି ଯେ ରାଜ୍ୟ ସରକାରଙ୍କ ବରିଷ୍ଠ ଅଧିକାରୀ ଓ ଇଣ୍ଡିଆନ୍ ଅଏଲର ଅଧିକାରୀ ମାନଙ୍କ ସହ ଆଲୋଚନା କରି ତୁରନ୍ତ ଘଟଣାର ତଦନ୍ତ ରିପୋର୍ଟ ଦେବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ଆହତ ମାନଙ୍କର ଆଶୁ ଆରୋଗ୍ୟ କାମନା କରିବା ସହ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଆଶୀର୍ବାଦରୁ ଶୀଘ୍ର ଆରୋଗ୍ୟ ହୋଇ ଫେରିବେ ବୋଲି ସେ ଆଶା ପ୍ରକଟ କରିଛନ୍ତି।

# ପେଟ୍ରୋଲ ପମ୍ପ ପାଖ ଘର କ୍ଷତିଗ୍ରସ୍ତ

ଭୁବନେଶ୍ୱର,୭।୧୦ (ନି.ପ୍ର): ରାଜଭବନ ନିକଟ ପେଟ୍ରୋଲ ପମ୍ପରେ ବିସ୍ଫୋରଣ ଫଳରେ ଆଖପାଖରେ ଥିବା ଘର ଓ ଦୋକାନ କ୍ଷତିଗ୍ରସ୍ତ ହୋଇଛି। କିଛି ଘରର ଛାତ ଉଡି ଯାଇଥିବା ବେଳେଆଉ କିଛି ଘରର କାନ୍ଥ ଓ ପାଚେରୀ ନଷ୍ଟ ହୋଇଛି। ଅନ୍ୟ ଏକ ଘରର ଝରକା ଉଡି ଚାଲିଯାଇଛି। ଘରେ ଲାଗିଥିବା କାଚ ଭାଙ୍ଗି ତଳେ ପଡିଛି। ଘର ସାମ୍ନାରେ ରଖାଯାଇଥିବା କାର ର କାଚ ଭାଙ୍ଗି ଚୂନା ହୋଇଯାଇଛି। ନିକଟରେ ଥିବା ଦୋକାନ୍ ଘର ଗୁଡିକ ମଧ୍ୟ ଛିନଛତ୍ର ହୋଇଯାଇଛି। ଅନ୍ୟପକ୍ଷରେ ବିସ୍ଫୋରଣ ରହିଯାଇଥିବା ଗ୍ୟାସ୍ ପେଟ୍ରୋଲ , ଡିଜେଲ ନିଷ୍କାସନ ନହେବା ପର୍ଯ୍ୟନ୍ତ ସ୍ଥାନୀୟ ଲୋକଙ୍କୁ ସତର୍କ ରହିବାକୁ କୁହାଯାଇଛି। ଘରୁ ନବାହାରିବା ସହ ଗ୍ୟାସ୍ ଚୁଲା ନଲଗାଇବାକୁ କୁହାଯାଇଛି।

# ଭାରତୀୟ ମଜଦୂର ସଂଘ ଏବଂ ରାୟଗଡ଼ା ଜିଲ୍ଲା ସଫେଇ ମଜଦୂର ସଂଘ ତରଫରୁ ଗଣବିକ୍ଷୋଭ



ରାୟଗଡା,୭।୧୦ (ନି.ପ୍ର): ଭାରତୀୟ ମଜଦୁର ସଂଘ ଏବଂ ରାୟଗଡ଼ା ଜିଲ୍ଲା ସଫେଇ ମଜଦୁର ସଂଘ ତରଫରୁ ଆଜି ବୁଧବାର ୭ ତାରିଖ ସକାଳ ୧୧.୩୦ ଘଣ୍ଟା ସମୟରେ ଜଗନ୍ନାଥ ମନ୍ଦିର ଠାରୁ ଏକ ବିରାଟ ସୋଭାଯାତ୍ରା ବାହାରି ପୈରପରିସଦ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବି ପତ୍ର ପ୍ରଦାନ କରାଯିବ ତେଣୁ ଆପଣଙ୍କ ଉପସ୍ଥିତି ଏବଂ ସହଯୋଗ କାମନା କରୁଛୁ , ରାୟଗଡ଼ ଭାରତୀୟ ମଜଦୁର ସଂଘ ରାୟଗଡା - ଭାରତୀୟ ମଜଦୁର ସଂଘ ଏବଂ ରାୟଗଡ଼ା ଜିଲ୍ଲା ସଫେଇ ମଜଦୁର ସଂଘ ତରଫରୁ ଆଜି ବୁଧବାର ୭ ତାରିଖ ସକାଳ ୧୧.୩୦ ଘଣ୍ଟା ସମୟରେ ଜଗନ୍ନାଥ ମନ୍ଦିର ଠାରୁ ଏକ ବିରାଟ ସୋଭାଯାତ୍ରା ବାହାରି ପୈ ।ରପରିସଦ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବି ପତ୍ର ପ୍ରଦାନ କରାଯିବ ତେଣୁ ଆପଣଙ୍କ ଉପସ୍ଥିତି ଏବଂ ସହଯୋଗ କାମନା କରୁଛୁ , ରାୟଗଡ଼ ଭାରତୀୟ ମଜଦୁର ସଂଘ ଭାରତୀୟ ମୋଜଦୂର ସଂଘର ରାଜ୍ୟ ନିଷ୍ପତି କ୍ରମେ, ସମସ୍ତ ବ୍ଲକର ଗୋଷ୍ଠି ଉନ୍ନୟନ ଅଧିକାରୀ ଏବଂ ପୌର କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କ ଜରିଆରେ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୫ଦଫା ଦାବି ଏବଂ ରାୟଗଡ଼ା ଜିଲ୍ଲା ସଫେଇ ମୋଜଦୂର ସଂଘ ତରଫରୁ ୧୪ଦଫା ଦାବି ପୌର କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କୁ ପ୍ରଦାନ କରାଯାଇଛି । ଏହି ଉପଲକ୍ଷେ ଆଜି ରାୟଗଡ଼ା ବ୍ଲକ ର ସଭାପତି ଗୋପୀନାଥ ଗୌଡ଼ ସମ୍ପାଦକ ଦୁର୍ଗାମାଧବ ଘୋଷଙ୍କ ନେତୃତ୍ୱରେ କୋଭିଡ୧୯କୁ ଦୃଷ୍ଟିରେ ରଖି ସାମାଜିକ ସୁରକ୍ଷାକୁ ବଜାୟ ରଖି ସ୍ଥାନୀୟ ଜଗନ୍ନାଥ ମନ୍ଦିର ନିକଟରେ ସଂଘର ସମସ୍ତ ସଦସ୍ୟ ଏକତ୍ରିତ ହୋଇ ସହରର ମୁଖ୍ୟ ବଜାର ଦେଇ, ରାୟଗଡ଼ା ପୌର ପରିଷଦ କାର୍ଯ୍ୟଳୟ ସମ୍ମୁଖରେ ପହଁଞ୍ଚୀ ବିକ୍ଷୋଭ ପ୍ରଦର୍ଶନ କରିବା ସହ ୫ଦଫା ଦାବି ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏବଂ ସଫେଇ ମୋଜଦୂର ସଂଘର୧୪ଦଫା ଦାବି ପୌର ନିର୍ବାହୀ ଅଧିକାରୀ ଶ୍ରୀ ସଚିଦାନନ୍ଦ ଶତପଥି ଙ୍କୁ ପ୍ରଦାନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଭାରତୀୟ ମୋଜଦୂର ସଂଘର ରାଜ୍ୟ ସମ୍ପାଦକ ତଥା ଜିଲ୍ଲା ସଭାପତି ଶ୍ରୀ ଯୋଗେଶ୍ୱର ଦାସ, ସମ୍ମାନୀୟ ଅତିଥି ଭାବେ ଜିଲ୍ଲା ସମ୍ପାଦକ ଖଗେଶ୍ୱର ସିଂ ଜିଲ୍ଲା ଉପ ସଭାପତି ମୋହନ ରାଓ ମାଝୀ, କୋଲନରା ବ୍ଲକ ସଭାପତି ଶ୍ରୀ ପ୍ରଦୀପ କୁମାର ମିଶ୍ର, ସମ୍ପାଦକ ସହଦ୍ୱେ ନାୟକ, ଉପସ୍ଥିତ ଥିଲେ। ମୁଖ୍ୟ ଅତିଥି ଯୋଗେଶ୍ୱର ଦାସ ତାଙ୍କ ଅଭିଭାଷଣରେ ପ୍ରକାଶ କରିଥିଲେ ଯେ, ବର୍ତ୍ତମାନ ରାଜ୍ୟ ସରକାର କରୋନା ନାଁ ରେ ଶ୍ରମିକ ମାନଙ୍କୁ ବିଭିନ୍ନ ଆଳ ଦେଖାଇ ହଇରାଣ ହରକତ କରୁଥିବା ଦେଖିବାକୁ ମିଳୁଛି। ତାହା ତୁରନ୍ତ ବନ୍ଦ କରି ଶ୍ରମିକ ମାନଙ୍କୁ ତୁରନ୍ତ କର୍ମ ନିଯୁକ୍ତି ଦେବା ସହ, ସେମାନଙ୍କ ସ୍ଥାୟୀ ଥଇଥାନ ପାଇଁ ଦାବି କରିଛନ୍ତି। ଉକ୍ତ କାର୍ଯ୍ୟକ୍ରମକୁ କୃଷି ଗ୍ରାମୀଣ ମୋଜଦୂର ସଂଘର ଜିଲ୍ଲା ସଭାପତି ରମେଶ କିଲ୍ଲାକା, ଶ୍ରମଜୀବୀ ସଂଘର କସ୍ତୁରୀ ନାୟକ, ସଫେଇ ମୋଜଦୂର ସଂଘର ଏମ.ରାବଣା ଏବଂ ଲକ୍ଷ୍ମୀକାନ୍ତ କୁମାର ସହଯୋଗ କରିଥିଲେ। ଉକ୍ତ ଦାବି ମଧ୍ୟରେ ଯଥା : ସମସ୍ତ ପ୍ରବାସୀ ଶ୍ରମିକ ତଥା ବେକାର ଯୁବକ ଯୁବତୀ ମାନଙ୍କ ଦକ୍ଷତା ଅନୁଯାୟୀ ନିଯୁକ୍ତି ଓ କର୍ମ ସଂସ୍ଥାନ ଯୋଗାଇ ଦିଆଯାଉ। ଅର୍ଥାଭାବ ଦେଖାଇ କୌଣସି ଠିକା ଓ କଣ୍ଟ୍ରାକ୍ଟୁଆଲ କର୍ମଚାରୀଙ୍କୁ ଛୋଟେଇ କରା ନ ଯାଉ। ଟ୍ୟାକ୍ସି, ଅଟୋ, ରିକ୍ସା ଚାଳକ, ପରିବା ବ୍ୟବସାୟୀ, ନିର୍ମାଣ ଶ୍ରମିକ ଓ ଉଠା ଦୋକାନୀ ଆଦି ସମସ୍ତ ଅଣ ସଙ୍ଗଠିତ ଶ୍ରମିକଙ୍କୁ ତାଲା ବନ୍ଦ ସମୟରେ ମାସିକ୨୦୦୦ ଟଙ୍କା କରୋନା ସହାୟତା ରାଶି ପ୍ରଦାନ କରାଯାଉ। ପୌର ପରିଷଦ ଅଧୀନରେ କାର୍ଯ୍ୟ କରୁଥିବା ସଫେଇ କର୍ମଚାରୀ ମାନଙ୍କୁ ତୁରନ୍ତ ସପ୍ତମ ବେତନ କମିଶନ ଲାଗୁ କରାଯାଉ, କୁଶଳୀ ଶ୍ରମିକର ଦିନିକିଆ ମଜୁରୀ ପ୍ରଦାନ କରାଯାଉ, ଶ୍ରମିକ ଅସୁସ୍ଥ ହେଲେ ଚିକିତ୍ସା ପାଇଁ ସମସ୍ତ ଖର୍ଚ୍ଚ ପୌର ପରିଷଦ ବହନ କରୁ, ଶ୍ରମିକ ରହିବା ପାଇଁ ଉପଯୁକ୍ତ ବାସ ଗୃହ ଯୋଗାଇ ଦିଆଯାଉ, ସ୍ତ୍ରୀ କିମ୍ବା ପୁରୁଷ ଶ୍ରମିକ ଙ୍କୁ ସମାନ କାମକୁ ସମାନ ଦରମା ପ୍ରଦାନ କରାଯାଉ, ସଫେଇ କର୍ମଚାରୀଙ୍କୁ ପିଏଫ ଏବଂ ଇଏସଆଇ କାର୍ଡ ପ୍ରଦାନ କରାଯାଉ, ପର୍ବ ପର୍ବାଣୀରେ ବନସ ପ୍ରଦାନ କରାଯାଉ। ପୌର ପରିଷଦରେ କାର୍ଯ୍ୟ କରୁଥିବା କର୍ମଚାରୀଙ୍କୁ ପୌର ପରିଷଦର କର୍ମଚାରୀ ରୂପେ ଘୋଷଣା କରାଯାଉ।

# ବାରିପଦା ମ୍ୟୁନିସିପାଲିଟି ତରଫରୁ ଶୋକସଭା ଅନୁଷ୍ଠିତ



ବାରିପଦା,୭।୧୦ (ନି.ପ୍ର): ବାରିପଦା ପୌରପରିଷଦ କାର୍ଯ୍ୟାଳୟ ପରିସରରେ ମୃତ୍ୟୁବରଣ କରିଥିବା ବାରିପଦା ପୌରପରିଷଦ ନିର୍ବାହୀ ଯନ୍ତ୍ରୀଙ୍କ ଶୋକସଭା ଅନୁଷ୍ଠିତ ହୋଇଛି । ନିର୍ବାହୀ ଯନ୍ତ୍ରୀ ପ୍ରଦୀପ୍ତ କୁମାର ଦାଶଙ୍କ ଉଦ୍ଦେଶ୍ୟରେ ସମସ୍ତ ଅଫିସର ଓ କର୍ମଚାରୀ ସମୁହ ଶୋକ ପାଳନ କରିଥିଲେ । ତାଙ୍କ ଅମର ଆତ୍ମାର ସଦଗତି ନିମନ୍ତେ ସମସ୍ତେ ମିଳିତ ଭାବେ ପ୍ରାର୍ଥନା କରିବା ସହ ଶ୍ରଦ୍ଧାଳି ଜଣାଇଛନ୍ତି । ବାରିପଦା ଉପ ଜିଲ୍ଲାପାଳ ତଥା ବାରିପଦା ପୋ ?ରପାଳିକାର ନିର୍ବାହୀ ଅଧିକାରୀ ପି.ଅନ୍ୱେଷା ରେଡ୍ଡି ସ୍ୱର୍ଗତ ଦାସଙ୍କ ଫୋଟ ଚିତ୍ରରେ ପୁଷ୍ପ ଅର୍ଘ୍ୟ ଅର୍ପଣ କରିବା ସହିତ ତାଙ୍କର ଅମର ଆତ୍ମାର ସଦ୍‌ଗତି କାମନା କରିଥିଲେ । ଏଥି ସହିତ ବାରିପଦା ପୌରପାଳିକା କର୍ମଚାରୀ ସଙ୍ଘର ସାଧାରଣ ସମ୍ପାଦକ ତରୁଣ କୁମାର ବାରିକ ପୌରହିତରେ କିଛି ସମୟର ନିରବ ପାର୍ଥନା କରିବା ସହିତ ତାଙ୍କର ସ୍ମୃତିଚାରଣ କରିଛନ୍ତି ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: **ସୃଷ୍ଟିଧର ପରିଡ଼ା**
❒ ସଂପାଦିକା : **ସୈରିନ୍ଧ୍ରୀ ସାହୁ**

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704,267078, Fax- (06782) 267078

❒ Managing & Executive Editor : Srustidhar Parida
❒ Editor: Sairindhree Sahoo